


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-31 ◆FRIDAY ◆25 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧ ◆ଶୁକ୍ରବାର ◆୨୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚୀନ୍ ସୀମାରେ ରୁଷ୍ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



■ **ମସ୍କୋ, ୨୪।୭ (ଏଜେନ୍ସି):** ରୁଷର ଏକ ଯାତ୍ରୀ ବିମାନ ଏଏନ୍-୨୪ ଆଜି ଚୀନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୪୯ ଜଣ ଯାତ୍ରୀ ଓ କର୍ମଚାରୀ ପ୍ରାଣ ହରାଇଛନ୍ତି। ଟିଣ୍ଡା ବିମାନ ବନ୍ଦରଠାରୁ ପାଖାପାଖି ୧୬ କିମି ଦୂରରେ ଏକ ପାହାଡ଼ ଉପରେ ବିମାନର ଧ୍ୱଂସାବଶେଷ ମିଳିଛି। ବିମାନ ଖବାରୋଭସ୍କରୁ ବ୍ଲାଗୋଭେଶ୍ଚେନସ୍କ ଦେଇ ଟିଣ୍ଡା ଯାଉଥିଲା। ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ଯାଉଥିବା ବେଳେ ବିମାନ ରାଡାରରୁ ଅଦୃଶ୍ୟ ହୋଇଥିଲା ଓ ସମ୍ପର୍କ ମଧ୍ୟ ଛିନ୍ନ ହୋଇଯାଇଥିଲା। ପ୍ରଥମେ ବିମାନ ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା। ଦ୍ୱିତୀୟ ଥର ଅବତରଣ କରିବାକୁ ପ୍ରୟାସ କଲା ବେଳେ ଏହା ରାଡାରରୁ ଅଦୃଶ୍ୟ ହୋଇଥିଲା। ଟିଣ୍ଡା ରୁଷ ରାଜଧାନୀ ▸ପୃଷ୍ଠା-୭


## ଅନୀଲ ଅମ୍ବାନୀଙ୍କ ୫୦ କମ୍ପାନୀ ଉପରେ ଇଡି ଚଢ଼ଉ

### ୩୦୦୦ କୋଟିର ଋଣ ଠକେଇ ମାମଲା

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଶରେ ପଡିଛନ୍ତି ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ରିଲାଏନ୍ସ ଗ୍ରୁପ୍ (ଆର୍ଏଏଜିଏ) ସହ ଜଡିତ ମାମଲାରେ ଇଡି ଚଢ଼ଉ କରିଛି। ଅନୀଲଙ୍କ କମ୍ପାନୀ ବିରୋଧରେ ମନି ଲଣ୍ଡରିଂ ମାମଲାରେ ଇଡି ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ୩୫ରୁ ଅଧିକ ସ୍ଥାନରେ ଚଢଉ କରିଛି। ତଦନ୍ତରେ ଅନୀଲଙ୍କ ବିରୋଧରେ ୩୦୦୦ କୋଟି ଟଙ୍କାର ଋଣ ଘୋଟାଲା, କାଗଜପତ୍ର ଜାଲିଆତି ଏବଂ ଜାଲ କମ୍ପାନୀ ମାଧ୍ୟମରେ ଅର୍ଥ ହେରଫେରର ପ୍ରମାଣ ମିଳିଛି। ଏହି ମାମଲା ମନିଲଣ୍ଡରିଂ ସହିତ ଜଡିତ, ଯେଉଁଥିରେ ହଜାର ହଜାର କୋଟି ଟଙ୍କାର ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଇଡି ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ ଏହି ଚଢ଼ଉ କରିଛି। କୁହାଯାଉଛି ଯେ ଏଥିରେ ଅନୀଲ ଅମ୍ବାନୀଙ୍କ ସହ ଜଡିତ ପ୍ରାୟ ୫୦ଟି କମ୍ପାନୀ ଏବଂ ୨୫ ରୁ ଅଧିକ ବ୍ୟକ୍ତିବିଶେଷଙ୍କ ଠିକଣାରେ ଚଢ଼ଉ କରାଯାଉଛି। ସିବିଆଇ ଅନୀଲଙ୍କ କମ୍ପାନୀ ବିରୋଧରେ ଦୁଇଟି ପୃଥକ ଏଫ୍ଆଇଆର୍ ରୁଜୁ କରିଥିବା ବେଳେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୁହାଯାଉଛି ଯେ ଏକ ସୁଚିନ୍ତିତ ଯୋଜନା ମୁତାବକ ବ୍ୟାଙ୍କ, ନିବେଶକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଠକେଇ କରାଯାଇଥିଲା। ଏମିତିକି ୟସ୍ ▸ପୃଷ୍ଠା-୭

## ସରକାରଙ୍କୁ ନବୀନଙ୍କ 'ମହାନଦୀ' ପ୍ରଶ୍ନ

# ସ୍ପଷ୍ଟ କରନ୍ତୁ 'ଆପୋସ' ସଂଜ୍ଞା



- ମହାନଦୀ ଓଡ଼ିଶାର ଆତ୍ମା, ଜୀବନରେଖା
- ଦୁର୍ବଳ କରାଯାଉଛି କି ଓଡ଼ିଶାର ନ୍ୟାଯ୍ୟ ଦାବି
- ରାଜ୍ୟବାସୀଙ୍କୁ କାହିଁକି ବିଶ୍ୱାସକୁ ନିଆଯାଉନି
- ଆଇନଗତ ଲଢ଼େଇ ଜାରି ରଖିବେ ନା ଓହରିବେ
- ସର୍ବଦଳୀୟ ବୈଠକ ଡାକନ୍ତୁ ରାଜ୍ୟ ସରକାର

■ **ଭୁବନେଶ୍ୱର, ୨୪।୭ (ସମିସ):** ମହାନଦୀ ଜଳ ବିବାଦ ସମସ୍ୟାକୁ ନେଇ ଆଜି ରାଜ୍ୟ ସରକାରଙ୍କ ସାମ୍ନାରେ ଏକାଧିକ ଗମ୍ଭୀର ପ୍ରଶ୍ନ ଉପସ୍ଥାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋସ ବୁଝାମଣା ଜରିଆରେ ମହାନଦୀ ଜଳ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସରକାରୀ ଭାବେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ତେବେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିବା ଏହି ପାରସ୍ପରିକ ବୁଝାମଣା (ଆପୋସ) କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା କ'ଣ ଆଇନଗତ ଲଢ଼େଇରୁ ଓହରିଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି କି ବୋଲି ନବୀନ ପ୍ରଶ୍ନ ଉଠାଇବା ସହ ଏହାଦ୍ୱାରା ଓଡ଼ିଶାର ହକ୍ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାଯ୍ୟ ଦାବିକୁ କଣ ବନ୍ଦଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ଶାଣିତ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ସୂଚନା ଦେଇ ନବୀନ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋସ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ତାହା ସରକାର ସର୍ବଦଳୀୟ ବୈଠକରେ ସ୍ପଷ୍ଟ କରିବା ଉଚିତ। ଓଡ଼ିଶା କ'ଣ ଆଇନଗତ ପଥରୁ ଓହରି ଯାଉଛି ନା ଟ୍ରିବ୍ୟୁନାଲରେ ନିଜ ଲଢ଼େଇ ଜାରି ରଖିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଆସନ୍ତା ଅଗଷ୍ଟ ୨ ତାରିଖରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଛି। ଶୁଣାଣିକୁ ଆଉ ମାତ୍ର ୮ ଦିନ ବାକି ରହିଛି। ହାତରେ ଏତେ କମ୍ ସମୟ ଥିଲେ ମଧ୍ୟ ସରକାର ଏନେଇ ଚୁପ୍ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସରକାର କାହିଁକି ବିଭିନ୍ନ ରାଜନୈତିକ ଦଳ, ଅଂଶୀଦାର ଏବଂ ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ▸ପୃଷ୍ଠା-୭

## ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦ ଅଚଳ




■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି। ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନ (ସୋମବାର) ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିରେ ବିରୋଧୀ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦ ଅଚଳ ରହିଥିବା ବେଳେ ଅବଶିଷ୍ଟ ତିନି ଦିନ ବିହାର ପ୍ରସଙ୍ଗରେ ଅଚଳ ରହିଛି। ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ଲକ୍ଷାଧିକ ବୈଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ସଂସଦରେ ଏହା ଉପରେ ଆଲୋଚନା କରାଯିବା ଉଚିତ। ▸ପୃଷ୍ଠା-୭



### ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ

### ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର

### ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

## ଭାରତୀୟଙ୍କୁ ଚାକିରି ଦିଅନି

■ **ୱାଶିଂଟନ୍, ୨୪।୭ (ଏଜେନ୍ସି):** ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଉ ଏକ ତୋଗଲକୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥର ଟ୍ରମ୍ପ ଗୁଗଲ୍, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇ ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଟ୍ରମ୍ପ ଟେକ୍ ଶିଳ୍ପର ବିଶ୍ୱବାଦୀ ମାନସିକତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ମନୋଭାବ ▸ପୃଷ୍ଠା-୭

## ଲୋକସେବା ଭବନରୁ ନକଲି ପାସ୍‌ଧାରୀ ଗିରଫ

■ **ଭୁବନେଶ୍ୱର, ୨୪।୭ (ସମିସ):** ଲୋକସେବା ଭବନ ଗେଟରୁ ନକଲି ପାସଧାରୀକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲୁଗାଁର ସନ୍ଦୀପ କୁମାର ପ୍ରଧାନ (୩୦)। ପୁଲିସ ସୂଚନା ଅନୁସାରେ, ବୁଧବାର ଅପରାହ୍ଣରେ ସନ୍ଦୀପ ଲୋକସେବା ଭବନର ଗେଟ୍ ନମ୍ବର ୬ରେ ପରିଚୟପତ୍ର (ପାସ୍) ଦେଖାଇ ଭିତରକୁ ଯିବାକୁ ଉଦ୍ୟମ କରୁଥିଲା। ସେହି ସମୟରେ ଡ୍ୟୁଟିରେ ଥିବା ଏସ୍ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ପାସ୍ ନକଲି ବୋଲି ସନ୍ଦେହ ▸ପୃଷ୍ଠା-୭

## ବିକ୍ରିହେବ ୮ ରାଷ୍ଟ୍ରାୟତ୍ତ କମ୍ପାନୀ

### ୫ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର

- ଡିସେମ୍ବର ସୁଦ୍ଧା ସରିବ ଆଇଡିବିଆଇ ବ୍ୟାଙ୍କ ବିକ୍ରୟ ପ୍ରକ୍ରିୟା
- ସୂଚୀରେ ରହିଛି ସିପିଂ କର୍ପୋରେସନ, ହିନ୍ଦୁସ୍ତାନ ଲାଟେକ୍ସ

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେତେଗୁଡ଼ିଏ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ସହ ୫ଟି ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଆପାତତଃ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୮ଟି ବଡ଼ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ସୂଚୀରେ ରଖାଯାଇଛି। ଏହା ମଧ୍ୟରେ ରହିଛି ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମ୍ଏଲ), ସିପିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ(ସିପିଆଇ), ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍ (ଏଚ୍ଏଲ୍ଏଲ୍) ଲାଇଫକେୟାର୍ ଲିମିଟେଡ୍, ପ୍ରୋଜେକ୍ଟସ୍ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ ମେଡିସିନ୍ସ ଫାର୍ମାସ୍ୟୁଟିକାଲ୍ କର୍ପୋରେସନ୍। ଏହି କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଦ୍ୱାରା କେନ୍ଦ୍ର ସରକାର ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅନୁମାନ କରାଯାଉଛି। ▸ପୃଷ୍ଠା-୭

## ଜୀବନ ହାରିଲେ ଦିବ୍ୟାଙ୍ଗ ଛାତ୍ରୀ

- ବାହା ନ ହେଲେ ଭିଡିଓ ଭାଇରାଲ ଧମକ ଦେଇଥିଲା ଯୁବକ
- ମାନସିକ ଚାପ ସହ୍ୟ କରି ନ ପାରି ଓଢଣୀରେ ଝୁଲିପଡ଼ିଲେ
- ଅଭିଯୁକ୍ତକୁ ଗିରଫ କରିବା ପାଇଁ ପରିବାର ଲୋକଙ୍କ ଦାବି

■ **ଭୁବନେଶ୍ୱର, ୨୪।୭ (ସମିସ):** ରାଜ୍ୟରେ ମହିଳା ନିର୍ଯାତନା ଘଟଣା ପ୍ରତିଦିନ ପଦାକୁ ଆସୁଥିବା ବେଳେ ଆଜି ଭୁବନେଶ୍ୱରରୁ ଏଭଳି ଘଟଣା ଦେଖିବାକୁ ମିଳିଛି। ଜଣେ ଦିବ୍ୟାଙ୍ଗ ଛାତ୍ରୀ ବ୍ଲାକ୍‌ମେଲିଂର ଶିକାର ହୋଇ ଶେଷରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲାର ଅନୁପମା ନାୟକ। ଖବର ପାଇ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୁଲିସ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

ଏହି ମାମଲାରେ ପରିବାର ଲୋକ ସଂଗିନ ଅଭିଯୋଗ ଆଣି କହିଛନ୍ତି ଯେ ତାଙ୍କ ଝିଅ ଆତ୍ମହତ୍ୟା ପଛରେ ଜଣେ ଯୁବକଙ୍କ ହାତ ରହିଛି। ତୁରନ୍ତ ସେହି ଯୁବକକୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ଯୁବକଜଣଙ୍କ ୩ ମାସ ତଳେ ଜବରଦସ୍ତି ବିବାହ କରିବାକୁ ଛାତ୍ରୀଙ୍କୁ ଧମକ ଦେଇଥିଲେ। ବିବାହ ନ କଲେ ଭିଡିଓ ଭାଇରାଲ କରିବାକୁ କହିଥିଲେ। ଯେଉଁଥିପାଇଁ ଛାତ୍ରୀଜଣଙ୍କ ମାନସିକ ଚାପରେ ରହୁଥିଲେ। ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି। ପୁଲିସ ତଦନ୍ତ କରି ଉକ୍ତ ଯୁବକଙ୍କୁ ଗିରଫ କଲେ ତାଙ୍କ ଝିଅକୁ ନ୍ୟାୟ ମିଳିବ ବୋଲି କହିଛନ୍ତି। ଛାତ୍ରୀଜଣଙ୍କ ଏକ ବର୍ଷ ହେବ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ରହୁଥିଲେ। ପ୍ରଥମେ ସେ ଏକ ▸ପୃଷ୍ଠା-୭




## ହିମାଚଳରେ ଭୂସ୍ଖଳନ, ୧୩୭ ମୃତ, ୩୪ ନିଖୋଜ୍

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, ଗୋଆ, ତେଲଙ୍ଗାନା ସହିତ ୬ଟି ରାଜ୍ୟରେ ପ୍ରବଳ ବର୍ଷା ହୋଇଛି । ପ୍ରବଳ ବର୍ଷା କାରଣରୁ ହିମାଚଳ ପ୍ରଦେଶରେ ଭୂସ୍ଖଳନ ହୋଇଛି । ଫଳରେ ଦୁଇଟି ଜାତୀୟ ରାଜପଥ ସମେତ ୩୮୫ ସଡକ ବନ୍ଦ ରହିଛି । ହିମାଚଳରେ ଜୁନ୍ ୨୨ରୁ ମୌସୁମୀ ପ୍ରବେଶ କରିଥିଲା ଓ ଏପର୍ଯ୍ୟନ୍ତ ବର୍ଷା ଜନିତ କାରଣରୁ ୧୩୭ ଜଣ ମୃତ୍ୟୁବରଣ କରିଛନ୍ତି ଓ ୩୪ ଜଣ ନିଖୋଜ ହୋଇଛନ୍ତି । ଏଥିସହ ୧୩୮୨ କୋଟି ଟଙ୍କାର ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି । ସେହିପରି ଦିଲ୍ଲୀ- ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ସଡକ ଉପରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି । ନୋଏଡାରେ ୫ କିମି ଲମ୍ବର ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି ।

## ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

ମେଲବର୍ଣ୍ଣ, ୨୪।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ବର୍ଣ୍ଣବୈଷମ୍ୟ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ମେଲବର୍ଣ୍ଣସ୍ଥିତ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି । ଗତ ୨୧ ତାରିଖରେ ସ୍ୱାମୀ ନାରାୟଣ ମନ୍ଦିରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ଦୁର୍ବୃତ୍ତମାନେ ଲାଲ୍ ରଙ୍ଗରେ କିଛି ଲେଖିବା ଏହାକୁ ବିକୃତ କରିଛନ୍ତି । ଏହାକୁ ନେଇ ଏହି ଅଞ୍ଚଳରେ ରହୁଥିବା ଭାରତୀୟ ସମୁଦାୟ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ନିକଟସ୍ଥ ଦୁଇଟି ଏସୀୟ ରେସ୍ତୁରାଁ କାନ୍ଥରେ ମଧ୍ୟ ସମାନ ପ୍ରକାରର ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ତଥା ଅପଶବ୍ଦ ଲେଖାଯାଇଛି । ଏହି ଘଟଣାକୁ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆ ନିନ୍ଦା କରିଛି । ଏହାକୁ ଭିକ୍ଟୋରିଆ ପ୍ରଧାନମନ୍ତ୍ରୀ ଜସିଣ୍ଟ ଏଲନ ମଧ୍ୟ ନିନ୍ଦା ସହ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି ।

## ଦୁର୍ନୀତି ଚାପ : ଆତ୍ମହତ୍ୟା କଲେ ମହିଳା ଇଞ୍ଜିନିୟର

ଗୌହାଟୀ, ୨୪।୭(ଏଜେନ୍ସି): ଆସାମରେ ଜଣେ ମହିଳା ଇଞ୍ଜିନିୟର ଆତ୍ମହତ୍ୟା କରିଛନ୍ତି । ମିଛି ବିଲ୍ କରିବା ନେଇ ଚାପର ସମ୍ମୁଖୀନ ହୋଇ ନପାରି ୩୦ ବର୍ଷୀୟା ସହକାରୀ ଯନ୍ତ୍ରୀ ଜ୍ୟୋତିଶା ଦାସ ତାଙ୍କ ଭଡ଼ା ଘରେ ଏହି ଚରିମ ନିଷ୍ପତ୍ତି ନେଇଛନ୍ତି । ଦୁଇ ଜଣ ବରିଷ୍ଠ ଅଧିକାରୀ ମିଛ ବିଲ କରିବାକୁ ତାଙ୍କ ଉପରେ ଚାପ ପକାଉଥିଲେ ବୋଲି ସେ ସୁସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି । ଏକ ଅଧାପନ୍ତରିଆ କାମ ନେଇ ଫେକ୍ ବିଲ୍ କରିବାକୁ ଏହି ଦୁଇ ଅଧିକାରୀ କ୍ରମାଗତ ଭାବେ ଚାପ ପକାଉଥିଲେ ଓ ସେ ପ୍ରବଳ ମାନସିକ ଚାପର ସମ୍ମୁଖୀନ ହୋଇଥିଲେ । ଅଫିସ୍‌ରେ କେହି ମୋତେ ଗାଇଡ୍ କରିବାକୁ ନଥିଲେ ବୋଲି ଜ୍ୟୋତିଶା ଏଥିରେ ଉଲ୍ଲେଖ କରିଛନ୍ତି । ଦୁଇ ବରିଷ୍ଠ ଅଧିକାରୀ ଦୀନେଶ ମେଧି ଶର୍ମା ଓ ଅମିନୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି ।

## ମୁଖବନ୍ଧରୁ ହଟିବ ନାହିଁ 'ସାମାଜିକ, ଧର୍ମନିରପେକ୍ଷ'

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଭାରତୀୟ ସମ୍ବିଧାନର ମୁଖବନ୍ଧ ବା ପ୍ରିୟାମ୍ବଲରୁ ହଟିବ ନାହିଁ ସାମାଜିକ ଓ ଧର୍ମନିରପେକ୍ଷ ଶବ୍ଦ । କେନ୍ଦ୍ର ସରକାର ଆଜି ଏହା ସ୍ୱଷ୍ଟ କରିଦେଇଛନ୍ତି । ରାଜ୍ୟସଭାରେ ଆଇନ ମନ୍ତ୍ରୀ ଆଜି ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଏସଂପର୍କରେ କେନ୍ଦ୍ର ସରକାରଙ୍କର କୌଣସି ଯୋଜନା ନାହିଁ । ସାମଜିକ ଗଣମାଧ୍ୟମରେ ଏହାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ସହିତ ସରକାରଙ୍କର କୌଣସି ସଂପର୍କ ନାହିଁ । କାରଣ ଏହାପୂର୍ବରୁ ସୁପ୍ରିମ କୋର୍ଟ ଏସଂକ୍ରାନ୍ତ ମାମଲାକୁ ଖାରଜ ଦେଇ ସାରିଛନ୍ତି । ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ କହିଛନ୍ତି ଯେ ସମ୍ବିଧାନରେ ଏଭଳି ସଂଶୋଧନ ପାଇଁ ବ୍ୟାପକ ଆଲୋଚନା ଓ ସହମତିର ଆବଶ୍ୟକତା ରହିଛି । କିନ୍ତୁ ସରକାର ଏସଂପର୍କରେ ଚିନ୍ତା କରି ନାହାନ୍ତି । ୧୯୭୫ରେ ଜରୁରୀ ପରିସ୍ଥିତି ସମୟରେ ଏହି ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା ।

## ଅମିତାଭ, ଆମୀରଙ୍କ କାରକୁ ୩୮ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବଲିଉଡ ତାରକା ଅମିତାଭ ବଚ୍ଚନ ଓ ଆମୀର ଖାନ୍‌ଙ୍କ ନାମରେ ଥିବା ଦୁଇଟି ରୋଲ୍ସ ରୟସ ବିଳାସପୂର୍ଣ୍ଣ କାର ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି । ବେଙ୍ଗାଲୁରୁରେ ରୋଡ ଟ୍ୟାକ୍ସ ନ ଦେବା କାରଣରୁ ଏହି ଜରିମାନା ବୃଦ୍ଧିପାଇ ୧୮ ଓ ୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି । କିନ୍ତୁ ଏହି ଦୁଇଟି କାର ଅମିତାଭ କିମ୍ବା ଅମୀରଙ୍କ ନୁହଁ ବୋଲି ଜଣାପଡ଼ିଛି । ଦୁଇଟି ଯାକ କାର ଏବେ ଜଣେ ସ୍ଥାନୀୟ ବ୍ୟବସାୟୀ ତଥା ରାଜନେତା ୟୁସୁଫ୍ ଶରିଫ୍‌ଙ୍କ ନାମରେ ରହିଛି । ସେ ନିୟମିତ ଭାବେ ଏହି କାର ବ୍ୟବହାର କରୁଥିଲେ । ସେ କିଛି ବର୍ଷ ପୂର୍ବେ ଅମିତାଭ ଓ ଆମୀରଙ୍କଠାରୁ ଏହି କାର କ୍ରୟ କରିଥିଲେ । କିନ୍ତୁ ସେ ମାଲିକାନାକୁ ନିଜ ନାମକୁ ଟ୍ରାନ୍ସଫର କରି ନଥିଲେ । ଶରିଫ କେଜିଏଫ୍ ବାବୁ ନାମରେ ପରିଚିତ । ସେ କର୍ଣ୍ଣାଟକର ଖଣି ସହର କୋଲାର ଗୋଲ୍ଡ ଫିଲ୍ଡସ (କେଜିଏଫ୍)ର ମୂଳ ନିବାସୀ ଅଟନ୍ତି । ଏହି ସ୍ଥାନ ସୁପରହିଟ୍ ସିନେମା କେଜିଏଫ୍ ମୁକ୍ତିଲାଭ କରିବା ପରେ ବେଶ୍ ଲୋକପ୍ରିୟ ହୋଇଥିଲା ।

## ଏନ୍‌ସିଇଆରଟିର ନୂଆ ଗଣିତ ବହି

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଏନ୍‌ସିଇଆରଟି କ୍ଲାସ ୮ ପାଇଁ ନୂଆ ଗଣିତ ବହି ଆରମ୍ଭ କରିଛି । ଏହାର ନାମ ଗଣିତ ପ୍ରକାଶ ରଖାଯାଇଛି । ଏହି ବହି ଏନ୍‌ସିଇଆରଟିର ୱେବପୋର୍ଟାଲରେ ଉପଲବ୍ଧ । ଏହି ବହି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଓ ଜାତୀୟ ପାଠ୍ୟ ଚର୍ଚ୍ଚାର ରୂପରେଖର ଠିକ୍ ଅନୁରୂପ । ଭାରତୀୟ ଗାଣିତିକ ପରମ୍ପରା ଓ ତତ୍ତ୍ୱକୁ ଭିତ୍ତି କରି ଏହି ପୁସ୍ତକ ଲେଖା ହୋଇଛି ଓ ଏହା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାରେ ସମର୍ଥ ହେବ ବୋଲି ଆଶା କରାଯାଉଛି । କ୍ରୀଡ଼ା ଆଧାରିତ ଏହି ପୁସ୍ତକ ପିଲାମାନଙ୍କୁ ଗଣିତ ଶିକ୍ଷା ଦେବାରେ ନୂଆ ଦିଶା ପ୍ରଦାନ କରିବ । ବାସ୍ତବିକ ଦୈନନ୍ଦିନ ଜୀବନ ସହ ଏହ ବହିର ପ୍ରାସଙ୍ଗିକତା ରହିବ ବୋଲି ଆଶା କରାଯାଉଛି । ଏହି ନୂଆ ଗଣିତ ପୁସ୍ତକ ପିଲାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବ । ଏନ୍‌ସିଇଆରଟି ମଧ୍ୟ ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ହିନ୍ଦୀ ବହି ଲଞ୍ଚ୍ କରିଛି ।

## ଅହମଦାବାଦ ବିମାନ ଦୁର୍ଘଟଣା ପରେ ଛୁଟି ନେଇଥିଲେ ୧୧୨ ଏୟାର ଇଣ୍ଡିଆ ପାଇଲଟ୍

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଅହମଦାବାଦ୍ ବିମାନ ଦୁର୍ଘଟଣାର ୪ ଦିନପରେ ଏୟାର ଇଣ୍ଡିଆର ୧୧୨ ଜଣ ପାଇଲଟ୍ ଛୁଟି ନେଇଥିଲେ । ଅସୁସ୍ଥତା କାରଣ ଦର୍ଶାଇ ପାଇଲଟ୍‌ମାନେ ଛୁଟି ନେଇଥିଲେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାୟୁଡୁ ସଂସଦରେ କହିଛନ୍ତି । ଜୁନ୍ ୧୬ରେ ୬୧ ଜଣ ସିନିଅର ପାଇଲଟ୍ ଓ ୫୧ ଜଣ ଫ୍ଲାଇଟ୍ ଅଫିସର ଛୁଟି ପାଇଁ ଆବେଦନ କରିଥିଲେ । ତେଣୁ ବିମାନ ଦୁର୍ଘଟଣା ପରେ ପାଇଲଟମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଓ ଏହାକୁ ଠିକ୍ କରିବା ପାଇଁ ବ୍ୟବସ୍ଥା କରିବା ଜରୁରୀ ବୋଲି ସେ କହିଛନ୍ତି । ପାଇଲଟମାନଙ୍କ ପାଇଁ ସପୋର୍ଟ ଗ୍ରୁପ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି । ସେପଟେ ଡିଜିସିଏ (ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ) ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛି । କ୍ୟାବିନ କ୍ରୁ ମେମ୍ବରଙ୍କ ଡ୍ୟୁଟି ନିୟମ, ଟ୍ରେନିଂ ରୁଲ, ଅପରେସନ ପ୍ରସିଡ୍ୟୁଅରର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଛି । ଜୁନ୍ ୧୨ରେ ଅହମଦାବାଦ୍‌ରେ ବିମାନ ଦୁର୍ଘଟଣାରେ ମୋଟ ୨୬୦ଜଣ ପ୍ରାଣ ହରାଇଥିବା ବେଳେ ୬୮ ଜଣ ଆହତ ହୋଇଥିଲେ ।



# ମନ୍ଦିର ପାଇଁ ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ



## ୧୨ ଥାଇ ନାଗରିକ ମୃତ; ଥାଇଲାଣ୍ଡର ପାଲଟା ଆକ୍ରମଣ, ଶତାଧିକ ଆହତ

ବ୍ୟାଙ୍କକ୍/ନୋମ ପେହ୍ନ, ୨୪।୭(ଏଜେନ୍ସି): ଗୁରୁବାର ସକାଳେ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି । ଦୁଇଦେଶର ସୀମାର ଗୁଳିଗୋଳା ବର୍ଷଣ ହୋଇଛି । କାମ୍ବୋଡିଆ ସୈନିକଙ୍କ ଗୁଳିରେ ୧୨ ଜଣ ଥାଇଲାଣ୍ଡ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି । ଜବାବରେ ଥାଇଲାଣ୍ଡ ମଧ୍ୟ କାମ୍ବୋଡିଆର ସାମରିକ ଠିକଣା ଉପରେ ବିମାନରୁ ଚଳାଇଥିଲେ ବୋଲି କାମ୍ବୋଡିଆ ବୈଦେଶିକ ମନ୍ତ୍ରଣାଳୟ ଅଭିଯୋଗ କରିଛି । ଅପରପକ୍ଷରେ କାମ୍ବୋଡିଆ ପ୍ରଥମେ ଡ୍ରୋନ୍ ଆକ୍ରମଣ କରିଛି ସହିତ ତୋପ ଓ ରକେଟ ଦ୍ୱାରା ଆକ୍ରମଣ କରିଛି ବୋଲି ଥାଲଇାଣ୍ଡ ପାଲଟା ଅଭିଯୋଗ କରିଛି । ଗତ ମେ ୨୮ ରେ ଦୁଇଦେଶର ସୈନିକଙ୍କ ମଧ୍ୟରେ ପ୍ରଥମ ସଂଘର୍ଷ ହୋଇଥିଲା ଓ ଏଥିରେ ଜଣେ କାମ୍ବୋଡିଆ ସୈନିକ ମୃତ୍ୟୁବରଣ କରିଥିଲେ । ଏହାପରଠାରୁ ଦୁଇଦେଶ ବୋମାମାଡ଼ କରିଛି । ଏକ ପୁରୁଣା ମନ୍ଦିର ବିବାଦକୁ ନେଇ ଦୁଇ ଦେଶ ମଧ୍ୟରେ ଏହି ସଂଘର୍ଷ ହୋଇଥିବା କୁହାଯାଉଛି ।

ସୀମାରେ ଥାଇଲାଣ୍ଡ ସେନା ପ୍ରଥମେ ଗୁଳି

ମଧ୍ୟରେ ବିବାଦ ଓ ଉତ୍ତେଜନା ଜାରି ରହିଛି । ଥାଇଲାଣ୍ଡ ଇତିମଧ୍ୟରେ ତା'ର ସୀମାକୁ ଲାଗି ୮୬ଟି ଗାଁରୁ ୪୦ ହଜାର ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି । ସେହିପରି କାମ୍ବୋଡିଆରେ ରହୁଥିବା ଥାଇ ନାଗରିକଙ୍କୁ ଦେଶକୁ ଫେରିବାକୁ କୁହାଯାଇଛି ।

ଉଲ୍ଲେଖଥାଉ କି, ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ବିବାଦ ୧୧୮ ବର୍ଷ ପୁରୁଣା । ପ୍ରୀହ ବିହାରର ପୁରୁଣା ଶିବ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ଅଧିକାରକୁ ନେଇ ଏହି ବିବାଦ ଚାଲୁ ରହିଛି । ଏହି ମନ୍ଦିରକୁ ଦୁଇ ଦେଶ ନିଜର ବୋଲି ଦାବି କରୁଛନ୍ତି ଓ ସେବେଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଏହି ମନ୍ଦିର ବିବାଦରେ ଆନ୍ତର୍ଜାତିକ ନ୍ୟାୟାଳୟ ୧୯୬୨ରେ କାମ୍ବୋଡିଆ ସପକ୍ଷରେ ରାୟ ଦେଇଥିବା ବେଳେ ଥାଇଲାଣ୍ଡ ଏହାକୁ ମାନିବାକୁ ନାରାଜ । ତେବେ ୨୦୧୩ ପରେ ଦୁଇ ଦେଶ ମଧ୍ୟରେ ଏହାକୁ ନେଇ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି । ଇତିମଧ୍ୟରେ ସାନି ଉତ୍ତେଜନା ପରେ ଦୁଇ ଦେଶ ପରସ୍ପର ସହ କୂଟନୈତିକ ସଂପର୍କ ଛିନ୍ନ କରିଛନ୍ତି ।

### ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା

## ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି । ହାଇକୋର୍ଟ ଜୁଲାଇ ୨୧ରେ ସବୁ ୧୨ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ । ମହାରାଷ୍ଟ୍ର ସରକାର ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ବୁଧବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ସୁପ୍ରିମ କୋର୍ଟ ସେହି ରାୟ ଉପରେ ରୋକ୍ ଲଗାଇବା ସହିତ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ରାୟ ପରେ ମୁକ୍ତ ହୋଇଥିବା ଅଭିଯୁକ୍ତମାନଙ୍କୁ ପୁଣି ଗିରଫ କରାଯିବ ନହିଁ । ଜଷ୍ଟିସ ଏମ୍‌ଏମ୍ ସୁନ୍ଦ୍ରେଶ ଓ ଏନ୍ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ । ରାଜ୍ୟ ସରକାର ସମେତ ସବୁ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟଙ୍କ ତରଫରୁ ନୋଟିସ ଦିଆଯାଇଛି ।

### ପୁଣି ଗିରଫ ହେବେନାହିଁ ମୁକ୍ତ ହୋଇଥିବା ବ୍ୟକ୍ତି

୧୯ ବର୍ଷ ତଳେ ୨୦୦୬ ଜୁଲାଇ ୧୧ରେ ହୋଇଥିବା ଏହି ଟ୍ରେନ୍ ବିସ୍ଫୋରଣରେ ୧୮୯ ଲୋକ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ । ଏହି ଘଟଣାରେ ମୋଟ୍ ୧୩ ଜଣ ଅଭିଯୁକ୍ତ ଥିଲେ ଓ ଜଣେ ଅଭିଯୁକ୍ତ ମୃତ୍ୟୁବରଣ କରିଛନ୍ତି । ସବୁ ବିସ୍ଫୋରଣ ଫାଷ୍ଟକ୍ଲାସ୍ ବଗିରେ ହିଁ ହୋଇଥିଲା । ଦୀର୍ଘ ୧୯ ବର୍ଷ ପରେ ରାୟ ଦେଇ ହାଇକୋର୍ଟ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ । ଦୋଷ ପ୍ରମାଣ କରିବାକୁ ସରକାରୀ ଓକିଲ ବିଫଳ ହୋଇଛନ୍ତି ବୋଲି ହାଇକୋର୍ଟ କହିଥିଲେ । ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ଦିନ ୧୦ ଜଣ ଅଭିଯୁକ୍ତଙ୍କୁ ଜେଲ୍‌ରୁ ଖଲାସ କରାଯାଇଥିଲା ।

## ଘରୋଇ ହିଂସାରେ ଦୁଇମାସ ପର୍ଯ୍ୟନ୍ତ ହେବନି ଗିରଫଦାରୀ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଘରୋଇ ହିଂସା ତଥା ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ମାମଲା ରୁଜୁ ହେବାପରେ ଏବେ ଅଭିଯୁକ୍ତଙ୍କୁ ତୁରନ୍ତ ଗରିଫ କରାଯାଇପାରିବ ନାହିଁ । ମାମଲା ରୁଜୁ ହେବାର ଦୁଇମାସ ମଧ୍ୟରେ ଆବଶ୍ୟକୀୟ ତଦନ୍ତ କରିବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଥିବା ଆଇନ୍ ବିଏନ୍‌ଏସ୍ (ଭାରତୀୟ ଦଣ୍ଡ ସଂହିତା)ର ଧାରା ୪୯୮ (କ)ର ବ୍ୟାପକ ଭାବେ ଦୁରୁପଯୋଗ କରାଯାଉଛି ବୋଲି କୋର୍ଟ ହୃଦୟଙ୍ଗମ କରିଛନ୍ତି । ଏବେ ଅଭିଯୋଗ ପରେ ଓ ମାମଲା ରୁଜୁ ପରେ ପୁଲିସ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁଛି । ଫଳରେ ପାରିବାରିକ ଜୀବନରେ ଝଡ଼ଝଞ୍ଜା ସୃଷ୍ଟି ହେଉଛି । ପୁଣି ଏ ନେଇ ସମାଧାନର ପନ୍ଥା ମଧ୍ୟ ବହାରିବା ମୁସ୍କିଲ ହୋଇପଡୁଛି । ତେଣୁ ଏବେକାର ସ୍ଥିତିରେ ଏହି ରାୟର ପ୍ରାସଙ୍ଗିକତା ରହିଛି । ଏହିକ୍ରମରେ ଦୁଇବର୍ଷ ତଳେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ମାର୍ଗଦର୍ଶିକାକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି । ଦୁଇମାସ ମଧ୍ୟରେ ପୁଲିସ ମାମଲାକୁ ପରିବାର କଲ୍ୟାଣ କମିଟି (ଏଫ୍‌ଡବ୍ଲ୍ୟୁସି)କୁ ସୁପାରିସ କରିବ । ଏଫ୍‌ଡବ୍ଲ୍ୟୁସି ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି । ଏହାକୁ ସାରା ଦେଶରେ ଲାଗୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ପ୍ରତ୍ୟେକ ଜିଲ୍ଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଏଫ୍‌ଡବ୍ଲ୍ୟୁସି ରହିବା ଜରୁରୀ ବୋଲି କୋର୍ଟ କହିଛନ୍ତି ।

## ଜଷ୍ଟିସ ବର୍ମା ମାମଲା: ଯାଞ୍ଚ କମିଟି ଗଠନ କରିବ ସଂସଦ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ନଗଦ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ତଦନ୍ତ ପାଇଁ ସଂସଦ କମିଟି ଗଠନ କରିବା ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏହି କମିଟିରେ ସୁପ୍ରିମକୋର୍ଟର ଜଣେ ବିଚାରପତି, କୌଣସି ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ପ୍ରତିଷ୍ଠିତ ଆଇନ ବିଶେଷଜ୍ଞଙ୍କୁ ସାମିଲ କରାଯିବ । ଏହି କମିଟି ଯଷ୍ଟିସ ବର୍ମାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ ତଦନ୍ତ କରି ତା'ର ରିପୋର୍ଟ ପ୍ରଦାନ କରିବେ । ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ନୋଟିସ ଆସିବା ପରେ ସଂସଦରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । କମିଟି ତିନି ମାସ ମଧ୍ୟରେ ରିପୋର୍ଟ ଦେବ । ରିପୋର୍ଟ ସଂସଦରେ ଉପସ୍ଥାପିତ ହେବ । ଜଷ୍ଟିସ ବର୍ମା ଦୋଷୀ ହୋଇଥିଲେ ମହାଭିଯୋଗ ଉପରେ ମତଦାନ କରାଯିବ ।



ଗତକାଲି ସୁପ୍ରିମକୋର୍ଟରେ ଜଷ୍ଟିସ୍ ବର୍ମା ମାମଲାର ଶୁଣାଣି ହୋଇଥିଲା । କିନ୍ତୁ ପ୍ରଧାନ ବିଚାରପତି ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି । ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସେ କହିଥିଲେ । ଜୁଲାଇ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏଡି ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ । ସେ ଇନ୍ ହାଉସ୍ କମିଟି ଦେଇଥିବା ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଆବେଦନ କରିଥିଲେ । ଜଷ୍ଟିସ ବର୍ମା ଅଭିଯୋଗ କରିଥିଲେ ଯେ ତଦନ୍ତ ବେଳେ ଇନ୍ ହାଉସ କମିଟି ତାଙ୍କୁ ପକ୍ଷ୍ୟ ରଖିବାକୁ ସୁଯୋଗ ଦେଇନଥିଲା ।

## ୟୁକ୍ରେନ୍‌ରେ ଜେଲେଁସ୍କିଙ୍କ ବିରୋଧରେ ପ୍ରଦର୍ଶନ

କିଭ୍, ୨୪।୭(ଏଜେନ୍ସି): ରୁଷ ଓ ୟୁକ୍ରେନ୍ ମଧ୍ୟ ଚାଲିଥିବା ଯୁଦ୍ଧ ୩ ବର୍ଷ ଅତିକ୍ରାନ୍ତ ହେଲାଣି ଓ ଯୁଦ୍ଧ ଥମିବାର କୌଣସି ସମ୍ଭାବନା ସୃଷ୍ଟି ହୋଇନାହିଁ । ଏପରି ସ୍ଥଳେ ପ୍ରଥମ ଥର ପାଇଁ ୟୁକ୍ରେନ୍‌ରେ ରାଷ୍ଟ୍ରପତି ଭୋଲୋଡିମୀର ଜେଲେଁସ୍କିଙ୍କ ବିରୋଧରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ଜେଲେନସ୍କିଙ୍କୁ ବିରୋଧ କରି ରାଜଧାନୀ କିଭ୍ ସମେତ ଦେଶର ଏକାଧିକ ବଡ଼ ସହରରେ ବିରୋଧ ପ୍ରଦର୍ଶନ କରାଯାଇଛି । ନିକଟରେ ୟୁକ୍ରେନ ସଂସଦରେ ଏକ ବିଲ୍ ପାସ ହୋଇଥିଲା । ଏହି ବିଲ ବଳରେ ଦେଶରୁ ଦୁଇଟି ଦୁର୍ନୀତି ବିରୋଧି ସଂସ୍ଥା ନ୍ୟାସନାଲ ଆଣ୍ଟି କରପସନ ବ୍ୟୁରୋ ଅଫ୍ ୟୁକ୍ରେନ୍ ଓ ସ୍ପେଶାଲାଇଜଡ୍ ଆଣ୍ଟି କରପସନ ପ୍ରସିଡ୍ୟୁର ଅଫିସ ଉପରେ ନଜର ତଥା ଯାଞ୍ଚକୁ ବୃଦ୍ଧି କରାଯାଇଛି । ଏହା ଦ୍ୱାରା ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ଅଭିଯୋଗ ହେଉଛି ।

# ବିହାରରୁ ଦିଲ୍ଲୀ ଯାଏଁ ଭୋଟର ତାଲିକା ସଂଶୋଧନ କମ୍ପନ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ବିହାରରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୈତିକ କମ୍ପନ ଜାରି ରହିଛି । ବିହାରରେ ୬୦ ଲକ୍ଷ ମତଦାତାଙ୍କ ନାମ ଭୋଟର ତାଲିକାରୁ କଟିବ ବୋଲି ନିର୍ବାଚନ କମିସନ ସୂଚନା ଦେବା ପରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି । ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ସହ ସଲାସୁତରା କରି କମିସନ ଏଭଳି ପଦକ୍ଷେପ ନେଉଛନ୍ତି । ଏଭଳି ଭୋଟର ତାଲିକା ସଂଶୋଧନକୁ ତୁରନ୍ତ ବାତିଲ କରିବା ପାଇଁ ସେମାନେ ଦାବି କରିଛନ୍ତି । ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡକୁ ପରିଚୟପତ୍ର ରୂପେ ଗ୍ରହଣ କରିବା ଲାଗି ସୁପ୍ରିମ କୋର୍ଟଙ୍କ ପରାମର୍ଶକୁ କମିସନ ପ୍ରତ୍ୟାଖ୍ୟାନ କରିଥିବାରୁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । କମିସନଙ୍କ ଏଭଳି ପଦକ୍ଷେପ ବିରୋଧରେ ବିହାର ରାଜଧାନୀ ପାଟନାରେ ଆଜି ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଦିଲ୍ଲୀରେ ମଧ୍ୟ ସଂସଦ ଅଚଳ ରହିଛି ।

ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନକୁ ନେଇ ଶାସକ ଜେଡିୟୁରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି । ଏନେଇ ଦଳୀୟ ସାଂସଦ ଗିରିଧାରୀ ଯାଦବ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ କମିସନଙ୍କ ଏଭଳି ପ୍ରକ୍ରିୟା ଯୋଗୁଁ




ଲକ୍ଷ ଲକ୍ଷ ବୈଧ ଭୋଟର ସେମାନଙ୍କ ମତାଧିକାରରୁ ବଞ୍ଚିତ ହେଇଯିବେ । ତେବେ ତାଙ୍କର ଏଭଳି ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଜେଡିୟୁ । ଏହାସତ୍ତ୍ୱେ ସେ କମିସନ ବିରୋଧରେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି ଯାଦବ ।

ଆଜି ସଂସଦ ବାହାରେ ବିକ୍ଷୋଭ ଓ ଧାରଣା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭୋଟ ଲୁଟ୍ ପାଇଁ ଏହା ଆଉ ଏକ ଚାଲ୍ । ସେ ଅଭିଯୋଗ କରିଛନ୍ତି ଯେ କମିସନ କର୍ଣ୍ଣାଟକରେ ମଧ୍ୟ ଭୋଟ ଚୋରି କରିବା ସହ ଅନୈତିକ ଉପାୟ ଅବଲମ୍ବନ କରିଥିଲେ । ଭୋଟର ତାଲିକା ରିଭିଜନ ନାମରେ ହଜାର ହଜାର ନକଲି ଭୋଟରଙ୍କୁ ସାମିଲ କରାଯାଇଛି । କର୍ଣ୍ଣାଟକରେ ଗୋଟିଏ ଆସନରେ ଜାଲିଆତି କରିଛନ୍ତି କମିସନ । ଆମ ପାଖରେ ଏ ନେଇ ୧୦୦ ପ୍ରତିଶତ ପ୍ରମାଣ ରହିଛି । ଗୋଟିଏ ନିର୍ବାଚନ ମଣ୍ଡଳୀରେ ୫୦, ୬୦ ଓ ୬୫ ବର୍ଷର ହଜାର ହଜାର ଭୋଟରଙ୍କୁ ସୂଚୀରେ ସାମିଲ କରାଯାଇଛି ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ସୂଚୀରୁ ଅନୈତିକ ଉପାୟରେ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି । ଗୋଟିଏ ନିର୍ବାଚନମଣ୍ଡଳୀରେ ଏଭଳି ଜାଲିଆତି ହୋଇଥିବାର ଆମେ ପ୍ରମାଣ ପାଇଛୁ । ତେଣୁ ପ୍ରତ୍ୟେକ ଆସନରେ ଏଭଳି ଜାଲିଆତି କରାଯାଇଥିବ ବୋଲି ମୋର ବିଶ୍ୱାସ ହେଉଛି । ମହାରାଷ୍ଟ୍ର ଓ ହରିଆଣାରେ ମଧ୍ୟ ଏଭଳି ଜାଲିଆତି କରାଯାଇଥିବା ସେ କହିଛନ୍ତି ।

# ଏବେ ଚାଷୀଙ୍କୁ ଇ-କେୱାଇସି ଯନ୍ତ୍ରଣା

**ଭୁବନେଶ୍ୱର, ୨୪।୭ (ସମିସ):** ଗତ ୧୯ ତାରିଖରୁ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହୋଇଯାଇଛି। ଚାଷୀମାନେ ପାକ୍ସ, ଲ୍ୟାମ୍ପସ୍, ସମବାୟ ସମିତି ଜରିଆରେ ପଞ୍ଜିକରଣ କରୁଛନ୍ତି। ମାତ୍ର ଚଳିତବର୍ଷ ପଞ୍ଜିକରଣ ବେଳେ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଥିବା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ପଞ୍ଚାୟତରେ ଇଣ୍ଟରନେଟ୍ ସମସ୍ୟା ରହୁଛି। ତେଣୁ ଇ-କେୱାଇସି କରିବାରେ ବିଳମ୍ବ ହେଉଛି। ଚାଷୀମାନେ ଚାଷବାସ ଛାଡ଼ି ପଞ୍ଜିକରଣ ପାଇଁ ଆସୁଥିବା ଯୋଗୁଁ ସେମାନଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଗୋଟିଏପଟେ ଅନିୟମିତ ବର୍ଷା ଯୋଗୁଁ ଧାନ ବୁଣିବା ଓ ତଳି ରୋଇବାରେ ବିଳମ୍ବ ହେଉଥିବାବେଳେ ଏବେ ପଞ୍ଜିକରଣ ପାଇଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ଚଳିତବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଓ ଏହାମଧ୍ୟରୁ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ ଆଗମୀ ମାସେ ଧରି ଏହି ପଞ୍ଜିକରଣ ଚାଲୁ ରହିବ। ପୂର୍ବରୁ ପଞ୍ଜିକରଣ ପାଇଁ କେବଳ ଜମିର ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ଦିଆଯାଇ କରାଯାଉଥିଲା; ତେଣୁ ସହଜରେ ହୋଇଯାଉଥିଲା। ଚଳିତଥର ଏସବୁ ସହ ଇ-କେୱାଇସି ବାଧ୍ୟତାମୂଳକ ଥିବାରୁ ପଞ୍ଜିକରଣରେ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ବର୍ଷା ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏଥିସହ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସମସ୍ୟା ଲାଗି ରହିଛି। ତେଣୁ ଜଣେ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ୧୫ରୁ ୨୦ ମିନିଟ୍ ସମୟ ଲାଗୁଛି। ଗୋଟିଏ ଦିନ ଭିତରେ ଅତି ବେଶୀରେ ୧୦ରୁ ୧୨ ଜଣ ଚାଷୀଙ୍କର ପଞ୍ଜିକରଣ ହୋଇପାରୁଛି। ହେଲେ ପ୍ରତିଦିନ ଶତାଧିକ ସଂଖ୍ୟାରେ ଚାଷୀ କାମଧନ୍ଦା ଛାଡ଼ି ଆସୁଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁଁ ସମବାୟ ସମିତି ଦୁଆରେ ବସି ବସି ଫେରୁଛନ୍ତି। ପୂର୍ବରୁ ଚାଷୀମାନେ ଧାନ ବିକ୍ରିବେଳେ ମଧ୍ୟ ସମସ୍ୟା ଭୋଗୁଥିଲେ। ଦିନ ଦିନ ଧରି ବିକ୍ରି କରିବା ପାଇଁ ସମବାୟ ବାରଣ୍ଡରେ ପଡ଼ି ରହୁଥିଲେ। ଏବେ ପଞ୍ଜିକରଣ ପାଇଁ ଏଭଳି ସମସ୍ୟା ହେବାରୁ

**ପଞ୍ଜିକରଣରୁ ଆରମ୍ଭ ହେଲାଣି ଅବ୍ୟବସ୍ଥା**

ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ନାପସନ୍ଦ କରିବା ଆରମ୍ଭ କରିଦେଲେଣି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସରକାର ଉଦ୍ଦେଶ୍ୟମୂଳକ ଚାଷୀ ଧାନ ବିକ୍ରି ନ କରୁ ବୋଲି ସରକାର ଚାହୁଁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ଚାଷୀ ଅମରେନ୍ଦ୍ର ବରାଳ କହିଛନ୍ତି ଯେ ଚଳିତବର୍ଷ ଶୀଘ୍ର ମୌସୁମୀ ଆସିଲା; ହେଲେ ଧାନ ବିହନ ମିଳିବାରେ ବିଳମ୍ବ ହେଲା। ବିହନ ମିଳିବାବେଳକୁ ବର୍ଷା କମିଗଲା। ଏବେ ବି ବର୍ଷାରେ ଅନିୟମିତତା ଲାଗି ରହିଛି। ତେଣୁ ଚାଷ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ରୁଆ ବେଉଷଣ ବେଳେ ଯଦି ଆମେ ପଞ୍ଜିକରଣ ପାଇଁ ଧାଡ଼ିରେ ଛିଡ଼ା ହେବୁ, ତେବେ ଚାଷ କେତେବେଳେ କରିବୁ। ଆମେ ଧାନ ବିକ୍ରି କରିବା ସମୟରେ ଇ-କେୱାଇସି କରୁଛୁ। ଏବେ ଏହାର କ'ଣ ଆବଶ୍ୟକତା ଅଛି। ସରକାର ଗାଁ ଗାଁ ବୁଲି କ୍ୟାମ୍ପ କରି ବିଲ ମୁଣ୍ଡରେ ପଞ୍ଜିକରଣ କରନ୍ତୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଧାନର ସହାୟକ ମୂଲ୍ୟ ବୃଦ୍ଧି ହେବା ଯୋଗୁଁ କିଛି ନକଲି ଚାଷୀ ପଞ୍ଜିକରଣ କରି ବାହାର ରାଜ୍ୟରୁ ଧାନ ଆଣି ବିକ୍ରି କରୁଛନ୍ତି। ତେଣୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଯେଉଁଠାରେ ସମସ୍ୟା ହେଉଛି, ଆମେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରୁଛୁ। ଆବଶ୍ୟକ ପଡ଼ିଲେ, ପଞ୍ଜିକରଣ ଅବଧି ବୃଦ୍ଧି କରିବା ନେଇ ମଧ୍ୟ ଆଲୋଚନା କରାଯିବ।

## ଲଘୁଚାପ ଘନୀଭୂତ; ସାରା ରାଜ୍ୟରେ ବର୍ଷା

**ଭୁବନେଶ୍ୱର,୨୪।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ବୁଧବାର ଅପରାହ୍ଣଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ତମାମ ଅନେକ ସ୍ଥାନରେ ବର୍ଷା ହୋଇଛି। ନବରଙ୍ଗପୁର ଝରିଗାଁରେ ସର୍ବାଧିକ ୧୩୧.୪ ମିମି ବର୍ଷା ହୋଇଥିବା ବେଳେ ଅନୁଗୋଳ ଆଠମଲ୍ଲିକରେ୧୧୦.୯, ଦେଓଗାଁର ରେମାଲ ୧୦୬.୦ ଓ କଟକର ବାଙ୍କିରେ ୧୦୨.୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ଅବପାତରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି। ତେଣୁ ଧୀରେ ଧୀରେ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବା ସହ ରାଜ୍ୟରେ ପ୍ରାୟ ୨୮ ତାରିଖ ଯାଏ ବର୍ଷା ସମ୍ଭାବନା ନେଇ ଆକଳନ କରାଯାଇଛି। ଏମିତି କି ଏହି ସମୟରେ ରାଜ୍ୟର କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ୨୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରରେ ପ୍ରବଳରୁ ଅତିପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ୧୮ ଜିଲ୍ଲାକୁ ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ବର୍ଷାର ପ୍ରଭାବ ଅଧିକ ରହିବାକୁ ଥିବାରୁ ସହରାଞ୍ଚଳଗୁଡ଼ିକରେ ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ସ୍ଥିତି ସହ ଅଚାନକ ଟ୍ରାଫିକ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ସହ ସାରା ରାଜ୍ୟରେ୨୮ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ବର୍ଷା ସମୟରେ ଓଦା କାନ୍ଥ ପଡ଼ିଯିବା, ତଳିଆ ଅଞ୍ଚଳ ବୁଡ଼ିବା, ଅଣ୍ଡରଗ୍ରାଉଣ୍ଡ ରାସ୍ତାରେ ପାଣି ଜମିବା ଭଳି ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏହାସହ ରାଜ୍ୟରେ ପ୍ରବଳ ବର୍ଷା ସହ ଉପର ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ସମୁଦ୍ର ମଧ୍ୟରେ ପବନର ବେଗ ୪୦ ରୁ ୫୦ କିମି ରହିବାର ଆଶଙ୍କା ରହିଛି। ସେହିପରି ୨୬ ତାରିଖରେ ସୁନ୍ଦରଗଡରେ ପ୍ରବଳରୁ ଅତି ପ୍ରବଳବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପୁଲିସ ଏସ୍ଆଇ ନିଯୁକ୍ତି ବୟସ ସୀମା ୩ବର୍ଷ କୋହଳ

**କଟକ,୨୪।୭ (ସମିସ):** ପୁଲିସ୍ ସବ୍-ଇନ୍ସପେକ୍ଟର(ଏସଆଇ) ନିଯୁକ୍ତି ପାଇଁ ଧାର୍ଯ୍ୟ ସର୍ବୋଚ୍ଚ ବୟସ ସୀମାକୁ ୩ବର୍ଷ କୋହଳ କରାଯାଇଛି। ଏନେଇ ଆଜି ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଅଦାଲତରେ ମାମଲା ରୁଜୁ କରିଥିବା ଆବେଦନକାରୀମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ଶୁଣାଣି ବେଳେ ଏହା ସ୍ପଷ୍ଟ ହୋଇଥିବା ବେଳେ ଏ ସମ୍ପର୍କିତ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପୁପୁନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଜାନୁଆରି ୧୭ରେ ଗୃହ ବିଭାଗ ଅଧୀନରେ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍, ଏସ୍ଆଇ (ଆର୍ମଡ), ଷ୍ଟେସନ୍ ଅଫିସର୍ (ଅଗ୍ନିଶମ ବିଭାଗ) ଓ ସହକାରୀ ଜେଲର୍ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଆବେଦନର ସର୍ବନିମ୍ନ ବୟସ ସୀମା ୨୧ବର୍ଷ ଥିଲା ବେଳେ ସର୍ବୋଚ୍ଚ ବୟସସୀମା ୨୫ଧାର୍ଯ୍ୟ ହୋଇଥିଲା। ଏସ୍‌ସି-ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଅଧିକ ୫ବର୍ଷ ବୟସସୀମା ଧାର୍ଯ୍ୟ ହୋଇଥିଲା। ତେବେ ସାଧାରଣ ବର୍ଗର ପ୍ରାର୍ଥୀମାନେ ସର୍ବୋଚ୍ଚ ବୟସ ସୀମାକୁ ନେଇ ଆପତ୍ତି ଉଠାଇଥିଲେ। ଯେହେତୁ ୨୦୧୮-୧୯ ପରଠାରୁ ଆଉ ପୁଲିସ ବିଭାଗରେ ଏସଆଇ ନିଯୁକ୍ତି ହୋଇନଥିଲା; ତେଣୁ ୭ ବର୍ଷ ଧରି ଅପେକ୍ଷା କରିଥିବା ପ୍ରାର୍ଥୀମାନେ ମାତ୍ର ୨୫ ବର୍ଷର ସର୍ବୋଚ୍ଚ ବୟସସୀମା ଧାର୍ଯ୍ୟ ପାଇଁ ନିଯୁକ୍ତି ଆବେଦନରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଥିଲା। ଖାଲି ପଡୁଥିବା ପଦବୀରେ ସରକାର ପ୍ରତିବର୍ଷ ନିଯୁକ୍ତି ନକରି ଏକକାଳୀନ ୭ବର୍ଷ ବ୍ୟବଧାନରେ ୯୩୩ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଦ୍ୱାରା ଅନେକ ନିଯୁକ୍ତି ଆଶାୟୀ ଆବେଦନରୁ ବଞ୍ଚିତ ହେବେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ମଧ୍ୟ ଆବେଦନକାରୀମାନଙ୍କୁ ଆବେଦନ ପାଇଁ ଅନୁମତି ପ୍ରଦାନ କରିବା ସହ ନିଯୁକ୍ତି ଫଳ ଅଦାଲତଙ୍କ ଅନୁମତି ବିନା ପ୍ରକାଶ କରାଯିବ ନାହିଁ ପୂର୍ବରୁ ଏକ ଅନ୍ତରୀଣ ଆଦେଶ ଜାରି କରିଥିଲେ। ଏବେ ମାମଲାରେ ପୂର୍ଣ୍ଣଚ୍ଛେଦ ପରେ ନିଯୁକ୍ତି ପାଇଁ ବାଟ ଫିଟିଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମଦନ ମୋହନ ଦାସ ମାମଲା ପରିଚାଳନା କରୁଥିଲେ।

## ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

**କଟକ, ୨୪।୭ (ସମିସ):** ଭିଜିଲାନ୍ସ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ



ତାଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ ଚକମାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ସେ ଅଦାଲତଙ୍କ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତରେ ସହଯୋଗ କରିବା ସହ ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ଅନୁସାରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକମା ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କର ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଆଦିବାସୀ ମହାସଂଘ**

## ଆଦିବାସୀଙ୍କ ବିକାଶକୁ ସର୍ବାଧିକ ପ୍ରାଥମିକତା: ମୋହନ



**ଭୁବନେଶ୍ୱର,୨୪।୭ (ସମିସ):** ଗୁରବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା ସହ ପ୍ରସ୍ତାବ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

## ବଜ୍ରପାତରେ ମାଆ-ପୁଅ ମୃତ

**ଝାରସୁଗୁଡ଼ା,୨୪।୭ (ସମିସ):** ଝାରସୁଗୁଡ଼ା ସହରସ୍ଥିତ ଶ୍ରୀୟା ବଗିଚା ନିକଟରେ ବ୍ରଜପାତରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଶ୍ରୀୟା ବଗିଚା ଅଞ୍ଚଳର ପୁନମ ଦେବୀ (୩୫) ଓ ତାଙ୍କ ପୁଅ ଶିବରାଜ ସା'(୧୨)। ସୂଚନାନୁସାରେ ପୁନମ୍ ଆଜି ସଂଧ୍ୟାରେ ସ୍ୱାମୀ ଓ ପୁଅଙ୍କ ସହ ଝାରସୁଗୁଡ଼ାରୁ ଶ୍ରୀୟା ବଗିଚାକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ସେମାନେ ଶ୍ରୀୟା ବଗିଚାର ରେଲୱେ କ୍ରସିଂ ନିକଟରେ ଅଟକି ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପୁନମ ଓ ଶିବରାଜ ଉକ୍ତ ସ୍ଥାନରେ ଟଳିପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ୮ ବିରୋଧୀ ଦଳ

**ଭୁବନେଶ୍ୱର,୨୪।୭ (ସମିସ):** ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ୮ ଟି ସମଭାବାପନ୍ନ ଦଳ। ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ନ୍ୟାୟ ଦାବି କରି କଂଗ୍ରେସ ସମେତ ରାଜ୍ୟର ୮ଟି ବିରୋଧୀଦଳ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ମହିଳାଙ୍କୁ

**ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଦାବି**

ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରିବା ସହ ମହିଳାଙ୍କ ବିରୋଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି।

ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି, ପଡ଼ି ରହିଥିବା ମହିଳା ହିଂସା ସଂକ୍ରାନ୍ତ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ, ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ, ମହିଳାଙ୍କ ବିରୋଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି ହୋଇଛି। ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦେବା ସହ କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ, ମହିଳାଙ୍କୁ ଦକ୍ଷତା ବିକାଶ ଓ ରୋଜଗାର ଯୋଗାଇ ଅର୍ଥନୈତିକ ଭାବେ ସଶକ୍ତ ଏବଂ ସ୍ୱାବଲମ୍ବନ କରିବାକୁ ଦାବି ହୋଇଛି। ପୁଲିସ ଷ୍ଟେସନରେ ଦୁଷ୍କର୍ମ ଏବଂ ଯୌନ ଅପରାଧ ରେକର୍ଡ ପାଇଁ ସ୍ୱତନ୍ତ୍ର ସେଲ୍ ଓ ଅନଲାଇନ ଏଫଆଇଆର ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହ ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସାମିଲ ହୋଇଥିଲେ।



**■ ଆଇଏଏସସ୍ତରରେ ଅଦଳବଦଳ**

## ୯ ଉପଖଣ୍ଡରେ ନୂଆ ଉପଜିଲ୍ଲାପାଳ

**ଭୁବନେଶ୍ୱର,୨୪।୭ (ସମିସ):** ରାଜ୍ୟ ସରକାର ଗୁରୁବାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଅଦଳବଦଳରେ ମୋଟ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି ଓ ତନ୍ମଧ୍ୟରେ୨୦୨୩ ବ୍ୟାଚର ୯ ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତି ଅନୁସାରେ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ସମର୍ଥ ବର୍ମାଙ୍କୁ ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଭାବେ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ତାଲିମରୁ ଫେରିଥିବା ୨୦୨୩ ବ୍ୟାଚର ୮ଜଣ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ ଉପଜିଲ୍ଲାପାଳ, ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍‌ନି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଲବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି ।

**■ ଏସ୍‌ସିବି ଏମ୍ଆର୍ଆଇ ମେସିନ୍ ଅଚଳ**

## ନିରାଶ ଫେରିଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

**କଟକ, ୨୪।୭ (ସମିସ):** ବଡ଼ ମେଡିକାଲରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିଲା ନାହିଁ। ସର୍ଜରୀ ଜନିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସେ ଏସ୍‌ସିବି ଆସିଥିଲେ। ଏମ୍ଆର୍ଆଇ କରିବା ନିମନ୍ତେ ଏଠାରେ ଡାକ୍ତର ପରାମର୍ଶ ଦେଲେ, ମାତ୍ର ଏସ୍‌ସିବିର ଆଞ୍ଚଳିକ ନିଦାନ କେନ୍ଦ୍ର (ଆରଡିସି)ରେ ସଂସ୍ଥାପିତ ଏମଆରଆଇ ମେସିନ୍ କିଛି ଦିନ ହେବ ଅଚଳ ହୋଇ ପଡ଼ିଥିବା କୁହାଯାଇଥିଲା। ଏଣୁ ପ୍ରୋଟୋକଲ୍ ଭିତରେ ଏମଆରଆଇ କରାଇବା ନିମନ୍ତେ ତାଙ୍କୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚପିଜିଆଇସି)କୁ ନେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ମଚାରୀଙ୍କ ଭିତରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଯେଉଁଠାରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି, ସେଠାରେ ସାଧାରଣଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି କିଛି ସ୍ୱାସ୍ଥ୍ୟ ସମସ୍ୟା ନେଇ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସୁରକ୍ଷାବଳୟ ଭିତରେ କଟକ ବଡ଼ ମେଡିକାଲକୁ ଆସିଥିଲେ। ବରିଷ୍ଠ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ଏମ୍ଆର୍ଆଇ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ହେଲେ ବଡ଼ ମେଡିକାଲର ଏମ୍ଆର୍ଆଇ ମେସିନ ଅଚଳ ଥିବା ହେତୁ ତାଙ୍କୁ ଏଏଚ୍‌ପିଜିଆଇସିକୁ ନେବାକୁ ପଡ଼ିଥିଲା। ସେଠାରେ ପିପିପି ମୋଡ୍‌ରେ ଚାଲିଥିବା ଏମଆରଆଇ କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ତ୍ତୃପକ୍ଷ ଭିନ୍ନ ମତ ଦେଇଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏମ୍ଆର୍ଆଇ ମେସିନ ଅଚଳ ଥିବା କଥା ପୂର୍ବରୁ ଅବଗତ ଥିଲୁ। ଏଣୁ, ଏଏଚପିଜିଆଇସିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପୂର୍ବରୁ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ହେଲେ ତାଙ୍କୁ ତରିବରିଆ ଭାବେ ଏଏଚ୍‌ପିଜିଆଇସି ନିଆଯାଇଥିଲା ବୋଲି କିଛି କର୍ମଚାରୀ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି।

**ଗଠନ ହୋଇପାରିଲାନି ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ**

# ୮ ବର୍ଷ ହେଲା ଅଟକି ରହିଛି ପୁରସ୍କାର

**ଭୁବନେଶ୍ୱର,୨୪।୭ (ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୁରସ୍କାରକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାକାରଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହିତ ଏକାଡେମୀରେ ପୁରସ୍କାର ବି ଅଟକି ରହିଛି। ଓଡ଼ିଆ ଅସ୍ମିତାକୁ ଆଧାର କରି ନୂଆ ସରକାର ଗଠନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଅନେକ ଆଶା ରହିଥିବା ବେଳେ କାର୍ଯ୍ୟ ଶୂନ୍। ନୂଆ ସରକାର ନିକଟରେ ବର୍ଷପୂର୍ତ୍ତି ପାଳନ କରିଛନ୍ତି। ହେଲେ ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗର ପୁରସ୍କାର ଏବେ ବାଟବଣା ହୋଇଛି। କାର୍ଯ୍ୟ ତ୍ୱରାନ୍ୱିତ ବଦଳରେ ସ୍ଥାଣୁ ପାଲଟିଛି ସଂସ୍କୃତି ବିଭାଗ। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଭାଙ୍ଗିବାକୁ ୨ବର୍ଷ ବିତିଯାଇଛି; କିନ୍ତୁ ଏଯାଏଁ ପୁନର୍ଗଠନ ହୋଇପାରି ନାହିଁ ପରିଷଦ। ଫଳରେ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଅଟକି ରହିଛି। ଏମିତିକି ଶେଷଥର ପାଇଁ ୨୦୧୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୭ବର୍ଷ ଧରି ଏକାଡେମୀ ପୁରୁସ୍କାର ପ୍ରଦାନ କରାଯାଇପାରି ନାହିଁ। ଯାହାକୁ ନେଇ ସାହିତ୍ୟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକାଡେମୀ ଆସନ୍ତାକାଲି ତା'ର ୬୮ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏକାଡେମୀ ପରିଷଦର ପୁନର୍ଗଠନ ହୋଇ ନ ଥିବା ନେଇ ସାହିତ୍ୟିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୩ ମସିହା ଜୁନ୍ ମାସରେ ପୂର୍ବ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷପଦ ଗଠନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ମଧ୍ୟ ଆଗେଇ ପାରିଲା ନାହିଁ। ସଭାପତି, ଉପସଭାପତି ପଦ ଫାଙ୍କା ରହିଛି। ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଖାଲିପଡ଼ିଥିବା ଏକାଡେମୀର ଗୁରୁତ୍ୱପୂପୂର୍ଣ୍ଣ ପଦବୀଗୁଡ଼ିକ କେବେ ପୂରଣ ହେବ, ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ଖୁବ୍‌ଶୀଘ୍ର ସାଧାରଣ ପରିଷଦ ଗଠନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ

**ଆଜି ସାହିତ୍ୟ ଏକାଡେମୀର ୬୮ତମ ପ୍ରତିଷ୍ଠା ଦିବସ**

ଦେଇଥିଲେ ମଧ୍ୟ ସେ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ତାହାର ଉତ୍ତର ବିଭାଗୀୟ ଅଧିକାରୀ ଦେଇପାରୁ ନାହାନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାଧାରଣ ପରିଷଦର ସଦସ୍ୟମାନେ ନାମ ସୁପାରିସ କରିଥା'ନ୍ତି। ଏହାପରେ ଆସିଥିବା ପ୍ରସ୍ତାବ ଉପରେ କାର୍ଯ୍ୟକାରୀ କମିଟିରେ ଆଲୋଚନା କରାଯାଇ ଶେଷରେ ସାଧାରଣ ପରିଷଦ ବୈଠକ ଡକାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ତେଣୁ ସାଧାରଣ ପରିଷଦ ନ ଥିବାରୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ପାରୁନାହିଁ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୭ରୁ ପୁରସ୍କାର ଦିଆଯାଇ ନ ଥିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ନାହିଁ। ସେହିପରି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩ରୁ ଦିଆଯାଇନାହିଁ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏକାଡେମୀର ସର୍ବୋଚ୍ଚ ପୁରସ୍କାର ପାଇଁ କାର୍ଯ୍ୟପନ୍ଥା ଆରମ୍ଭ ହେବା ସହ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବା ସହ ମାନବସମ୍ବଳ ପୂରଣ ଦିଗରେ ନିଷ୍ପତ୍ତି ନିଆଯିବାକୁ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି।

# କାକଟପୁର ବିଜେପିରେ ଗୋଷ୍ଠୀ କନ୍ଦଳ; ଉନ୍ନୟନ କାର୍ଯ୍ୟ ବାଧା

ଗମ୍ଭାରୀପଦା,୨୪।୭ (ସମିସ): କାକଟପୁର ନିର୍ବାଚନମଣ୍ଡଳୀରେ ଜଳଜଳ ହୋଇ ଦେଖାଯାଉଛି ବିଜେପିରେ ଗୋଷ୍ଠୀ କନ୍ଦଳ। ଗତ ସାଧାରଣ ନିର୍ବାଚନରେ ଦଳ କ୍ଷମତାକୁ ଆସିବା ଲୋକେ ଭାବିଥିଲେ ଅଞ୍ଚଳର ଆହୁରି ଉନ୍ନତି ହେବ। କିନ୍ତୁ ଦଳ ମଧ୍ୟରେ ଫାଟ ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଫଳରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ବିଜେପି ରାଜ୍ୟରେ ଶାସନ କ୍ଷମତା ଦଖଲ କରିଥିବାରୁ କାକଟପୁରର ବିଜେପି ନେତୃତ୍ୱମାନେ ଉତ୍ସାହିତ ହୋଇ ଏ ବିଜୟର ଶ୍ରେୟ ନିଜ ନିଜର ପାରିବାପଣିଆ ବୋଲି ଦର୍ଶାଇ ନିର୍ବାଚନମଣ୍ଡଳୀର ଭୋଟରଙ୍କ ରାୟକୁ ଅଣଦେଖା କରି ନିଜ ନିଜ ମଧ୍ୟରେ ନେତୃତ୍ୱ ଲଢ଼େଇରେ ବର୍ଷେ ହେଲାଣି ବ୍ୟସ୍ତ ରହି ସାଧାରଣ ଲୋକଙ୍କ ସୁବିଧା ଅସୁବିଧାକୁ ନଜର ଅନ୍ଦାଜ କରୁଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀରେ ପ୍ରଶାସନିକ ଅରାଜକତା, ସାମାଜିକ ଅସ୍ଥିରତା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ସେଥିପ୍ରତି ଶାସକ ଦଳର ନେତା କି ପ୍ରତିନିଧିମାନେ ଧ୍ୟାନ ନ ଦେଇ ନିଜର କେତେକ ଚାଟୁକାରଙ୍କୁ ଧରି କେବଳ ବାହାଘର, ଜନ୍ମଦିନ, ମେଳା, ଏକୋଇଶିଆ ଆଦିରେ ଉପସ୍ଥିତ ରହି ଜିଲ୍ଲା ତଥା ରାଜ୍ୟ ନେତୃତ୍ୱଙ୍କୁ ଭୂଆଁ ବୁଲାଇବା ପାଇଁ ସୋସିଆଲ ମିଡିଆରେ ଫଟୋ ଛାଡ଼ି ଆତ୍ମସନ୍ତୋଷ ଲାଭ କରୁଛନ୍ତି ସିନା ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି। ବର୍ତ୍ତମାନ ନିଜ ଦଳ ଶାସନରେ ଥିବାରୁ ଗ୍ରାମାଞ୍ଚଳରେ କେତେକ ବେକାରୀ ଯୁବକଙ୍କୁ ହାତୀ ଦେବୁ ଘୋଡ଼ା ଦେବୁ କହି ମଟନ ଚିକେନ ଭୋଜି ସାଙ୍ଗକୁ ଅବକାରୀ ବନ୍ଦୋବସ୍ତ କରାଇ ମିଶ୍ରଣ ପର୍ବର ଫଟୋ ଭାଇରାଲ କରୁଛନ୍ତି ସିନା ପ୍ରକୃତ ଭୋଟରଙ୍କ ମନକଥା ବୁଝିନାହାନ୍ତି। କାକଟପୁର ନିର୍ବାଚନମଣ୍ଡଳୀର ବିଜେପି ଅନ୍ତତଃପକ୍ଷେ ୪ଟି ଗୋଷ୍ଠୀରେ ବିଭକ୍ତ ହୋଇ ପଡିଆରା ଲଢ଼େଇରେ ବ୍ୟସ୍ତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦୁଇ ପୂର୍ବତନ ବିଧାୟକଙ୍କ ୨ ଗୋଷ୍ଠୀ ଥିବାବେଳେ, ସାଂସଦ ପ୍ରତିନିଧିଙ୍କ ମଧ୍ୟରେ ୨ ଗୋଷ୍ଠୀଙ୍କ ତାଡ଼ନାରେ ବିଜେପି ଦଳ ସଂକୁଚିତ ହେବାକୁ ଲାଗିଛି। ଦଳର ବାସ୍ତବ ରୂପରେଖ ରାଜ୍ୟ ନେତୃତ୍ୱଙ୍କ ପାଖରେ ନାହିଁ। ପଞ୍ଚାୟତ ନିର୍ବାଚନ ଆଉ କେତୋଟି ଦିନ ବାକିଥିବାବେଳେ ଦଳ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳର ଯଦି ସମାଧାନ କରା ନ ଯାଇ ସୁସ୍ଥ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଲୋକମାନଙ୍କ ଅଭାବ ଅସୁବିଧା ଦୂର କରାନଯାଏ, ଅଳ୍ପ ଦିନରେ ପଦ୍ମ ଦଳ ଭୋଟରଙ୍କ ମାନସପଟରୁ ଦୂରେଇଯିବ ବୋଲି ପୁରାତନ ବିଜେପି ଶୁଭେଚ୍ଛୁମାନେ ମତପୋଷଣ କରିଛନ୍ତି।

# ଗଡ଼ବଡ଼ପୁଟରୁ କୁଶାଣ ସମୟର ପ୍ରାଚୀନ ମୁଦ୍ରା, ମୂର୍ତ୍ତି ଉଦ୍ଧାର





କଣାସ,୨୪।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ପ୍ରାଚୀନ ଇତିହାସ, ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅନାମଚରଣ ବେହେରା ଏବଂ ତାଙ୍କର ସହକର୍ମୀ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଗଡ଼ବଡ଼ପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟରେ ସାମିଲ୍ ହୋଇଥିଲେ। ଏହି ଗ୍ରାମରେ ଏକ ପ୍ରାଚୀନ ବିରଳ ମୁଦ୍ରା ଓ ମୂର୍ତ୍ତି ମିଳିଥିଲା। ଯାହାକୁ ସେ କୁଶାଣ ସମୟର ବୋଲି ପ୍ରକାଶ କରିଥିଲେ। ଏହି ଅଞ୍ଚଳରୁ ପୁରାତନ ପ୍ରସ୍ତର ଯୁଗର ପ୍ରସ୍ତର କୁରାଢ଼ୀ ଏବଂ ଅନେକ ଧାରୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଥିଲେ। ସେ ସମୟରେ ପ୍ରସ୍ତର ନିର୍ମିତ ହାତହତିଆର ଦ୍ୱାରା ମଣିଷମାନେ ବିଭିନ୍ନ କାର୍ଯ୍ୟ କରିପାରୁଥିଲେ। ଏହି ଗ୍ରାମର ମଲ୍ଲିକେଶ୍ୱର ମନ୍ଦିର ପ୍ରସିଦ୍ଧ ଶୈବପୀଠ ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଗ୍ରାମରେ ପୁରାତନ ସମୟର ବହୁ ସାମଗ୍ରୀ ମିଳିଥିବାରୁ ଏଠାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା କରାଯାଇ ଖନନ କରାଗଲେ ପ୍ରାଚୀନ ମୁଦ୍ରା ଲୋକମାନଙ୍କ ବ୍ୟବହାର ଜିନିଷପତ୍ର ମିଳିବାର ଆଶଙ୍କା କରାଯାଉଛି। ପ୍ରାଧ୍ୟାପକ ତଥା ଗବେଷକ ଶ୍ରୀ ବେହେରାଙ୍କ ସହିତ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡ଼ସିଂହ, ଗ୍ରାମବାସୀ ବୀରବର ପରିଡ଼ା ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ

# ବିଦ୍ୟୁତ୍, ପାନୀୟଜଳ ସମସ୍ୟାର ସମାଧାନ ଦାବି




କଣାସ,୨୪।୭ (ସମିସ): ଗୁରୁବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ଡାକ୍ତର କ୍ଷମାନିଧି ସେଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ଦିନରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ବିପିଏମ୍ ଧନେଶ୍ୱର ସ୍ୱାଇଁ ପୂର୍ବ ବୈଠକର ଧାରାବିବରଣୀ ପାଠ କରିଥିଲେ। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ଡାକ୍ତରଖାନାକୁ ଲାଗିଥିବା ଜାଗା ଅଧିଗ୍ରହଣ ପାଇଁ ତହସିଲଦାରଙ୍କୁ ଚିଠି ଲେଖାଯାଇଥିବା କଥା ଆଲୋଚନା ହୋଇଥିଲା। ଯଦି ଜାଗା ହୋଇ ନ ପାରୁଛି, ତେବେ ଆଇପିଏଚ୍ଏସ୍ କୋଠାର ଡିଜାଇନ୍ ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ ପାଇଁ କମିଟି ନିଷ୍ପତ୍ତି ନେଇଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ପ୍ରସ୍ତାବ କ୍ରମେ ବ୍ଲକ୍ କାର୍ଯ୍ୟାଳୟଠାରେ ସ୍ଥାପିତ ପାନୀୟ ବିଶୁଦ୍ଧୀକରଣକ ଯନ୍ତ୍ରକୁ ଡାକ୍ତରଖାନାରେ ଅବସ୍ଥାପିତ କରିବା ପାଇଁ କମିଟି ନିଷ୍ପତ୍ତି ନେଇଥିଲେ। ବହିଃବିଭାଗଠାରୁ ଅନ୍ତଃବିଭାଗ ପର୍ଯ୍ୟନ୍ତ ସେଡ୍ ନିର୍ମାଣ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କୁ ଅନୁରୋଧ କରାଯାଇଥିଲା। ରୋଗୀଙ୍କୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ଅମଙ୍ଗ ହେବାରୁ ଆଉ ଗୋଟିଏ ସଂସ୍ଥା ଚିହ୍ନଟ ପାଇଁ ଡାକ୍ତରଖାନାର ଡାଏଟ୍ କମିଟି ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠନ କରାଗଲା। ଖୁବ୍‌ଶୀଘ୍ର ନୂତନ ଡାଏଟ୍ ସଂସ୍ଥା ଚିହ୍ନଟ ପାଇଁ ବିଜ୍ଞାପନ ପ୍ରକାଶ କରାଯିବ। ଜରୁରୀକାଳୀନ ରୋଗୀ ସେବା ଗୃହରେ ରୋଗୀ ଭିଡ଼କୁ ନିୟନ୍ତ୍ରଣ ପାଇଁ ଇଞ୍ଜେକ୍ସନ୍ ଗୃହ ଅଲଗା ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୁରନ୍ତ ବୈଦୁତିକ ସମସ୍ୟା ସମାଧାନ ପାଇଁ ଡିଜି ମରାମତି ଓ ସୋଲାର ସେଲ ଅବସ୍ଥାପିତ ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ରୋଗୀ ଅପେକ୍ଷା ଗୃହରେ ଷ୍ଟିଲ୍ ଚେୟାର, ପଙ୍ଖା, ପାନୀୟଜଳର ବ୍ୟବସ୍ଥା ପାଇଁ ପ୍ରସ୍ତାବ ପରିତ କରାଗଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଗଲା। ଏହି ବୈଠକରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ଶିଶୁ ବିକାଶ ଅଧିକରିଣୀ ସ୍ମିତା ମହାନ୍ତି, ଡାକ୍ତର ଶ୍ରେଷ୍ଠା ମହାପାତ୍ର, ସୋନାଲି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ସ୍ୱର୍ଣ୍ଣଲତା ରଥ, କୃଷ୍ଣଚନ୍ଦ୍ର ବରାଳଙ୍କ ସହିତ ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ସସ୍ମିତା ଜେନା ଶ୍ରୀକାନ୍ତ ପାଟଯୋଶୀ, ସରପଞ୍ଚ ଭଗବାନ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ।

# ଘର ସମ୍ମୁଖରୁ ପିକ୍ଅପ୍ ଭ୍ୟାନ୍ ଚୋରି

ଚାରିଛକ,୨୪।୭ (ସମିସ): ଚାରିଛକ ଥାନା ଅନ୍ତର୍ଗତ ଆଗରଶାସନ ଗ୍ରାମରୁ ମଙ୍ଗଳବାର ରାତିରେ ଏକ ବୋଲେରୋ ପିକ୍ଅପ୍ ଭ୍ୟାନ୍ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋପ ଥାନା ଅନ୍ତର୍ଗତ ନରସିଂହପୁରର ସୌଭାଗ୍ୟ ରଞ୍ଜନ ପାତ୍ରଙ୍କ ଏକ ବୋଲେରୋ ପିକ୍ଅପ୍ ଭ୍ୟାନ୍‌କୁ ଆଗରଶାସନ ଗ୍ରାମର ଅନନ୍ତ ଭୋଇ ଚଳାନ୍ତି। ମଙ୍ଗଳବାର ଗାଡ଼ି ଭଡ଼ା କାମ ସାରି ବିଳମ୍ବିତ ରାତିରେ ଫେରି ଅନନ୍ତ ଗାଡ଼ିକୁ ନିଜ ଘର ପାଖରେ ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଗାଡ଼ିକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ନେଇ ଗାଡ଼ି ମାଲିକ ଚାରିଛକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ନିଖୋଜ ପୋଷ୍ଟରକୁ ନେଇ ବଳଙ୍ଗା ଥାନାରେ ମାମଲା



ବଳଙ୍ଗା,୨୪।୭ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ନିମାପଡ଼ା ଓ ବଳଙ୍ଗାଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଖୋଜ ହୋଇଥିବା ପୋଷ୍ଟର ବିଭିନ୍ନ ଜାଗାରେ ମରାଯାଇଥିବା ନେଇ ବଳଙ୍ଗା ଥାନାରେ ବିଜେପି ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ କେହି ଅଜଣା ବ୍ୟକ୍ତି ପୋଷ୍ଟର ମରାଯାଇଥିବା ନେଇ ବଳଙ୍ଗା ଅଞ୍ଚଳରେ ପ୍ରଘଟ ହେବାରେ ବଳଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ ବରାଳ, ପ୍ରଭାକର ନାୟକ, ସରୋଜ ସାହୁ, ଅର୍ଜୁନ ବରାଳ, ରଞ୍ଜନ ପ୍ରଧାନ ପ୍ରମୁଖ ବଳଙ୍ଗା ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

● ବଳଙ୍ଗା ନାବାଳିକା ପୋଡ଼ି ଘଟଣା

# ଅଭିଯୁକ୍ତଙ୍କର ହୋଇପାରେ ସ୍କେଚ୍ ମ୍ୟାପ୍

ବଳଙ୍ଗା,୨୪।୭ (ସମିସ): ନାବାଳିକା ପୋଡ଼ି ଘଟଣାରେ ଗୁରୁବାର ସକାଳୁ ସକାଳୁ କ୍ରାଇମ୍‌ବ୍ରାଞ୍ଚ ଓ ବଳଙ୍ଗା ପୁଲିସ ବିଭିନ୍ନ ସ୍ଥାନକୁ ପରିଦର୍ଶନ କରିବା ସହ କଡ଼ାକଡ଼ି ଯାଞ୍ଚ କରୁଛନ୍ତି। ଯଦି ଏମ୍ସ କର୍ତ୍ତୃପକ୍ଷ ଅନୁମତି ଦେବେ ତେବେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ସହ ବଳଙ୍ଗା ପୁଲିସ ଓ କ୍ରାଇମ ବ୍ରାଞ୍ଚ ଦେଖାକରି ପଚାରଉଚରା କରନ୍ତେ। ବର୍ତ୍ତମାନ ସୁଦ୍ଧା କ୍ରାଇମ୍ ବ୍ରାଞ୍ଚ, ସ୍ପେଶାଲ ଟିମ୍, ବଳଙ୍ଗା ପୁଲିସ ୭୦ରୁ ଅଧିକ ବ୍ୟକ୍ତିଙ୍କୁ ପଚାରଉଚରା କରିସାରିଲେଣି। ପୂରା ଘଟଣା ଉପରେ ବଳଙ୍ଗା ପୁଲିସ ଓ କ୍ରାଇମ୍ ବ୍ରାଞ୍ଚ ୬ ଦିନ ହେଲାଣି କଡ଼ାକଡ଼ି ଅନୁଧ୍ୟାନ କରୁଛନ୍ତି। ଏପଟେ ପୀଡ଼ିତାଙ୍କ ସହ ଯଦି ପୁଲିସ କ୍ରାଇମ୍ ବ୍ରାଞ୍ଚଙ୍କ ବୟାନ ରେକର୍ଡ କରିଲା ପରେ ଆବଶ୍ୟକ ପଡ଼ିବ ତେବେ ଅଭିଯୁକ୍ତମାନଙ୍କର ସ୍କେଚ୍ ମ୍ୟାପ୍ ହେବାର ସମ୍ଭାବନା ରହିଛି। ପୀଡ଼ିତାଙ୍କର ଅସ୍ତ୍ରୋପଚାର ହୋଇଛି।

# ୮୦ ବର୍ଷୀୟ ବୃଦ୍ଧଙ୍କୁ ଆକ୍ରମଣ କରି ମେଣ୍ଢା ଚୋରି

ଗୋପ,୨୪।୭ (ସମିସ): ଗୋପ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ବାଲିପଡ଼ିଆଠାରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ଆକ୍ରମଣ କରି ୬ଟି ମେଣ୍ଢା ଚୋରି ହୋଇଥିବାବେଳେ ପୁଲିସ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେହିପରି ପହରା ଗ୍ରାମରୁ ମଧ୍ୟ ଜଣଙ୍କ ଗୁହାଳ ଘରୁ ୬ଟି ମେଣ୍ଢା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏକ କଳାରଙ୍ଗର ସ୍କର୍ପିଓ ଗାଡ଼ିରେ ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆସି ଏହି ଚୋରି କରିଥିବା ବୃଦ୍ଧ ଜଣକ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଗତ କିଛିଦିନ ଧରି ଗୋପ ତଥା ଆଖପାଖ ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଏକ କଳା ସ୍କର୍ପିଓ ଗାଡ଼ିରେ ୫ରୁ ୬ ଜଣ ଦୁର୍ବୃତ୍ତ ଆସି ବାଲିପଡ଼ିଆ ନିକଟରେ ପହଞ୍ଚି ୮୦ ବର୍ଷୀୟ ବୃଦ୍ଧ ବେନୂଆ ବେହେରାଙ୍କ ଗୁହାଳ ନିକଟରେ ପହଞ୍ଚି ପ୍ରଥମେ ପାଣି ମାଗିଥିଲେ। ପରେ ବୃଦ୍ଧଙ୍କ ମୁହଁକୁ ଚିପିଧରି ଗୁହାଳ ମଧ୍ୟରେ ପଶି ୫ଟି ମେଣ୍ଢାକୁ ଚୋରି କରି ନେଇଥିଲେ। ବୃଦ୍ଧ ଗୋଟିଏ ମେଣ୍ଢା ଛାଡ଼ିବାକୁ କାକୁତି ମିନତି କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ବୃଦ୍ଧଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେହିପରି ପହରା ଗ୍ରାମର ସୁମନ ବେହେରାଙ୍କ ଗୁହାଳରୁ ମଧ୍ୟ ୫ଟି ମେଣ୍ଢା ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଥିବାବେଳେ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି ବୋଲି ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି। ଅପରପକ୍ଷେ ପୁଲିସ ଅଦ୍ୟାବଧି ଚୋରଙ୍କ ସନ୍ଧାନ ପାଇପାରି ନାହିଁ।

# ୧୧୦ ଲିଟର ଦେଶୀ ମଦ ଜବତ; ବେପାରୀ ଗିରଫ

ଅସ୍ତରଙ୍ଗ,୨୪।୭ (ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଛୁରିଆନା ପଞ୍ଚାୟତ କଣମଣ ଗ୍ରାମର ବିଜୟ ନାୟକଙ୍କ ଘରେ ବୁଧବାର ପୂର୍ବାହ୍ନ ୧୧.୩୦ ସମୟରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ଘର ଫାଟକ ସମ୍ମୁଖରେ ଥିବା ୧୧୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ତାଙ୍କୁ ଥାନାକୁ ଆଣି ଏନ୍‌ଡିପିଏସ୍/ଅବକାରୀ ଆଇନ ବଳରେ କେସ୍ ନମ୍ବର ୧୪୯/୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

# ସାନ ଯାଆ ଆକ୍ରମଣରେ ବଡ଼ ଗୁରୁତର



ଗମ୍ଭାରୀପଦା,୨୪।୭ (ସମିସ): ବର୍ଷେ ତଳର ବିବାଦକୁ ନେଇ କାକଟପୁର ଥାନା ଅଧୀନସ୍ଥ ଗୋରୋଡ଼ିତୋଟା ଗ୍ରାମରେ ବୁଧବାର ରାତିରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଉକ୍ତ ଗ୍ରାମର ବାସନ୍ତୀ ପ୍ରଧାନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ୍ ଦେବାରୁ ତାଙ୍କ ସାନ ଯାଆ ଆରତୀ ପ୍ରଧାନ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏପରିକି ଦୀର୍ଘ ୧ ବର୍ଷ ହେବ ସାନ ଯାଆର ଆକ୍ରୋଶର ଶିକାର ହେଉଛନ୍ତି ବଡ଼ ଯାଆ ବାସନ୍ତୀ। ବାରମ୍ବାର ବାସନ୍ତୀ ଥାନାକୁ ଦୌଡ଼ି ନ୍ୟାୟ ମାଗିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି ନିଃସହାୟ ବାସନ୍ତୀ।

ସୂଚନା ଥାଉକି, ବାସନ୍ତୀ ଜଣେ ନିର୍ମାଣ ଶ୍ରମିକ ଭାବେ କାମ କରନ୍ତି। ବୁଧବାର ବିଳମ୍ବିତ ରାତିରେ ସେ କାମରୁ ଫେରି ଘରେ ପହଞ୍ଚି ଘର ଦୁଆରମୁହଁରେ ଗୋଡ଼ ଧୋଇବାବେଳେ ତାଙ୍କ ସାନ ଯାଆ ଆରତୀ ପ୍ରଧାନ ପୂର୍ବ ଶତ୍ରୁତାରୁ ଆକ୍ରୋଶ ରଖି ମରଣାନ୍ତକ ଆକ୍ରମଣ କରିଥିଲେ। ଯେଉଁଥିରେ ବାସନ୍ତୀଙ୍କ ହାତ, ମୁହଁ, ବେକ, ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତ ଝରୁଥିବା ଦେଖିବାକୁ ମିଳିଛି। ସେ ତତ୍‌କ୍ଷଣାତ ଡାକ୍ତରୀ ଚିକିତ୍ସା ହେବାପରେ ନ୍ୟାୟ ପାଇଁ କାକଟପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣିବାରେ ସକ୍ଷମ ହୋଇନାହିଁ। ଗତ ୧ ବର୍ଷ ହେବ ଭୋଟ୍‌କୁ କେନ୍ଦ୍ର କରି ବାରମ୍ବାର ଏଭଳି ଦଶା ଭୋଗୁଛନ୍ତି ବୋଲି ବାସନ୍ତୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କାକଟପୁର ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ଅଭିଯୁକ୍ତ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଷଣ୍ଢକୁ ଧକ୍କା ଦେଇ ଆମ୍ବୁଲାନ୍ସ ଚୂରମାର୍



ବଳଙ୍ଗା,୨୪।୭ (ସମିସ): ଦ୍ରୁତଗତି ଓ ବେପରୁଆ ଭାବରେ ଆସୁଥିବା ଏକ ଆମ୍ବୁଲାନ୍ସ ରାସ୍ତାରେ ଷଣ୍ଢ ସହ ଧକ୍କା ହୋଇଛି। ଷଣ୍ଢଟି ଗୁରୁତର ଆହତ ହୋଇଥିବାବେଳେ ଆମ୍ବୁଲାନ୍ସଟି ଚୁରମାର୍ ହୋଇଛି। ସେହି ଆମ୍ବୁଲାନ୍ସରେ ଥିବା ଜଣେ ମହିଳା ଓ ଜଣେ ପୁରୁଷ ଥିବାବେଳେ ଆମ୍ବୁଲାନ୍ସର ଆଗ ସିଟ୍‌ରେ ବସିଥିବା ମହିଳାଙ୍କ ପୁଅ ଅଳ୍ପକେ ବଞ୍ଚିଯାଇଛନ୍ତି। ବଳଙ୍ଗା ଥାନା ଅଞ୍ଚଳ ପାର୍ବତୀପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ଭୁବନେଶ୍ୱର ହାଇଟେକ୍ ମେଡିକାଲରେ ମୃତ୍ୟୁ ହୋଇଥିବାବେଳେ ପରିବାର ଲୋକ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରରୁ ପାର୍ବତୀପୁର ଆସୁଥିଲେ। ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡ଼କ ଚୋରପଡ଼ା ଗାଁ ମୁଣ୍ଡଠାରେ ନିଜର ଭାରସାମ୍ୟ ହରାଇ ଷଣ୍ଢକୁ ଶକ୍ତ ଧକ୍କା ଦେଇଛି। ମୃତକଙ୍କ ପରିବାରର କହିବା ଅନୁଯାୟୀ, ଆମ୍ବୁଲାନ୍ସ ଚାଳକ ଅତ୍ୟଧିକ ମଦ୍ୟପାନ କରି ଦ୍ରୁତଗତିରେ ଆଣି ଜାଣିଶୁଣି ଦୁର୍ଘଟଣା ଘଟାଇଛି।

● ରାସ୍ତାକଡ଼ରୁ ଉଚ୍ଛେଦ ପରେ ଥଇଥାନ ହେଉନି

# ଭୋକ ଉପାସରେ ଉଠାଦୋକାନୀ

ନିମାପଡ଼ା,୨୪।୭ (ସମିସ): କୋଣାର୍କ-ପିପିଲି ରାସ୍ତାର ନିମାପଡ଼ା କୁଶଭଦ୍ରା ବ୍ରିଜ୍‌ଠାରୁ ତଳଅଣ୍ଡିଆ ପର୍ଯ୍ୟନ୍ତ ୩ କି.ମି.ରୁ ଊର୍ଦ୍ଧ୍ୱ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ହେବା ଫଳରେ ରାସ୍ତାକଡ଼ରେ ଥିବା ଶତାଧିକ ଉଠାଦୋକାନୀଙ୍କୁ ଏନ୍ଏସି ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଉଠାଦୋକାନୀମାନେ ଦୋକାନ ଘର ହରାଇ ଭୋକ ଉପାସରେ କାଳାତିପାତ କରୁଥିବା ଜଣାପଡ଼ିଛି। ଆଉ କିଛି ଦୋକାନୀ ରାସ୍ତାକଡ଼ରେ ଖରାବର୍ଷାରେ ଜରିପାଲ ଟାଣି ଦୋକାନ ଖୋଲି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ପ୍ରତିପୋଷଣ କରୁଛନ୍ତି। ଦୋକାନ ଗୃହ ସବୁ ଭଙ୍ଗାଯିବା ପରେ ଦୋକାନୀମାନଙ୍କୁ ଭେଣ୍ଡିଂଜୋନ୍ କରି ଦୋକାନ ଘର ଯୋଗାଇଦେବାକୁ ଏନ୍ଏସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ନେଇ କିଛି ଦୋକାନୀ ଅଭିଯୋଗ କରିଛନ୍ତି। ତେବେ ଦୋକାନ ଘର ଭାଙ୍ଗିବାର ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ଦୋକାନୀମାନଙ୍କୁ ଥଇଥାନ କରିବାରେ ବିଫଳ ହୋଇଛି ଏନ୍ଏସି ପ୍ରଶାସନ। ବିଶେଷକରି ମୁଖ୍ୟ ରାସ୍ତାର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ମୁଖ୍ୟ ରାସ୍ତା ଉପରେ ଜମାହୋଇ ରହିଛି ବର୍ଷାପାଣି। ଯାହା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଉଠାଦୋକାନୀମାନେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସେମାନଙ୍କ ଗୁହାରୀ ଶୁଣୁନି ସ୍ଥାନୀୟ ଏନ୍ଏସି ପ୍ରଶାସନ। ତୁରନ୍ତ ଉଚ୍ଛେଦ ଦୋକାନୀମାନଙ୍କୁ ଥଇଥାନ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ପାଠଚକ୍ର ପାଇଁ ପ୍ରସ୍ତୁତି ବୈଠକ



ଚାରିଛକ,୨୪।୭ (ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ଆନୁକୂଲ୍ୟରେ "ଓଡ଼ିଶାର ପ୍ରଥମ ସହିଦ ଜୟୀ ରାଜଗୁରୁ' ଶୀର୍ଷକ ବାର୍ଷିକ ପାଠଚକ୍ର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର, ନହରକଣ୍ଟାସ୍ଥିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ସେଠୀ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ପ୍ରବୀର କୁମାର ବେହେରା, ଗୋପ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ମହେନ୍ଦ୍ର ପ୍ରଧାନ, ସାରଦ଼ା ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପିକା ଶୁଚିସ୍ମିତା ସ୍ୱାଇଁ, ଖେଲାରସ୍ଥିତ ଜ୍ଞାନଦେବୀ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ରୋନାଲିସା ମହାରଣା, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ମେଜର ପୁଷ୍ପଲତା ଦଉ, ଅଧ୍ୟାପିକା ସୁଲୋଚନା ସାହୁ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଏହି ରାଜ୍ୟସ୍ତରୀୟ ପାଠଚକ୍ରକୁ ସଫଳତାର ସହ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରିଶେଷରେ ଅଧ୍ୟାପିକା ମେଜର ପୁଷ୍ପଲତା ଦଉ ଧନ୍ୟବାଦ ଅର୍ପଣ କରିଥିଲେ।




# ଡାକ୍ତରାଣୀ ଚିରିଦେଲେ ରୋଗୀଙ୍କ ଔଷଧ ଚିଠା ଓ ନିଦାନ ରିପୋର୍ଟ



ଅସ୍ତରଙ୍ଗ,୨୪।୭ (ସମିସ): ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଡାକ୍ତରଖାନାର ଜଣେ ଡାକ୍ତରାଣୀ ଜଣେ ରୋଗୀଙ୍କ ଔଷଧ ଚିଠା ସହିତ ନିଦାନ ରିପୋର୍ଟକୁ ଚିରି ଫୋପାଡ଼ିବା ପରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ସିଟ୍ ଛାଡ଼ି ପଳେଇଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗ ବ୍ଲକ୍ ନଗର ଗ୍ରାମର ପଙ୍କଜ ବେହେରାଙ୍କ ୪ବର୍ଷର ପୁଅର ଚର୍ମ ରୋଗ ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରାଣୀଙ୍କ ନିକଟରେ ଅନେକ ଥର ଔଷଧ ଖାଇବା ପରେ ଆରୋଗ୍ୟ ହେଉ ନ ଥିଲେ। ଗୁରୁବାର ପଙ୍କଜଙ୍କ ସ୍ତ୍ରୀ ପ୍ରୀତି ବେହେରାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ଉଭୟ ସ୍ୱାମୀ-ସ୍ତ୍ରୀ ଓ ପୁଅ ଆସି ଡାକ୍ତରାଣୀଙ୍କୁ ମେଡିକାଲରେ ସାକ୍ଷାତ୍ କରିଥିଲେ। ତାଙ୍କ ସ୍ତ୍ରୀଙ୍କ ପାଇଁ ଡାକ୍ତରାଣୀ ରକ୍ତ ପରୀକ୍ଷା କରିବାକୁ ପ୍ରେସ୍‌କ୍ରିପ୍‌ସନ କରିଥିଲେ। ଇତି ମଧ୍ୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଅନ୍ୟ ଏକ ଡାକ୍ତରଙ୍କୁ ପଙ୍କଜ ତାଙ୍କ ପୁଅଙ୍କ ଚର୍ମ ରୋଗ ବାବଦରେ ଜଣାଇଥିଲେ ଓ ସେ ଆଉ ଏକ ନୂଆ ଔଷଧ ଲେଖିଥିଲେ। ପ୍ରୀତିଙ୍କ ନିଦାନ ରିପୋର୍ଟ ଆସିବା ପରେ ଯେତେବେଳେ ଡାକ୍ତରାଣୀଙ୍କ ସାକ୍ଷାତ୍ କରିବାକୁ ପରିବାର ଯାଇଥିଲେ ସେତେବେଳେ କ'ଣ ପାଇଁ ମୋ ନାମରେ ଅନ୍ୟ ଡାକ୍ତରଙ୍କୁ କହିଲ ବୋଲି ଡାକ୍ତରାଣୀ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଡାକ୍ତରାଣୀ ପଙ୍କଜଙ୍କ ସ୍ତ୍ରୀର ପ୍ରେସ୍‌କ୍ରିପସନ ଓ ନିଦାନ ରିପୋର୍ଟକୁ ଚିରି ଫୋପାଡ଼ି ଦେଇଥିଲେ। ଯାହା ଫଳରେ ପଙ୍କଜ ସଙ୍ଗେ ସଙ୍ଗେ ତାଙ୍କର ଭିଡିଓ ବନେଇବାକୁ ପ୍ରୟାସ କରିଥିଲେ। କିନ୍ତୁ ମ୍ୟାଡାମ୍ ଚାମ୍ବର ଛାଡ଼ି କ୍ୱାର୍ଟରକୁ ଚାଲିଯାଇଥିଲେ ଏବଂ ପଙ୍କଜଙ୍କ ମୋବାଇଲ୍ ମଧ୍ୟ ଛଡ଼ାଇବାକୁ ପ୍ରୟାସ କରିଥିଲେ। ଏ ବାବଦରେ ଉପସ୍ଥିତ ଡାକ୍ତରାଣୀଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି ଯେ ଆମେ ଏବେ ଉକ୍ତ ଲୋକଠୁ ଘଟଣା ସମ୍ପର୍କରେ ଶୁଣିଲୁ। ଆଗକୁ ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଗଣମାଧ୍ୟମକୁ ଜଣାଇବେ। ଏବେ ଏଠି ପ୍ରଶ୍ନ ଉଠୁଛି ରୋଗୀଟିଏ ଡାକ୍ତରଙ୍କୁ ଭଗବାନ ବୋଲି ଭାବୁଥିବାବେଳେ ଡାକ୍ତରାଣୀଙ୍କ ଏଭଳି ବ୍ୟବହାର କେତେ ଯୁକ୍ତିଯୁକ୍ତ।

୨୪/୭/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୦,୪୭୨/- ସୁନା: ୦୨.୮୦୦ ଗ୍ରାମ୍ ରୁପା: ୩୩.୨୦୦ ଗ୍ରାମ୍



# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ



**ପୁରୀ,୨୪ା୭ (ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗରବିଜେ କରିଥା'ନ୍ତି। ସୋମବାର ଶ୍ରାବଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗରବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ସାକ୍ଷୀଗୋପାଳ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି

**ସାକ୍ଷୀଗୋପାଳ,୨୪ା୭ (ସମିସ):** ଗୁରୁବାର ଚିତାଲାଗି ଅମାବାସ୍ୟା ପର୍ବ ସ୍ଥାନୀୟ ସାକ୍ଷୀଗୋପାଳ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଦ୍ୱାର ଉନ୍ମୋଚନ କରାଯାଇ ଠାକୁରଙ୍କ ମଙ୍ଗଳ ଆଳତି, ବେଶ, ମଇଲମ, ମର୍ଦ୍ଦନ, ଅବକାଶ, ସୂର୍ଯ୍ୟପୂଜା, ବାହାର ଦ୍ୱାରପାଳ ପୂଜା, ଭିତର ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ ଆଦି ଅନୁଷ୍ଠିତ ହୋଇଥିଲା। ଦ୍ୱିପହର ଧୂପରେ ଯାତ ଭୋଗ, ପରେ ସାକ୍ଷୀଗୋପାଳ ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ ଚିତାଲାଗି କରାଯାଇଥିଲା। ଆଳତି ଓ ଉପଚାର ଅନୁଷ୍ଠିତ ହୋଇଥିଲା। ସୁନାଚିତା ଲାଗି ପରେ ଛତ୍ରୀ, ତ୍ରାସ, ଛାମୁଖୁଣ୍ଟିଆ କାଠି ବାଡ଼େଇବା ପରେ ଘଣ୍ଟ, ବିଜେ କାହାଳୀ, ତେଲିଙ୍ଗି ବାଜା ଓ ମହୁରୀ ବଜାଯାଇ ଆଳତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା ସେବକ ଠାକୁରଙ୍କୁ ଦୁବ ଓ ଅରୁଆ ଚାଉଳରେ ବନ୍ଦାପନା କରିଥିଲେ। ଠାକୁରଙ୍କର ଏହି ବେଶ ଦର୍ଶନ ନିମନ୍ତେ ସ୍ଥାନୀୟ ଭକ୍ତଙ୍କ ସମାଗମ ହୋଇଥିଲା। ଗହମରେ ପ୍ରସ୍ତୁତ ଚିତଉପିଠା ଭୋଗ କରାଯାଇଥିଲା। ଗ୍ରାମାଞ୍ଚଳରେ ପ୍ରତ୍ୟେକଙ୍କ ଘରେ ଚିତଉପିଠା କରାଯାଇଥିଲା। କୃଷକ ପରିବାର ତରଫରୁ ନଦୀ, ପୁଷ୍କରିଣୀ ଓ ଜଳାଶୟମାନଙ୍କରେ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଚିତଉପିଠା ଦିଆଯାଇଥିଲା। ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଏହି ଚିତଉପିଠା ଦେଲେ କୃଷି କାର୍ଯ୍ୟ ସମୟରେ ଗେଣ୍ଡାମାନଙ୍କ ଦ୍ୱାରା ଗୋଡ଼ ହାତ କଟିଯିବାର ଭୟ ନ ଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି।

# ଆନ୍ଧ୍ରର ପୋକରା କାଜୁ ପାଇଁ ଓଡ଼ିଶା ବଦନାମ

**ପୁରୀ,୨୪ା୭ (ସମିସ)**

ଆନ୍ଧ୍ରର ପୋକରା କାଜୁ ପାଇଁ ବଦ୍‌ନାମ ହେଉଛି ଓଡ଼ିଶା। ପର୍ଯ୍ୟଟକଙ୍କୁ ବିଭିନ୍ନ ସମୟରେ ଏହି ପୋକରା କାଜୁ ବିକ୍ରି କରାଯାଉଛି। ବିଶେଷକରି ପୁରୀ ଏବଂ କୋଣାର୍କରେ ଏହି ନିମ୍ନମାନର କାଜୁକୁ ନେଇ ହୋ-ହଲ୍ଲା ହେଉଛି। ହେଲେ ଏହାକୁ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେର କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଧୀରେ ଧୀରେ ଏହି ବେପାର ବଢ଼ିବାରେ ଲାଗିଛି। ଯେଉଁମାନେ ପ୍ୟାକେଟ୍ ନେଇ ଘଟଣାସ୍ଥଳରୁ ପଳାଇ ଯାଉଛନ୍ତି ତାହା ତ ଅଲଗା କଥା। କିନ୍ତୁ ଯେଉଁମାନେ ପ୍ୟାକେଟ୍ ଖୋଲୁଛନ୍ତି ଖୋଲିଯାଉଛି ପୋକରା କାଜୁ ବିକ୍ରେତାଙ୍କ ଅସଲ ମୁଖା। ଗତ ସୋମବାର ଏହି ପୋକରା କାଜୁ ବିକ୍ରିକୁ ନେଇ କୋଣାର୍କରେ ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ସେମାନେ ଥାନାକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଫେରାଦ ହୋଇଥିଲେ। ହେଲେ ପୁଲିସ ପହଞ୍ଚିବା ବେଳକୁ ବ୍ୟକ୍ତି ଜଣଙ୍କ ଫେରାର୍ ହୋଇଯାଇଥିଲେ।

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ବିଭିନ୍ନ ସମୟରେ ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। କେତେବେଳେ ପାର୍କିଂକୁ ନେଇ ତ ପୁଣି କେତେବେଳେ ଖାଦ୍ୟ ଏବଂ ହୋଟେଲ ରହଣିକୁ ନେଇ। ପୂର୍ବରୁ ଏମିତି ଅନେକ ଅଭିଯୋଗ ରହିଆସିଛି। ଏବେ କାଜୁରେ ବି ପର୍ଯ୍ୟଟକଙ୍କୁ ଲୁଟ୍ କରୁଛନ୍ତି କିଛି ଅସାଧୁ ବ୍ୟବସାୟୀ। ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ କୋଣାର୍କ। ସୂର୍ଯ୍ୟ ମନ୍ଦିର ପରିଦର୍ଶନ ପାଇଁ ପ୍ରତିଦିନ ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। କିଛି ଅସାଧୁ ବ୍ୟବସାୟୀ ଏବଂ ବ୍ୟକ୍ତି ବିଭିନ୍ନ ଉପାୟରେ ପର୍ଯ୍ୟଟକଙ୍କୁ ଲୁଟିଥାନ୍ତି। ଯେହେତୁ କୋଣାର୍କରେ ପର୍ଯ୍ୟାପ୍ତ କାଜୁ ବିକ୍ରି ହୋଇଥାଏ ତେଣୁ ଏହାକୁ ମଧ୍ୟ କିଛି ଅସାଧୁ ବ୍ୟବସାୟୀ ଆୟୁଦ୍ଧ କରିଥା'ନ୍ତି। ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ପୋକରା ଏବଂ ନିମ୍ନମାନର କାଜୁ ବିକ୍ରି କରିଥା'ନ୍ତି। ଉପର ପ୍ୟାକେଟ୍ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ ଥିବାବେଳେ ଭିତରେ ପୋକରା ଏବଂ ଅତ୍ୟନ୍ତ ନିମ୍ନମାନର କାଜୁ ଥାଏ। ଏହି ଅସାଧୁ ବ୍ୟବସାୟୀ ପର୍ଯ୍ୟଟକଙ୍କୁ ଭଲ କାଜୁ ଦେଖାଇ ଏପରିକି ଟେଷ୍ଟ କରିବାକୁ ଦେଇ କାଇଦାରେ ଖରାପ କାଜୁ ପ୍ୟାକେଟ ଧରାଇ ଦେଇଥାନ୍ତି। ନିକଟରେ ଏହିପରି ଭାବେ ପର୍ଯ୍ୟଟକଙ୍କୁ ଲୁଟ୍ କରାଯାଉଥିବା ନଜରକୁ ଆସିଛି। ଗତ ସୋମବାର ସୂର୍ଯ୍ୟମନ୍ଦିର ବୁଲି ପଶ୍ଚିମବଙ୍ଗର କିଛି ପର୍ଯ୍ୟଟକ ସନ୍ଧ୍ୟାରେ ନିଜ ଗାଡ଼ିରେ ବସିବାକୁ ଯାଉଥିଲେ। ଅନ୍ଧାରର ସୁଯୋଗ ନେଇ କିଛି ବ୍ୟକ୍ତି ବ୍ୟାଗ୍‌ରେ ପୋକରା କାଜୁକୁ ଲୋଭନୀୟ ପ୍ୟାକେଟ୍‌ରେ ଆଣି ୬୦୦ ଟଙ୍କା କେଜି କହି ବିକ୍ରି କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ସେମାନେ ପ୍ୟାକେଟ ଖୋଲି ଦେଖନ୍ତି ପ୍ୟାକେଟ ଭିତରେ ଖାଲି ପୋକରା କାଜୁ ଆଉ କାଜୁର ଖୋଳଗୁଡ଼ିକ ଭରି ରହିଛି। କେବଳ ବାହାର ପାର୍ଶ୍ୱରେ କିଛି କାଜୁ ରହିଥିଲା। ଏ ନେଇ ପର୍ଯ୍ୟଟକ କୋଣାର୍କ ଥାନାରେ ଅଭିଯୋଗ କରିବା ସହ କାଜୁ ଦେଖାଇଥିଲେ।




ପୁଲିସ ପର୍ଯ୍ୟଟକଙ୍କୁ ଧରି ଏହି ପୋକରା କାଜୁ ବେପାରୀଙ୍କୁ ଧରିବା ପାଇଁ ଖୋଜିଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲା।

ସମାନ ଘଟଣା ପୁରୀରେ ବି ଦେଖିବାକୁ ମିଳୁଛି। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ କାଜୁ ପ୍ୟାକେଟ୍ ବିକ୍ରି କରୁଛନ୍ତି ଆନ୍ଧ୍ରରୁ ଆସିଥିବା କିଛି ବ୍ୟକ୍ତି। ଠାଏ ଠାଏ ହୋଇ ସେମାନେ ଛତା ପକାଇ ବସୁଛନ୍ତି। ୧୦/୧୨ ପ୍ୟାକେଟ୍ କାଜୁ ଛୋଟ ପାଲରେ ପକାଇ ରଖିଥିବାବେଳେ ବ୍ୟାଗ୍‌ରେ ବହୁ ପ୍ୟାକେଟ୍ ରଖୁଛନ୍ତି। ବାହାରେ ଥୋଇଥିବା କାଜୁ ପ୍ୟାକେଟ୍‌ରେ କିଛି ଭଲ ରହୁଛି। ଏହାକୁ ଦେଖାଇବା ପରେ ଗ୍ରାହକଙ୍କୁ କାଇଦାରେ ଖରାପ କାଜୁ ପ୍ୟାକେଟ୍ ଧରାଇ ଦେଉଛନ୍ତି। ଯେହେତୁ ପୁରୀକୁ ବାହାରୁ ପର୍ଯ୍ୟଟକ ଆସୁଛନ୍ତି ସେମାନେ ଏହାକୁ ସାଧାରଣତଃ ଖୋଲି ନ ଥା'ନ୍ତି। କିନ୍ତୁ ଯେଉଁମାନେ ଖାଇବା ପାଇଁ ଖୋଲିଦିଅନ୍ତି ସେମାନେ ପୋକରା ଏବଂ ନିମ୍ନମାନର ଖାଦ୍ୟ ଦେଖି ସମ୍ପୃକ୍ତ ବ୍ୟବସାୟୀଙ୍କୁ ପଚାରନ୍ତି। ଏହାକୁ ନେଇ ଅନେକ ସମୟରେ ହୋ-ହଲ୍ଲା ହୋଇଥାଏ। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏହି ବ୍ୟକ୍ତିଙ୍କ ପାଇଁ ଓଡ଼ିଶା ବଦ୍‌ନାମ ହୋଇଥାଏ। ଅର୍ଥାତ୍ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଓଡ଼ିଶା ଲୋକ ତାଙ୍କୁ ଏଭଳି ଠକୁଛନ୍ତି ବୋଲି ଧାରଣା ନେଇଯାଇଥା'ନ୍ତି। ତେଣୁ ଏଭଳି କାଜୁ ବିକ୍ରେତାଙ୍କ ବିରୋଧରେ ପ୍ରଶାସନ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ଦାବି ହେଉଛି।




ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏବିଭିପି ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଞ୍ଜଳି

# ମା' ବୁଢ଼ୀମା' ପୀଠର ପରିଚାଳନା ସମିତି ପୁନର୍ଗଠିତ

**ପୁରୀ,୨୪ା୭ (ସମିସ):** ତଳନୂଆସାହି, ବୋର୍ଡ଼ିଂ ଛକ ନିକଟସ୍ଥ ପୁରୀ ସହରର ବହୁ ପୁରାତନ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀ ମା' ବୁଢ଼ୀମା ପୀଠ ଉନ୍ନୟନ ସମିତି ପରିଚାଳନା ସମିତି ପୁନର୍ଗଠିତ ହୋଇଛି। ରାଜ୍ୟସଭା ସାଂସଦ ତଥା ଅନୁଷ୍ଠାନର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆଙ୍କ ଉଦ୍ୟମରେ ଓ ପ୍ରବୋଧ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଏହା ପୁନଃଗଠିତ ହୋଇଛି। ପରିଚାଳନା କମିଟିର ସଭାପତି ଭାବେ ନୃସିଂହ ଚନ୍ଦ୍ର ସିହ୍ନା, ଉପସଭାପତି ପ୍ରଭାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଗୁରୁ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ରତେଶ ମହାନ୍ତି, ସହ ସମ୍ପାଦକ ଧର୍ମେନ୍ଦ୍ର କୁମାର ବରାଳ, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତି, ସମୀକ୍ଷକ ବିଜୟ କୁମାର ପାତ୍ର ଓ ୬ଟି ସାହିର ପ୍ରତିନିଧି ଭାବେ ସର୍ବଶ୍ରୀ ସୌମ୍ୟରଞ୍ଜନ ମହାନ୍ତି, ଶରତ ମହାନ୍ତି, ସତ୍ୟ ନାରାୟଣ ସ୍ୱାଇଁ, ସୁଜିତ୍ କୁମାର ମହାନ୍ତି, ଜ୍ଞାନେନ୍ଦ୍ର ପ୍ରସାଦ ଦାସ, ମହେଶ୍ୱର ସାହୁ, ଶିବ ପ୍ରସାଦ ମହାନ୍ତି, ସନାତନ ଦାସ, ରତ୍ନ ରଞ୍ଜନ ଦାସ, ମାନସ କୁମାର ନାୟକ, ରତି ରଞ୍ଜନ ମିଶ୍ର, ଲକ୍ଷ୍ମୀଧର ସାହୁ, ବିଷ୍ଣୁ ପ୍ରସାଦ ଦାଶ, ସଦାଶିବ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀକୁ ଶୁଭାଶିଷ ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ପରିଡ଼ା, ପ୍ରବୋଧ ଚାନ୍ଦ, ଗୁରୁ ପ୍ରସାଦ ମହାରଣା, ଜ୍ଞାନ ରଞ୍ଜନ ବାରିକ, ବିପିନ୍ ଦାଶ, ମୀନକେତନ ପାତ୍ର, ଅକ୍ଷୟ ପଣ୍ଡା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

# 'ଗ୍ଲୋରି ଅଫ୍ ଲର୍ଡ ଶ୍ରୀଜଗନ୍ନାଥ' ଗ୍ରନ୍ଥ ଉନ୍ମୋଚିତ

**ପୁରୀ,୨୪ା୭ (ସମିସ)**




ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ 'ଗ୍ଲୋରି ଅଫ୍ ଲର୍ଡ ଶ୍ରୀଜଗନ୍ନାଥ' ଇଂରାଜୀ ଗ୍ରନ୍ଥ ମହାପ୍ରଭୁଙ୍କ ପବିତ୍ର ଚିତାଲାଗି ଅମାବାସ୍ୟା ପର୍ବ ଅବସରରେ ଗୁରୁବାର ଖଣ୍ଡଗିରିସ୍ଥିତ ହିଲ୍ ପ୍ରାଇଡ୍ ଇନ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ଏହାକୁ ସୁଲେଖକ ତଥା ବିଜୟିନୀ ସ୍ମୃତି ଟ୍ରଷ୍ଟର ପ୍ରତିଷ୍ଠାତା ଡ. ଇନ୍ଦ୍ରମଣି ଜେନା ଉନ୍ମୋଚନ କରିଛନ୍ତି। ଶ୍ରୀଜଗନ୍ନାଥଭିତ୍ତିକ ଚେତନା ଗ୍ରନ୍ଥକୁ ନୂଆଦିଲ୍ଲୀର ଅଭିନବ ପବ୍ଲିକେଶନ ପ୍ରକାଶ କରିଛନ୍ତି। ୩୩୨ ପୃଷ୍ଠା ବିଶିଷ୍ଟ ୧୦ଟି ପରିଚ୍ଛେଦରେ ଶ୍ରୀକ୍ଷେତ୍ର ଧାମ ସମ୍ପର୍କୀତ ଅନେକ ତଥ୍ୟଭିତ୍ତିକ ପ୍ରସଙ୍ଗ ସମେତ ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ଉଲ୍ଲେଖ ହୋଇଥିବାବେଳେ ୨୦୦ଟି ଦୁର୍ଲଭ ଫଟୋଚିତ୍ର ସ୍ଥାନିତ ହୋଇଛି। ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଅତିଭ୍ ମଲ୍ଲିକଙ୍କ ଅନୁରୋଧକ୍ରମେ ୟୁରୋପରେ ବସବାସ କରୁଥିବା ଶ୍ରୀଜଗନ୍ନାଥପ୍ରେମୀ ପାଠକମାନଙ୍କ ନିମନ୍ତେ ଡ. ମିଶ୍ର ଏହି ଦିବ୍ୟ ଗ୍ରନ୍ଥଟି ପ୍ରସ୍ତୁତ କରିଛନ୍ତି। ଏଥିରେ ଶ୍ରୀକ୍ଷେତ୍ର ଧାମର ପ୍ରାଚୀନତା, ଶ୍ରୀମନ୍ଦିର, ପରିଚାଳନା ଇତିହାସ, ମହାପ୍ରଭୁଙ୍କ ଦୈନନ୍ଦିନ ନୀତି, ବିଭିନ୍ନ ଯାନିଯାତ୍ରା, ବେଶ, ଗଜପତି ମହାରାଜାଙ୍କ ସେବା ପରମ୍ପରା, ଅନ୍ୟାନ୍ୟ ସେବା ଓ ସେବକ ପରମ୍ପରା, ମହାପ୍ରଭୁଙ୍କ ଭୂସମ୍ପତ୍ତି, ରତ୍ନଭଣ୍ଡାର, ମାଦଳା ପାଞ୍ଜିରେ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗ, ଶ୍ରୀମନ୍ଦିରର ସଂରକ୍ଷଣ ଇତିହାସ, ଭାରତର ବିଭିନ୍ନ ରାଜ୍ୟର ତୀର୍ଥଯାତ୍ରୀମାନଙ୍କ ଶ୍ରୀଜଗନ୍ନାଥ ଧାମକୁ ଆଗମନ ଓ ଦର୍ଶନ ପ୍ରସଙ୍ଗ, ପୁରୀର ମଠାନୁଷ୍ଠାନ, ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ଓ ଅନ୍ୟାନ୍ୟ ପ୍ରସିଦ୍ଧ ସ୍ଥାନଗୁଡ଼ିକ ମୁଖ୍ୟତଃ ଏଥିରେ ସ୍ଥାନୀତ ହୋଇଛି। ଏହାର ମୂଲ୍ୟ ଭାରତ ପାଇଁ ୪,୫୦୦ ଟଙ୍କା ରଖାଯାଇଥିବା ବେଳେ ବିଦେଶରେ ଏହା ଅନ୍‌ଲାଇନ ମାଧ୍ୟମରେ ୧୧୮ ଡଲାରରେ ଉପଲବ୍ଧ ହେଉଛି।

# ଦାଦାବଟି ଆଦାୟବେଳେ ୨ ଗିରଫ

**ପୁରୀ,୨୪ା୭ (ସମିସ):** ଦାଦାବଟି ଆଦାୟବେଳେ ଟାଉନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଣୁଆ ଗଳିର ଚିନ୍ମୟ ଦାସ (୩୮) ଏବଂ ମାର୍କଣ୍ଡେଶ୍ୱର ସାହିର କାହ୍ନା ସାହୁ (୨୩)। ଅଭିଯୋଗ ଅନୁଯାୟୀ, ଏମାନେ ବୁଧବାର ରାତି ପ୍ରାୟ ୮ଟା ୫୦ରେ କାକୁଡ଼ିଖାଇ ଛକ କାଳିକାଦେବୀ ସାହି ବୁଢ଼ୀମା' ମନ୍ଦିର ନିକଟରେ ପଥଚାରୀଙ୍କୁ ଛୁରୀ ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଖବରପାଇ ଟାଉନ୍ ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରୁ ଦୁଇଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଛୁରୀ, ୩୩୫୦ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୩/୨୫) ରୁଜୁ କରାଯାଇ ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# ୩୩ ଶିକ୍ଷାନୁଷ୍ଠାନରେ ପୁଲିସର ସଚେତନତା କାର୍ଯ୍ୟକ୍ରମ

**ପୁରୀ,୨୪ା୭ (ସମିସ)**

ବିଦ୍ୟାର୍ଥୀମାନେ ଯେପରି ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଅଧ୍ୟୟନ କରିବେ ସେଥିପାଇଁ ପୁରୀ ପୁଲିସ ତରଫରୁ କଲେଜ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏସ୍‌ପି ପିନାକ୍ ମିଶ୍ରଙ୍କ ଦିଗ୍‌ଦର୍ଶନ ଏବଂ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ୪ଟି ପୁଲିସ ଉପଖଣ୍ଡ ତଥା ପୁରୀ ସହର, ପୁରୀ ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ୩୩ଟି ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା। ପ୍ରତ୍ୟେକ କଲେଜରେ ପିଲାଙ୍କୁ ସଚେତନ କରାଯାଉଛି। ନିମାପଡ଼ା ଉପଖଣ୍ଡରେ ୯ଟି ସ୍କୁଲ ଓ କଲେଜ, ସଦର ଉପଖଣ୍ଡରେ ୧୩ଟି ସ୍କୁଲ ଓ କଲେଜ, ପିପିଲି ଉପଖଣ୍ଡରେ ୬ଟି ସ୍କୁଲ ଓ କଲେଜ, ସହର ଉପଖଣ୍ଡରେ ୫ଟି ସ୍କୁଲ ଏହିପରି ମୋଟ ୩୩ଟି ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଅନେକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ବିଶେଷ ସେମିନାର, ଇଣ୍ଟରାକ୍ଟିଭ୍ ସେସନ୍ ଓ ପ୍ରଶ୍ନ ଉତ୍ତର ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ନିଜ ଅନୁଭୂତି ରଖିଥିଲେ।



# ପ୍ରେମ ବିବାହର କରୁଣ ପରିଣତି; ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ପରିବାର ପକ୍ଷରୁ ହତ୍ୟା ଅଭିଯୋଗ; ସ୍ୱାମୀ ଅଟକ

**ପିପିଲି,୨୪ା୭ (ସମିସ)**

ପିପିଲିରେ ପୁଣି ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ୍ୟୁକୁ ନେଇ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ମହିଳା ଜଣକ ପିପିଲି ଯଶୁଆପୁର ଗ୍ରାମର ସଂଘମିତ୍ରା ନାୟକ(୩୭)। ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଅବିନାଶଙ୍କୁ ପିପିଲି ଥାନାରେ ଅଟକ ରଖିବା ସହିତ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଢେଙ୍କାନାଳ ଭୁବନ ଅଞ୍ଚଳର ସଂଘମିତ୍ରା ନାୟକ ଓ ଅବିନାଶ ମହାନ୍ତି କାର୍ଯ୍ୟ କରୁଥିଲେ। ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।




ପରିବାରର ବାରଣ ପରେ ଉଭୟ ୨୦୨୧ ଜୁଲାଇ ୭ ତାରିଖରେ ବିବାହ କରିଥିଲେ। କିଛିଦିନ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଥିବାବେଳେ ପରବର୍ତ୍ତୀ ସମୟରେ ମନମାଳିନ୍ୟ ହୋଇଥିଲା। ଅବିନାଶ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବାବେଳେ ସଂଘମିତ୍ରା ଶାଶୂଘର ଗାଁ ପିପିଲି ଥାନା ଯଶୁଆପୁରରେ ରହୁଥିଲେ। ଶାଶୂ-ବୋହୂଙ୍କ ମଧ୍ୟରେ ଅନେକଥର କଳି ଝଗଡ଼ା ହେବା ସହି ସଂଘମିତ୍ରାଙ୍କୁ ପରିବାର ଲୋକେ ଖାଇବାକୁ ନ ଦେବା ସହିତ ମାଡ଼ ମାରୁଥିଲେ। ପ୍ରେମ ବିବାହ କରିଥିବାରୁ ଯେତେ କଷ୍ଟ ହେଲେ ମଧ୍ୟ ନିଜ ବାପ ଘର ଲୋକଙ୍କୁ ସେ କିଛି ଜଣାଉ ନ ଥିଲେ। ଏହାରି ଭିତରେ ସେ ଗତ ଡିସେମ୍ବର ୨୭ ତାରିଖରେ ଏକ କନ୍ୟା ସନ୍ତାନଟିଏ ଜନ୍ମ ଦେଇଥିଲେ। ତେବେ କନ୍ୟା ସନ୍ତାନ କ'ଣ ପାଇଁ ଜନ୍ମ କଲୁ ବୋଲି କହିବା ସହିତ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଏଭଳି ଅତ୍ୟାଚାରର ପ୍ରତିବାଦ କରିବା ସଂଘମିତ୍ରାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବାରୁ ସେ ଭୁବନେଶ୍ୱର ସ୍ୱାମୀଙ୍କ ପାଖକୁ ଯିବା ପାଇଁ କହିଥିଲେ ବୋଲି ଗୁରୁବାର ତାଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପୁଲିସ ଆଗରେ ବଖାଣିଥିଲେ। ମାତ୍ର ସ୍ୱାମୀ ସଂଘମିତ୍ରାଙ୍କୁ ଭୁବନେଶ୍ୱର ନେବା ପରିବର୍ତ୍ତେ ମା'ଙ୍କୁ ସହଯୋଗ କରିବା ସହିତ ପାଖକୁ ନେବା ପାଇଁ ଦିନ ଗଡ଼ାଉଥିଲେ। ଏ ସମ୍ପର୍କରେ ମୃତା ସଂଘମିତ୍ରା ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଆସିବା ପୂର୍ବରୁ ବୁଧବାର ରାତିରେ ସ୍ୱାମୀ-ସ୍ତ୍ରୀ ଏବଂ ଶାଶୂଙ୍କ ମଧ୍ୟରେ ଜୋର୍‌ଦାର୍ କଳି ଝଗଡ଼ା ହୋଇଥିଲା। ଗୁରୁବାର ସକାଳେ ଅବିନାଶ ସଂଘମିତ୍ରାଙ୍କ ବାପ ଘର ଲୋକଙ୍କୁ ତାଙ୍କ ଝିଅର ଦେହ ଖରାପ ଅଛି ସେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା କହିଥିଲେ। ତେବେ ସଂଘମିତ୍ରାଙ୍କ ମା', ଭାଇ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଭଉଣୀର ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ। ମୃତା ସଂଘମିତ୍ରାଙ୍କ ବେକରେ ଦାଗ ରହିଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ମା' ବାରେଣୀ ନାୟକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରିବା ସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶବର ପଞ୍ଚନାମା କରି ଗାଁକୁ ଯାଇ ଘରର ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରିଥିଲା। ତେବେ ମୋର ଏଥିରେ କୌଣସି ଭୂମିକା ନ ଥିବାର ଅବିନାଶ କହିଛନ୍ତି। ଏ ସମ୍ପର୍କରେ ପିପିଲି ଥାନାରେ ୪୨୫/୨୦୨୫ରେ ହତ୍ୟା ମାମଲା ରୁଜୁ ହେବା ସହିତ ଅବନାଶଙ୍କୁ ପିପିଲି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।


# ବସ୍ ଧକ୍କାରେ ଯୁବକ ମୃତ

**ପୁରୀ,୨୪ା୭ (ସମିସ):** ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତ ଯୁବକ ହେଉଛନ୍ତି କୋଣାର୍କ ଥାନା ଅନ୍ତର୍ଗତ କଅଁରପୁରର ହରିହର ପ୍ରଧାନ (୨୮)। ଏ ନେଇ ପରିବାର ପକ୍ଷରୁ ଟ୍ରାଫିକ୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି।

ସୂଚନା ଅନୁଯାୟୀ, ହରିହର ତାଙ୍କର ଜଣେ ସାଙ୍ଗଙ୍କୁ ସାଥୀରେ ଧରି ପୁରୀ ଭଉଣୀ ଘରକୁ ଆସିଥିଲେ। ଅପରାହ୍ନରେ ଦୁହେଁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ସାଙ୍ଗଙ୍କ ମୋବାଇଲ୍‌କୁ କଲ୍ ଆସିଥିଲା। ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ବାଇକ୍‌କୁ ସାଇଡ୍ କରିଥିଲେ। ତାଙ୍କ ସାଙ୍ଗ ଗାଡ଼ିରୁ ଓହ୍ଲାଇ ମୋବାଇଲରେ କଥା ହେଉଥିବାବେଳେ ହରିହର ବାଇକ୍‌ରେ ବସିଥିଲେ। ଏହି ସମୟରେ ପୁରୀରୁ କୋଣାର୍କ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ଚିତ୍ରେଶ୍ୱରୀ (ନଂ.ଓଆର୦୨ବିଏକ୍ସ-୦୪୨୧) ବାଇକ୍‌କୁ ଧକ୍କା ଦେଇଥିଲା। ହରିହର ତଳେ ପଡ଼ିଯାଇଥିବାବେଳେ ତାଙ୍କ ଉପରେ ବସ୍ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଟ୍ରାଫିକ୍ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ସ୍ୱତନ୍ତ୍ର ଅନୁମତି ଆଣି ରାତିରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତାହା ଜଣେ ମଧ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।
-ମହାତ୍ମା ଗାନ୍ଧୀ

## ଏନ୍‌ସିଇଆର୍‌ଟି ବିବାଦ

ଶିକ୍ଷାର ମୂଳାଧାର ରୂପେ ପରିଚିତ ଓ ବିବେଚିତ ବିଦ୍ୟାଳୟ ଶିକ୍ଷା ପାଇଁ ସର୍ବଭାରତୀୟସ୍ତରରେ ପ୍ରଚଳିତ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ବିଷୟବସ୍ତୁକୁ ନେଇ ପୁଣି ଥରେ ବିବାଦ ଉଠିଛି। ସଦ୍ୟତମ ଅଭିଯୋଗ ଅନୁଯାୟୀ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିର ପ୍ରଥମ ଭାଗରେ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଥିବା ବେଳେ ଓଡ଼ିଶାର ପାଇକ ବିଦ୍ରୋହ ବାଦ୍ ପଡ଼ିଛି। ଏହାକୁ ନେଇ ବିବାଦ ଉଠିବା ପରେ ଦ୍ୱିତୀୟ ଭାଗରେ ସ୍ଥାନିତ କରାଯିବ ବୋଲି ଏନ୍‌ସିଇଆରଟି ଘୋଷଣା କରିଛି। ବିବାଦ ଉଠିବା ପରେ କିମ୍ବା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଓଡ଼ିଶାର ପାଇକ ବିଦ୍ରୋହକୁ ସାମାଜିକ ବିଜ୍ଞାନର ଦ୍ୱିତୀୟ ଭାଗରେ ସ୍ଥାନିତ କରାଯାଇଛି ତାହା ଅବଶ୍ୟ ଜଣାପଡ଼ିନାହିଁ। ତା'ସହିତ ମୋଗଲ୍ ସାମ୍ରାଜ୍ୟର କେତେକ ଚରିତ୍ର ଓ ଘଟଣାକ୍ରମର ଉପସ୍ଥାପନା ମଧ ବିତର୍କିତ ହୋଇପଡ଼ିଛି। ଏଭଳି ବାରମ୍ବାର ପାଠ୍ୟକ୍ରମର ବିଷୟବସ୍ତୁ ପରିବର୍ତ୍ତନ ଦ୍ୱାରା ଦେଶର ସ୍ୱନାମଧନ୍ୟ ଅନୁଷ୍ଠାନ ଅଯଥା ଅପବାଦ ମୁଣ୍ଡାଉଛି।

ଏହାପୂର୍ବରୁ ମଧ ବିଗତ ବର୍ଷମାନଙ୍କରେ ଏନ୍‌ସିଇଆରଟି ଦଶମଶ୍ରେଣୀ ପାଠ୍ୟପୁସ୍ତକରୁ ଡାରୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯାଇଥିବାରୁ ଆପତ୍ତି ଉଠିଥିଲା। ଇଂରାଜୀ ମାଧମ ଶିକ୍ଷାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ଓ ଗଣିତ ପାଠ୍ୟପୁସ୍ତକର ନାମକରଣ ଭାରତୀୟ ନୃତ୍ୟ, ସଙ୍ଗୀତ, ସଂସ୍କୃତି ଓ ପରମ୍ପରା ଆଧାରିତ ହେବାରୁ କେତେକ ମହଲ ଆପତ୍ତି ଉଠାଇଥିଲେ। ସେହିପରି ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ଓ ଇତିହାସ ବହିରୁ କେତେକ ନାମ ଓ ବିଷୟକୁ ବାଛି ବାଛି ବାଦ୍ ଦିଆଯାଇଥିବା ଏବଂ ନୂଆ ନାମ ଓ ଅଧ୍ୟାୟ ସାମିଲ୍ କରାଯାଇଥିବା ଅଭିଯୋଗ ମଧ ଆସିଥିଲା। ବିଶେଷକରି ମୋଗଲ୍ ଶାସନ କାଳର କେତେକ ନାମ ଓ ଘଟଣାବଳୀର ବର୍ଣ୍ଣନା ଶୈଳୀ ଓ ଉପସ୍ଥାପନାକୁ ନେଇ କେତେକ ମହଲ ଆପତ୍ତି ଉଠାଇଥିଲେ।

କେତେକ ଶିକ୍ଷାବିତ୍‌ଙ୍କ ମତରେ ପାଠ୍ୟକ୍ରମ ବିଷୟବସ୍ତୁ ଚୟନ ସମୟରେ ସେ କ୍ଷେତ୍ରରେ ଅଭିଜ୍ଞତା, ଦକ୍ଷତା ଓ ଦୂରଦର୍ଶିତା ଥିବା ବିଶେଷଜ୍ଞ କିମ୍ବା ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଲୋଡ଼ାଯାଉନାହିଁ। ଯାହାଫଳରେ ଏଭଳି ବିବାଦ ଉଠୁଛି। ବର୍ତ୍ତମାନ ଭାରତ ବିଶ୍ୱଗୁରୁ ଦୌଡ଼ରେ ଅଛି। ତେଣୁ ଦେଶର ଛାତ୍ରଛାତ୍ରୀମାନେ ଯୁଗୋପଯୋଗୀ ଶିକ୍ଷା ସହିତ ଭାରତୀୟ ସଂସ୍କୃତିର ମୂଳଧାରକୁ ଆହରଣ କରିବା ଉଚିତ। ଏ କ୍ଷେତ୍ରରେ ଜ୍ଞାନ-ବିଜ୍ଞାନ ସନ୍ନିବେଶିତ ଶିକ୍ଷା ହିଁ ବିଶ୍ୱ ଦରବାରରେ ଭାରତକୁ ଯଥାଯଥ ଉପସ୍ଥାପନ କରିବାରେ ସହାୟକ ହେବ। ତେଣୁ ଇତିହାସକୁ ଅବିକଳ ଉପସ୍ଥାପନା ବଦଳରେ ତର୍ଜମା ଭିତ୍ତିକ ହେବା ଆବଶ୍ୟକ।

କେତେକାଂଶରେ ଶିକ୍ଷାବିତ୍‌ମାନଙ୍କ ମତ ଓ ମନ୍ତବ୍ୟ ଗ୍ରହଣଯୋଗ୍ୟ। କିନ୍ତୁ ପାଠ୍ୟକ୍ରମ ଦୀର୍ଘ ବର୍ଷ ଧରି ଅପରିବର୍ତ୍ତିତ ରହିଲେ ସେଥିରେ ଅଭିନବତା ଓ ଗତିଶୀଳତା ହ୍ରାସ ପାଏ। ତେଣୁ ପାଠ୍ୟପୁସ୍ତକର ପାଠ୍ୟକ୍ରମ ପରିବର୍ତ୍ତନ ଜରୁରୀ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ରୂପେ ପିଲାମାନଙ୍କର ଜ୍ଞାନକୋଷରୁ ବାଦ୍ ନ ପଡ଼େ ସେଥିପ୍ରତି ମଧ ଧ୍ୟାନ ଦେବାକୁ ପଡ଼ିବ। ଆଜିର ଶିକ୍ଷା ହେଉଛି ନିଯୁକ୍ତି ଭିତ୍ତିକ। ତେଣୁ ଅଯଥା ପିଲାମାନଙ୍କୁ ଭାରାକ୍ରାନ୍ତ ନ କରି ଆବଶ୍ୟକ ଓ ଉଚିତ ପାଠ୍ୟକ୍ରମ ସାମିଲ୍ ହେବା ଜରୁରୀ। ଏହାସହିତ ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାଗୁଡ଼ିକ ମଧ ପାଠ୍ୟକ୍ରମ ଆଧାରିତ ନ ହେଲେ ବିଦ୍ୟାଳୟ ପାଠ୍ୟ ବା ଶିକ୍ଷା ପ୍ରୟୋଗାତ୍ମକ ବା ଉପକାରୀ ହୋଇପାରିବ ନାହିଁ।

ପାଠ୍ୟକ୍ରମରେ ଯଦି ବାରମ୍ବାର ପରିବର୍ତ୍ତନ ହୁଏ ତେବେ ଶିକ୍ଷାଦାନରେ ମଧ ବାଧା ସୃଷ୍ଟି ହେବା ନିଶ୍ଚିତ। କାରଣ ଆମ ବିଦ୍ୟାଳୟମାନଙ୍କରେ ଶିକ୍ଷକ ତାଲିମ୍ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ ନାହିଁ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ ପଢ଼ି ପିଲାଙ୍କୁ ପଢ଼ାଇବା ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷର ଅଧେ ସମୟ ଚାଲିଯାଇଥିବ। ତେଣୁ ପିଲାମାନଙ୍କୁ ମଧ ଅଧୁରା ଶିକ୍ଷା ମିଳିବ। ସାଧାରଣତଃ ଖରାଛୁଟିରେ ନିଷ୍ଠାପର ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜେ ପାଠ ସହିତ ଅଭ୍ୟସ୍ତ ହୁଅନ୍ତି, ଯାହା ସ୍କୁଲ୍ ଖୋଲିବା ମାତ୍ରକେ ସାବଲୀଳ ଭାବେ ଶିକ୍ଷାଦାନ ସହଜ ହୁଏ। ଏବେ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେଉଥିବା ନୋ ଡିଟେନସନ୍ ପଲିସି ଉଠାଇବାକୁ ଯୋଜନା କରୁଛନ୍ତି। ସେଥିରେ ପୁଣି ନୂଆ ଶିକ୍ଷାନୀତି ଲାଗୁ ହୋଇଛି। ଏଭଳି ସମୟରେ ପାଠ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଲେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ପ୍ରଭାବିତ ହେବେ।

ଆଜିର ସମୟର ଆବଶ୍ୟକତା ହେଉଛି ବିଜ୍ଞାନଭିତ୍ତିକ ଦୃଷ୍ଟିକୋଣ ଓ ବୈଷୟିକ ଆଭିମୁଖ୍ୟକୁ ଅଗ୍ରାଧିକାର ଦେଇ ଆମ ପିଲାଙ୍କୁ ଉପଯୁକ୍ତ ଭାବେ ଗଢ଼ିତୋଳିବା। ଏଥିରେ ସଂସ୍କୃତି, ଐତିହ୍ୟ, ଇତିହାସ, ଧର୍ମଧାରଣା, ସଂସ୍କାର ଓ ଦେଶପ୍ରେମ ତଥ୍ୟ ରହିଲେ ଅପରାଧ ହେବ ନାହିଁ। କିନ୍ତୁ ସମାନ୍ତରାଳ ଭାବେ ଭାରତର ଧର୍ମନିରପେକ୍ଷତା ପ୍ରତି ମଧ ଧ୍ୟାନ ଦେବା ଆବଶ୍ୟକ। ଏହା ହିଁ ହେବ ବିଶ୍ୱଗୁରୁ ହେବାର ଦକ୍ଷତା ଓ ଯୋଗ୍ୟତା।

## ଅନ୍ଧବିଶ୍ୱାସର ନୂଆ ଏନ୍ତୁଡ଼ିଶାଳ

ଡକ୍ଟର ଅବଶ ପରିଡ଼ା

ପ୍ରତିଦିନ ଆମେ ସାମାଜିକ ଗଣମାଧମରେ ଅନେକ ଦେବଦେବୀଙ୍କ ଫଟୋ ସହ କିଛି ବାର୍ତ୍ତା ପାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ସେହିସବୁ ବାର୍ତ୍ତାରେ ଲେଖାଥାଏ ଯେ ଏହି ଫୋଟୋକୁ ତୁରନ୍ତ ସେୟାର କରନ୍ତୁ, ଦିନଟି ଭଲରେ କଟିବ, ଭାଗ୍ୟ ବଦଳିବ ଏବଂ ଧନର ବର୍ଷା ହେବ। ଏପରିକି ସୋମବାର, ମଙ୍ଗଳବାର ଓ ଶନିବାର ଦିନମାନଙ୍କରେ କିଛି ନିର୍ଦ୍ଦିଷ୍ଟ ଫଟୋ ପ୍ରାୟ ସମସ୍ତ ସାମାଜିକ ଗଣମାଧମରେ ପ୍ରଚାରପ୍ରସାର ହେଉଛି। ସେଥିରେ ଦାବି କରାଯାଉଛି ଯେ ଏହି ଫଟୋ ସବୁ ବିରଳ, ଅନେକ ବର୍ଷ ପୂର୍ବର ଏବଂ ଏହାକୁ ଅଣଦେଖା ଆମ ଉପରେ ବିପତ୍ତି ଆଣିପାରେ।

ଏବେ ସାମାଜିକ ଗଣମାଧମ ବା ଡିଜିଟାଲ୍ ପ୍ଲାଟ୍‌ଫର୍ମ ପାଲଟିଛି ଆଧୁନିକ ଅନ୍ଧବିଶ୍ୱାସର ନୂଆ ଠିକଣା। ପରମ୍ପରା ସହିତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ସୃଷ୍ଟି କରିଛି ଏହି ନୂତନ ଭାବଧାରା। ଏଠାରେ ଭାରତୀୟ ସାମାଜିକ ଗଣମାଧମର କିଛି ଲୋକପ୍ରିୟ ଅନ୍ଧବିଶ୍ୱାସର ଉଦାହରଣ ନେବା। 'ଆଜି ରାତିରେ ରାହୁ-କେତୁ ଛାଇ ଯୋଗୁଁ ଚନ୍ଦ୍ର ଲାଲ ହୋଇଯିବ। ରାତି ୮ଟା ପରେ ଖାଆନ୍ତୁ ନାହିଁ। ପ୍ରିୟଜନଙ୍କ ସହିତ ସେୟାର କରନ୍ତୁ।' ଏହାବ୍ୟତୀତ 'ଯଦି ରାତି ତିନିଟା ରୁ ଚାରିଟା ଭିତରେ ନିଦ ଭାଙ୍ଗୁଛି ତେବେ ଦୈବୀଶକ୍ତି ଆପଣଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛନ୍ତି କିମ୍ବା ଯଦି ଆପଣଙ୍କ ଛାଇ ଆଜି ବିକୃତ ଲାଗୁଛି ତେବେ ଘରୁ ବାହାରନ୍ତୁ ନାହିଁ।' ଆଶ୍ଚର୍ଯ୍ୟର କଥା ଯେ ଏଭଳି ବ୍ୟାଖ୍ୟାନ ଯୁବବର୍ଗ ମଧ୍ୟରେ ବେଶ୍ ଲୋକପ୍ରିୟ। ଜାଣତରେ କିମ୍ବା ଅଜାଣତରେ ଏସବୁ ଆମର ଅବଚେତନ ମନକୁ ବିଶ୍ଳେଷଣ ଓ ଆତ୍ମନିରୀକ୍ଷଣ କରିବାକୁ ବାଧ କରୁଛି।

ଏଠାରେ ଜାଣି ରଖିବାକୁ ହେବ ଯେ ସାମାଜିକ ଗଣମାଧମ ଉଭୟ ଅନ୍ଧବିଶ୍ୱାସର ପ୍ରସାର ଏବଂ ସୁଦୃଢ଼ୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଲାଣି। ସତ୍ୟ, ପରମ୍ପରା, ପୌରାଣିକ କାହାଣୀ ଏବଂ ସୂଚନା ଆଢୁଆଳରେ ଫେସବୁକ ଓ ହ୍ୱାଟ୍ସଆପରେ ଅନ୍ଧବିଶ୍ୱାସର ବ୍ୟାପକ ପ୍ରସାର ହେଉଛି। ଏହି ଧାରା ବିଶ୍ୱବ୍ୟାପୀ ଏବଂ ସମାଜଶାସ୍ତ୍ରୀଙ୍କ ପାଇଁ ଏକ ଚିନ୍ତାର ବିଷୟ। ସାମାଜିକ ଗଣମାଧମ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଜନସାଧାରଣଙ୍କ ମଧ୍ୟରେ କିପରି ପାରମ୍ପରିକ ଏବଂ ନୂତନ ଅନ୍ଧବିଶ୍ୱାସ ବୃଦ୍ଧି କରୁଛି ସେ ସମ୍ବନ୍ଧୀୟ ଅନେକ ଅଧ୍ୟୟନ ହେଉଛି। ଏକ ଶକ୍ତିଶାଳୀ ମାଧମ ଭାବେ ସାମାଜିକ ଗଣମାଧମ ଅନ୍ଧବିଶ୍ୱାସକୁ ବହୁସଂଖ୍ୟକଙ୍କ ପାଖରେ ଶୀଘ୍ର ପହଞ୍ଚାଇବାରେ ସକ୍ଷମ। ସୌଭାଗ୍ୟ କିମ୍ବା ଅଶୁଭ ଲକ୍ଷଣ ଭଳି ଅନ୍ଧବିଶ୍ୱାସ ସମ୍ବନ୍ଧୀୟ ବ୍ୟାଖ୍ୟାନଗୁଡ଼ିକୁ ବାରମ୍ବାର ପୁନଃପ୍ରେରଣ ବା ପୁନଃପ୍ରଚାର ଏବଂ ପସନ୍ଦ(ଲାଇକ୍) ଦ୍ୱାରା ଅସ୍ପଷ୍ଟ କିମ୍ବା ଆଞ୍ଚଳିକ ଅନ୍ଧବିଶ୍ୱାସ ମଧ କିଛି ଘଣ୍ଟା ଭିତରେ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିପାରୁଛି। ଏଠାରେ ଏକ ଉଦାହରଣ ନେବା। 'ସଂଖ୍ୟା ତେର ଅଶୁଭ। ଏହାକୁ ଏଡ଼ାଇବାକୁ ଚେଷ୍ଟା କର' ହେଉଛି କୌଣସି ସଂସ୍କୃତିରେ ଉତ୍ପନ୍ନ ଏକ ଅନ୍ଧବିଶ୍ୱାସ। କିନ୍ତୁ ସାମାଜିକ ଗଣମାଧମର ପ୍ରଭାବଶାଳୀ ଅନୁମୋଦନ ଏବଂ ପ୍ରଚାର ଦ୍ୱାରା ବିଶ୍ୱସ୍ତରର ତେର ସଂଖ୍ୟା ଅଶୁଭ ପାଲଟିଛି।

ସାମାଜିକ ଗଣମାଧମ ପରସ୍ପର ସହିତ ଜଡ଼ିତ। ତେଣୁ ଅନ୍ଧବିଶ୍ୱାସର ପାରସ୍ପରିକ ସାଂସ୍କୃତିକ ଆଦାନପ୍ରଦାନକୁ ଏବେ ସହଜ କରିଦେଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ଥିବା ଅଭ୍ୟାସଗୁଡ଼ିକ ବର୍ତ୍ତମାନ ସାରା ବିଶ୍ୱରେ ଉପଲବ୍ଧ, ଯାହା ନୂତନ ଅନ୍ଧବିଶ୍ୱାସୀ ଆଚରଣର ସଂକରୀକରଣ ବୋଲି କୁହାଯାଇପାରେ। ବିଶ୍ୱାସ ଓ ଅଭ୍ୟାସ ଦ୍ୱାରା ଇଣ୍ଟରନେଟ୍‌ରେ ସକ୍ରିୟ ଥିବା କିଛି ଉତ୍ସର୍ଗୀକୃତ ଗୋଷ୍ଠୀ ପ୍ରରୋଚିତ। ସେହିସବୁ ଗୋଷ୍ଠୀ ଦ୍ୱାରା ପ୍ରଚାରିତ ଅନ୍ଧବିଶ୍ୱାସର ବୈଧତା ଏବଂ ସମର୍ଥନ ପାଇବା ନିମନ୍ତେ ସାମାଜିକ ଗଣମାଧମ ବ୍ୟବହାରକାରୀମାନଙ୍କ ସାହାଯ୍ୟ ନିତାନ୍ତ ଜରୁରୀ। ବ୍ୟବହାରକାରୀଙ୍କ ବୈଧତା ପରେ ଅନ୍ଧବିଶ୍ୱାସ ଆମ ବିଶ୍ୱାସ ସହ ଧୀରେ ଧୀରେ ଯୋଡ଼ି ହୋଇଯାଉଛି।

ଆରମ୍ଭରୁ ଆମେ ଶୃଙ୍ଖଳ ବାର୍ତ୍ତା ବା ଚେନ୍ ମେସେଜ୍ କଥା ହୋଇଥିଲେ, ଯେଉଁଠି ଆଶୀର୍ବାଦ ପାଇଁ 'ପୋଷ୍ଟକୁ ଶେୟାର'(ବ୍ୟାଖ୍ୟାନର ପୁନଃପ୍ରେରଣ) କରିବା ପାଇଁ କୁହାଯାଏ। ଏବେ ଡିଜିଟାଲ୍ ଲକ୍ଷଣ ଓ ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ କଥା ଆଲୋଚନା କରିବା। ପୁନରାବୃତ୍ତି ସଂଖ୍ୟା, ଯଥା, ୧୧: ୧୧ ମିନିଟ କିମ୍ବା ୭୭୭୭ ସଂଖ୍ୟା ଇତ୍ୟାଦି ସାମାଜିକ ଗଣମାଧମରେ ବେଶ ଲୋକପ୍ରିୟ। ଏହି ସଂଖ୍ୟା ସହିତ ଆମର ଜୀବନର ସମସ୍ୟା ଓ ସମାଧାନ ଯୋଡ଼ି ହୋଇଛି ବୋଲି ଡିଜିଟାଲ ଲୋକକଥା ସୂଚନା ଦିଏ। ସେହିପରି ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ ହେଉଛି ବୈଜ୍ଞାନିକ ଆଧାରର ଘୋର ଅଭାବ ଥିବା 'ଭାଇରାଲ୍ ସ୍ୱାସ୍ଥ୍ୟ ଟିପ୍ସ'। ଏଠାରେ ରୋଗରୁ ରକ୍ଷା ପାଇବା ପାଇଁ ଅପ୍ରମାଣିତ ପ୍ରତିକାର କିମ୍ବା ପୂଜାପାଠର ଗୁରୁତ୍ୱକୁ ଉଲ୍ଲେଖ କରାଯାଏ। ଭାରତରେ କିଛି ପ୍ରଚଳିତ ସ୍ୱାସ୍ଥ୍ୟ ଟିପ୍ସ ହେଉଛି 'ଲେମ୍ବୁକୁ ଫୁଟାଇ ପିଅନ୍ତୁ, କର୍କଟ ରୋଗ ଭଲ ହେବ' ଏବଂ 'ରସୁଣ ଓ ହଳଦୀକୁ ୭ ଦିନ ପର୍ଯ୍ୟନ୍ତ ପାଦରେ ଘଷନ୍ତୁ, ମଧୁମେହ ଭଲ ହୋଇଯିବ।' 'ଜୀବନ ବଞ୍ଚାଇବା ପାଇଁ ଏହାକୁ ଫରୱାର୍ଡ଼(ବାରମ୍ବାର ପ୍ରସାର) କରିଚାଲନ୍ତୁ।'

ସାମାଜିକ ଗଣମାଧମରେ କ୍ରମବର୍ଦ୍ଧିଷ୍ଣୁ ଅନ୍ଧବିଶ୍ୱାସ ପାଇଁ ଅନେକ କାରଣ ଦାୟୀ। ପ୍ରଥମଟି ହେଉଛି ସୂଚନା ପ୍ରସାରର ଶୀଘ୍ରତା। ସତ ମିଛର ଯାଞ୍ଚ ସାମାଜିକ ଗଣମାଧମରେ ନଥାଏ। ତେଣୁ ଅନ୍ଧବିଶ୍ୱାସର ପ୍ରଚଳନ ଏବଂ ଦୃଶ୍ୟମାନତା ଏଠି ଆପେ ଆପେ ବଢ଼େ। ଭୁଲ ସୂଚନା ଓ ଅନ୍ଧବିଶ୍ୱାସ ଦ୍ୱାରା ସାମାଜିକ ଗଣମାଧରେ ଭଲ ବ୍ୟବସାୟ ହୁଏ ବୋଲି ଅନେକ ବିଶେଷଜ୍ଞ ମତ ରଖନ୍ତି। ଅନ୍ୟ ଏକ ଦିଗରେ ଲୋକପ୍ରିୟତା ବୃଦ୍ଧି ନିର୍ଣ୍ଣୟ କରିବାରେ ସାମାଜିକ ଗଣମାଧମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ଆମେ ଯେଉଁ ଅନ୍ଧବିଶ୍ୱାସପୂର୍ଣ୍ଣ ଧାରା ଦେଖୁଛେ ସେସବୁ ସାମାଜିକ ଗଣମାଧମର ପ୍ରାୟୋଜିତ ଲୋକପ୍ରିୟ ସଂସ୍କୃତି କହିଲେ କିଛି ଭୁଲ ହେବନାହିଁ। ଗଣମାଧମ, ଟେଲିଭିଜନ ଚ୍ୟାନେଲ ଓ ଓଟିଟି ରେ ପ୍ରାୟତଃ ଅନ୍ଧବିଶ୍ୱାସ ଉପରେ କେନ୍ଦ୍ରିତ ଅନେକ କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। ଏସବୁ କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ପ୍ରତି ବିଶ୍ୱାସ ଓ ବୈଧତା ମଧ ବୃଦ୍ଧି ପାଉଛି।

ଭାରତରେ ଅନ୍ଧବିଶ୍ୱାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ଭାବରେ ବିବେଚନା କରାଯାଏ। ତେଣୁ ଆଶଙ୍କା ହେଉଛି ଯେ ସାମାଜିକ ଗଣମାଧମରେ ଏସବୁର ପ୍ରସାର ଆମ ଭବିଷ୍ୟତ ପାଇଁ ବିପଦ ନହେଉ। ଗଣମାଧମ ଦ୍ୱାରା ବୃଦ୍ଧି ପାଉଥିବା ବ୍ୟାପକ ଅନ୍ଧବିଶ୍ୱାସ ଜନସାଧାରଣଙ୍କ ପାଇଁ ସାମାଜିକ କ୍ଷତି, ସାମାଜିକ କଳଙ୍କ, ଶୋଷଣ ଓ ହିଂସାର ପ୍ରମୁଖ କାରଣ। ସଠିକ ସୂଚନା ପ୍ରଦାନ କରିବା ହେଉଛି ଉଭୟ ଗଣମାଧମ ଓ ସାମାଜିକ ଗଣମାଧମର ଦାୟିତ୍ୱ। କିନ୍ତୁ ନୈତିକ ତ୍ରୁଟି ଏବଂ ଅନ୍ଧବିଶ୍ୱାସର ନିୟନ୍ତ୍ରଣହୀନ ପ୍ରଚାର ଏକ ବୃହତ ସାମାଜିକ ଅବ୍ୟବସ୍ଥା କାରଣ ହୋଇପାରେ ବୋଲି କେହି ଚିନ୍ତା କରୁନାହାନ୍ତି। ସଠିକତା ଅପେକ୍ଷା ମନୋରଞ୍ଜନକୁ ପ୍ରାଥମିକତା ଏବଂ ଅଯୌକ୍ତିକ ବିଶ୍ୱାସର ପ୍ରୋତ୍ସାହନ ଅନେକ ସାମାଜିକ କୁଅଭ୍ୟାସ ଓ ହତ୍ୟାକାଣ୍ଡରେ ପ୍ରତିଫଳିତ।


ଅନ୍ୟ ଏକ ମହଲର ଦାବି ଅନୁଯାୟୀ ସାମାଜିକ ଗଣମାଧମରେ ଅନ୍ଧବିଶ୍ୱାସ ବଜାୟ ରହିବାର କାରଣ ହେଉଛି ଯେ ଏହା ବ୍ୟକ୍ତିର ମାନସିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରେ। ଅନ୍ଧବିଶ୍ୱାସ ହେଉଛି ଏକ ପ୍ରକାରର ଭାବନା। ବ୍ୟକ୍ତିର ଅପ୍ରତ୍ୟାଶିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଏକ ଉପାୟ। ସେଭଳି ଅନେକ ଯୁକ୍ତି କରନ୍ତି ଯେ ଏସବୁ ଅନ୍ଧବିଶ୍ୱାସ ନୁହେଁ, ବରଂ ସାମାଜିକ ଗଣମାଧମରେ ଏକପ୍ରକାରର ସାମାଜିକ ବନ୍ଧନ ଓ ଲୋକକଥା। ସମସାମୟିକ ସମାଜରେ ଅନ୍ଧବିଶ୍ୱାସର ପ୍ରସାର ଏବଂ ସ୍ୱାଭାବିକୀକରଣ ପାଇଁ ସାମାଜିକ ଗଣମାଧମ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରୁଛି। ଏହାର ସମାଧାନ ପାଇଁ ସାମାଜିକ ବହିଷ୍କାର ଭୟ ଏବଂ 'ଯଦି ଏହା ସତ୍ୟ ହୁଏ ତେବେ କ'ଣ ହେବ?' ମାନସିକତାରୁ ଦୂରତା ସହିତ ଗଣମାଧମ ସାକ୍ଷରତା, ନୈତିକତା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଅତ୍ୟନ୍ତ ଆବଶ୍ୟକ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଅକ୍ଷୁଣ୍ଣ ରହୁ ବଞ୍ଚିବାର ଅଧିକାର

ରାକେଶ ପଣ୍ଡା

ଭାରତର ଭୌଗୋଳିକ ସ୍ଥିତି ବିବିଧ ବନ୍ୟପ୍ରାଣୀମାନଙ୍କୁ ଏକ ପ୍ରାକୃତିକ, ସୁନ୍ଦର ଓ ନିରାପଦ ଆଶ୍ରୟ ବା ବାସସ୍ଥାନ ପ୍ରଦାନ କରିଥାଏ। ପଶ୍ଚିମବଙ୍ଗର ଶକ୍ତିଶାଳୀ ବାଘଠାରୁ ଆରମ୍ଭ କରି ଆସାମର ଏକଶୃଙ୍ଗୀ ଗଣ୍ଡା ପର୍ଯ୍ୟନ୍ତ, ଭାରତର ଜଙ୍ଗଲ ଜୀବନର ତାଳ ସହିତ ଗୁଞ୍ଜରିତ ହୁଏ। କିନ୍ତୁ ଏହି ଜଙ୍ଗଲ ସ୍ୱରର ତାଳ ଆଜି ବିପଦରେ ରହିଛି। ନିକଟରେ ପୂର୍ବ-ମଧ ରେଳବାଇ ଅନ୍ତର୍ଗତ ରାଞ୍ଚି କୋଡରମା ମାର୍ଗର ବରକାକାନା ଓ ହଜାରିବାଗ ଷ୍ଟେସନ ମଧ୍ୟରେ ରେଳଲାଇନ ଉପରେ ଏକ ହାତୀ ପ୍ରସବ କରିବା ଘଟଣା ବିଭିନ୍ନ ଗଣମାଧମରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପାଇଁ ଉକ୍ତ ମାର୍ଗ ଦେଇ ଯାଉଥିବା ଗୋଟିଏ ମାଲବାହୀ ଟ୍ରେନ ଦୁଇ ଘଣ୍ଟା ଧରି ଅଟକି ରହିଥିଲା। ପ୍ରଶ୍ନ ହେଉଛି ଗୋଟିଏ ଜଙ୍ଗଲୀ ହାତୀର ଚଳାଚଳ ଏବଂ ପ୍ରସବ ନିମନ୍ତେ ଏକ ମାନବବସତି ତଥା ଗ୍ରାମ ନିକଟରେ ରହିଥିବା ରେଳଧାରଣା ଏକ ବାସ୍ତବ ଓ ସୁରକ୍ଷିତ ସ୍ଥାନ କି ? କେଉଁ କାରଣରୁ ଗୋଟିଏ ଗର୍ଭଣୀ ହାତୀ ନିଜର ପ୍ରାକୃତିକ ପରିବେଶ ଛାଡ଼ି ଜନବସତି ମୁହାଁ ହୋଇଥିଲା ? ବିଶ୍ୱସ୍ତରରେ ଜଙ୍ଗଲ କ୍ଷୟ ଧୀରେ ଧୀରେ ଏହି ମୂଲ୍ୟବାନ ବାସସ୍ଥାନଗୁଡ଼ିକୁ ଲୋପ କରୁଛି, ଯାହାକୁ ପ୍ରାୟତଃ ନିରବତାର ଶବ୍ଦ କୁହାଯାଏ। ଜଙ୍ଗଲ କାଟିବା ହେଉଛି ବର୍ତ୍ତମାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସମସ୍ୟା ମଧ୍ୟରୁ ଗୋଟିଏ। ଯେତେବେଳେ ପ୍ରାକୃତିକ ଭାବରେ ଗଛ ଥିବା ଜମିକୁ ମାନବ ଚାହିଦା ଅନୁଯାୟୀ କିଛି ସେବା ପ୍ରଦାନ କରିବା ନିମନ୍ତେ ପରିବର୍ତ୍ତନ କରାଯାଏ, ସେତେବେଳେ ଗଛ କାଟିବାକୁ ପଡ଼େ ଏବଂ ଜଙ୍ଗଲ କ୍ଷୟ ଘଟେ। ଏହାର ମୁଖ୍ୟ କାରକଗୁଡ଼ିକ ହେଲା ଶିଳ୍ପ ପ୍ରତିଷ୍ଠା, ରାସ୍ତା ନିର୍ମାଣ, ଡ୍ୟାମ୍ ଏବଂ ସହରାଞ୍ଚଳ ପ୍ରସାରଣ ଭଳି ଭିତ୍ତିଭୂମିର ବିକାଶ, କୃଷି ପ୍ରସାରଣ ନିମନ୍ତେ ଜମିକୁ କୃଷି କ୍ଷେତ୍ରରେ ଏକୀକୃତ କରିବା, କାଠ କାଟିବା, ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ସମାୟୋଜନ କରିବା ପାଇଁ ଭିତ୍ତିଭୂମି ବିକାଶ, ଖଣି ଖନନ, ଜଳବାୟୁ ପରିବର୍ତ୍ତନ। ଏହାଛଡ଼ା ଝଡ଼, ଘୂର୍ଣ୍ଣିବାତ୍ୟା କିମ୍ବା କୀଟପତଙ୍ଗ ଆକ୍ରମଣ ଭଳି ପ୍ରାକୃତିକ ବିଭ୍ରାଟ ମଧ ଜଙ୍ଗଲ କ୍ଷୟର ଅନ୍ୟତମ କାରକ ଅଟନ୍ତି। ଦୁର୍ଭାଗ୍ୟବଶତଃ, ଉକ୍ତ କାରକଗୁଡ଼ିକ ଜଙ୍ଗଲ ଜୀବମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ କରାଉଛି।



ଅବାଧରେ ଗଛ କାଟିବା ଫଳରେ ୧୯୯୦ ରୁ ୨୦୧୫ ପର୍ଯ୍ୟନ୍ତ ବିଶ୍ୱ ଜଙ୍ଗଲ ପରିସରର ୩.୧୬ ପ୍ରତିଶତ ହ୍ରାସ ଘଟିଛି। ଏକ ରିପୋର୍ଟ ଅନୁସାରେ, ୨୦୧୫ ରୁ ୨୦୨୦ ମଧ୍ୟରେ ଭାରତ ପ୍ରାୟ ୬,୬୮, ୪୦୦ ହେକ୍ଟର ଜଙ୍ଗଲ ହରାଇଛି, ଯାହା ସେହି ସମୟ ମଧ୍ୟରେ ବିଶ୍ୱସ୍ତରରେ ଦ୍ୱିତୀୟ ସର୍ବାଧିକ ଜଙ୍ଗଲ କ୍ଷୟ। ବିଶ୍ୱସ୍ତରରେ ପ୍ରତିବର୍ଷ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ମଣିଷ ପ୍ରତିବର୍ଷ ଦେଢ଼ କୋଟିରୁ ଅଧିକ ଗଛ କାଟିଥାଏ। ଜାତିସଂଘର 'ଖାଦ୍ୟ ଓ କୃଷି ସଂଗଠନ' ଆକଳନ କରିଛି ଯେ ମଣିଷ ନିଜର ବିଭିନ୍ନ ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ୧୯୯୦ ମସିହା ପରଠାରୁ ୪୨୦ ନିୟୁତ ହେକ୍ଟର ଜଙ୍ଗଲ ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପରିବର୍ତ୍ତନ କରିଛି। ଭାରତରେ ବନ କ୍ଷୟ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଜଙ୍ଗଲୀ ଜୀବ ପ୍ରାଣ ହରାଉଛନ୍ତି ଏବଂ ଅନେକ ବିସ୍ଥାପିତ ହେଉଛନ୍ତି। ଏହାଫଳରେ ଦେଶରେ ବାଘ, ଗଣ୍ଡା, ହାତୀ, ହରିଣ, ବାରହା, ଠେକୁଆ ଆଦି ଅନ୍ୟ ବିଭିନ୍ନ ପ୍ରକାରର ପ୍ରାଣୀ ପ୍ରଜାତିକୁ ନକରାତ୍ମକ ଭାବରେ ପ୍ରଭାବିତ କରୁଛି। ଏହାଛଡ଼ା, ବାଦୁଡ଼ି, କପୋତ ଓ କାଉ ଭଳି ପକ୍ଷୀ ବିରଳ ହେବାରେ ଲାଗିଛନ୍ତି। ବିଭିନ୍ନ ପକ୍ଷୀ ଓ ସରୀସୃପ ଭଳି କିଛି ପ୍ରଜାତି ମଧ ବାସସ୍ଥାନ କ୍ଷତି ଯୋଗୁଁ ବିପଦରେ ଅଛନ୍ତି।

ବନ୍ୟପ୍ରାଣୀମାନଙ୍କର ପ୍ରାକୃତିକ ବାସସ୍ଥାନ ସଙ୍କୁଚିତ ହେବା ଫଳରେ ବନ୍ୟପ୍ରାଣୀ ଦୈନନ୍ଦିନ ଖାଦ୍ୟର ଅଭାବକୁ ମେଣ୍ଟାଇବାକୁ ଏବଂ ଆଶ୍ରୟ ପାଇଁ ମାନବ ବସତି ମଧ୍ୟକୁ ପ୍ରବେଶ କରିବା ସହ କେତେକ କ୍ଷେତ୍ରରେ ଆକ୍ରମଣ ମଧ କରିଥା'ନ୍ତି। ଏପରିକି କେତେକ ସମୟରେ ସେମାନେ ସହର ଭିତରକୁ ପ୍ରବେଶ କରିବାର ନଜରକୁ ଆସୁଛି। ଯାହାକି ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ। ପ୍ରତିଶୋଧ ସ୍ୱରୂପ, ମଣିଷ ଶିକାର କିମ୍ବା ବନ୍ୟପ୍ରାଣୀଙ୍କୁ ଧରିବାକୁ ଚେଷ୍ଟା କରିଥାଏ, ଯାହା ଏହି ପ୍ରଜାତିମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଆହୁରି ତୀବ୍ର କରିଥାଏ। ଉଭୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ସଂଘର୍ଷ ବିଭିନ୍ନ ରୂପରେ ପ୍ରକାଶିତ ହୁଏ। ଯେପରିକି ଫସଲ କ୍ଷତି, ପଶୁ ଶିକାର, ସମ୍ପତ୍ତି କ୍ଷତି। ଏପରିକି ଉଭୟ ଜଙ୍ଗଲୀ ପଶୁ ଓ ମଣିଷଙ୍କ ସାମାଜିକ ଓ ପ୍ରାକୃତିକ ଅଧିକାର ବିପଦରେ ପଡ଼ିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ। କେନ୍ଦ୍ର ସରକାରଙ୍କ ଦ୍ୱାରା ଡିସେମ୍ବର, ୨୦୨୩ ରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୨ରେ ଦେଶରେ ପଶୁ ଆକ୍ରମଣ ଯୋଗୁଁ ୧, ୫୧୦ ଜଣଙ୍କ ମୃତ୍ୟୁ ହୋଇଛି।

ଏ ଧରାପୃଷ୍ଠରେ, ଈଶ୍ୱର ପ୍ରଦାନ କରିଥିବା ପ୍ରତିଟି ଜୀବର ବଞ୍ଚିବାର ସ୍ୱତନ୍ତ୍ର ଅଧିକାର କେବେ, କୌଣସି ପରିସ୍ଥିତିରେ ମଧ କ୍ଷୁଣ୍ଣ ହେବା ଉଚିତ ନୁହେଁ। ଏହା କେବଳ ସରକାର ନୁହେଁ, ସମାଜରେ ବାସ କରୁଥିବା ପ୍ରତ୍ୟେକ ମଣିଷଙ୍କ ପାଇଁ ମଧ ଏକ ବଡ଼ ପ୍ରଶ୍ନବାଚୀ ଓ ଆହ୍ୱାନ। କିପରି ଦେଶରେ ବାକିଥିବା ଜଙ୍ଗଲ ଆଉ ନଷ୍ଟ ନହୁଏ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ। ଏହାଛଡ଼ା ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ନିର୍ବାହ ନିମନ୍ତେ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ଜରୁରୀ, ଯେପରି ଉଭୟ ମଣିଷ ଓ ବନ୍ୟପ୍ରାଣୀ କେହି କାହାର ଜୀବନ ଶୈଳୀ, ଜୀବନ ନିର୍ବାହ ଓ ବଞ୍ଚିବାର ଅଧିକାର ଆଦିରେ ହସ୍ତକ୍ଷେପ କରିବେ ନାହିଁ। ଉଭୟଙ୍କ ନିମନ୍ତେ ଉଦ୍ଦିଷ୍ଟ ପରିବେଶ ଓ ସ୍ଥାନରେ ସେମାନେ ଶାନ୍ତି, ଖୁସି ଓ ନିରାପଦର ସହ ଜୀବନ ଯାପନ କରିବେ। ଏଥିଲାଗି କିନ୍ତୁ ସରକାର ଓ ଜନତା ସଚେତନ ହେବା ସହ ଜରୁରୀ ପଦକ୍ଷେପ ମାନ ନିଷ୍ଠା ଓ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ବଦାଲୋ(କଟକ), ମୋ: ୯୩୩୭୮୯୭୬୫୦

## ରାବଣ ମନ୍ଦିର

ଓଜସ୍ୱିନୀ

ଦେବଭୂମି ଭାରତରେ ତେତ୍ରିଶକୋଟି ଦେବଦେବୀଙ୍କ ଅନେକ ଭବ୍ୟ ମନ୍ଦିର ରହିଛି। ପ୍ରତ୍ୟେକ ମନ୍ଦିର ନିଜସ୍ୱ ନିର୍ମାଣ ଶୈଳୀ, ସ୍ଥାନୀୟ ପରମ୍ପରା, ସଂସ୍କୃତି, ଧର୍ମୀୟ ବିଶ୍ୱାସ, ଅଲୌକିକତା, ପୂଜାବିଧି, ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ ଓ ଲୋକକଥା ଆଧାରରେ ସ୍ୱତନ୍ତ୍ର। କିନ୍ତୁ ସବୁରି ମୂଳରେ ରହିଛି ବିଶ୍ୱାସ। ଏହା ସକାରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ। ଏହିକ୍ରମରେ ଭାରତରେ ଏମିତି କିଛି ମନ୍ଦିର ଅଛି, ଯେଉଁଠି ଅସୁର, ଦାନବ, ରାକ୍ଷସ-ରାକ୍ଷସୀଙ୍କୁ ମଧ ପୂଜା କରାଯାଉଛି। ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ ଏମାନେ ଈଶ୍ୱର ଭାବେ ପୂଜା ପାଉଛନ୍ତି। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ସମାଜ, ସଂସ୍କୃତି ଓ ପରମ୍ପରାରେ ଖଳନାୟକ ଭାବମୂର୍ତ୍ତି ସମ୍ପନ୍ନ ଚରିତ୍ରମାନଙ୍କୁ ଈଶ୍ୱର ଆସନ ଦେବା ପଛରେ ରହିଛି ଏକ ତୀବ୍ର ବିରୋଧାଭାସ। ଯେଉଁମାନେ ଭାଗ୍ୟ ଓ ଭଗବାନଙ୍କ ଉପରୁ ସମ୍ପୂର୍ଣ୍ଣ ଆସ୍ଥା ହରାଇଥା'ନ୍ତି ସେମାନଙ୍କ ଚେତନାରେ କାଳକ୍ରମେ ଖଳନାୟକ ଚରିତ୍ରମାନଙ୍କ ପ୍ରତି ଅନୁରକ୍ତି ସୃଷ୍ଟି ହୁଏ। ହେତୁବାଦୀମାନଙ୍କ ମତରେ ଗୋଟିଏ ଚରିତ୍ରକୁ ନାୟକ ଭାବେ ଉପସ୍ଥାପନା କରିବା ପାଇଁ ଅନ୍ୟଜଣଙ୍କୁ ଖଳନାୟକ ଭାବେ ଚିତ୍ରଣ କରାଯାଏ। କିନ୍ତୁ ସେହି ଖଳନାୟକ ଚରିତ୍ର ଭିତରେ ମଧ ଅନେକ ଐଶ୍ୱରୀୟ ଗୁଣ ରହିଛି। ସେହି ଗୁଣଗୁଡ଼ିକୁ ଆବିଷ୍କାର କରିପାରିଥିବା ବ୍ୟକ୍ତିମାନେ ମଧ ପ୍ରଶଂସାର ପାତ୍ର। ଆଉ କିଛି ମତବାଦୀଙ୍କ ମତରେ ଯଦି ତୁମେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ ତେବେ ନକାରାତ୍ମକ ଶକ୍ତିର ଅବସ୍ଥିତିକୁ ସ୍ୱୀକାର କରିବାକୁ ବାଧ। କାରଣ ଦୁଇ ବିପରୀତ ଧର୍ମୀ ଚରିତ୍ରର ସମ୍ମିଶ୍ରଣରେ ହିଁ ସଂସାରର ସମତୁଲତା ରକ୍ଷା ହୁଏ। ଏଭଳି କେତେକ ସ୍ୱତନ୍ତ୍ର ବା ଭିନ୍ନ ବିଚାର ଆଧାରରେ ଗଢ଼ି ଉଠିଛି ଅନେକ ମନ୍ଦିର ଓ ଉପାସନା, ଯାହା ଈଶ୍ୱରବିଶ୍ୱାସୀଙ୍କ ଦୃଷ୍ଟିରେ ବିଚିତ୍ର ଲାଗେ। ଏହି ସ୍ତମ୍ଭରେ ଆମେ ଭାରତରେ ପ୍ରତିଷ୍ଠିତ ସେଭଳି କିଛି 'ବିଚିତ୍ର ବିଶ୍ୱାସ' ଆଧାରିତ ମନ୍ଦିର ସମ୍ପର୍କରେ ଆଲୋଚନା କରିବା।

**ବିଚିତ୍ର ବିଶ୍ୱାସ**

ରାମାୟଣରେ ମୁଖ୍ୟ ଖଳନାୟକ ରୂପେ ଚିତ୍ରିତ ଅସୁରରାଜା ରାବଣର କୁଶପୁତ୍ତଳିକା ପ୍ରତିବର୍ଷ ଦଶହରାରେ ପୋଡ଼ିବାର ଅଲିଖିତ ପରମ୍ପରା ଅନେକ ବର୍ଷ ଧରି ଜାରି ରହିଛି, ଯାହା ରାବଣପୋଡ଼ି ନାମରେ ବିଦିତ। କିନ୍ତୁ ଆଶ୍ଚର୍ଯ୍ୟ ହେଲେ ମଧ ସତ ଯେ ଭାରତର ଅନେକ ସ୍ଥାନରେ ଅସୁରରାଜ ରାବଣଙ୍କ ଏକାଧିକ ମନ୍ଦିର ରହିଛି, ଯାହା ମଧ୍ୟରୁ ମୁଖ୍ୟତଃ ଦୁଇଟି ମନ୍ଦିର ପ୍ରସିଦ୍ଧ। ଗୋଟିଏ ହେଉଛି ରାଜସ୍ଥାନର ଯୋଧପୁରସ୍ଥିତ ମେହରାନଗଡ଼ କିଲ୍ଲା ନିକଟରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିର ଏବଂ ଅନ୍ୟଟି ସେହି ରାଜ୍ୟର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର।

ଯୋଧପୁରର ମନ୍ଦୋର୍‌ଠାରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିରରେ ରାବଣ ଓ ମନ୍ଦୋଦରୀଙ୍କର ଶିବଙ୍କୁ ଆରାଧନା କରୁଥିବା ମୁଦ୍ରାରେ ଦୁଇଟି ବିଶାଳକାୟ ପ୍ରତିମା ରହିଛି। ମନ୍ଦୋଦରୀଙ୍କ ପିତା ମୟାସୁର ଏହି ସ୍ଥାନର ନିର୍ମାଣ କରିଥିବାରୁ ସ୍ଥାନର ନାମାନୁସାରେ ରାବଣଙ୍କ ପତ୍ନୀଙ୍କ ନାମ ମନ୍ଦୋଦରୀ ହୋଇଛି। ମନ୍ଦୋର ର ନିର୍ମାଣ କାହିଁକି ଓ କିପରି ହେଲା, ତାହାକୁ ନେଇ ପୌରାଣିକ କାହାଣୀ ମଧ ଅଛି। ମନ୍ଦୋର୍ ରାବଣଙ୍କ ଶ୍ୱଶୁରାଳୟ ଭାବେ ପରିଚିତ। ଯେଉଁ ସ୍ଥାନରେ ରାବଣ ଓ ମନ୍ଦୋଦରୀଙ୍କ ବିବାହ ସମ୍ପନ୍ନ ହୋଇଥିଲା, ତାହା ଆଜି ମଧ ସେଠାରେ ଅଛି, ଯାହାକୁ ସ୍ଥାନୀୟ ଭାଷାରେ 'ରାବଣ କି ଚମ୍ବରି' ବୋଲି କୁହାଯାଉଛି। ଏଠାରେ ଗୋଧା ଗୋତ୍ରର ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ବ୍ରାହ୍ମଣମାନେ ନିଜକୁ ରାବଣଙ୍କ ବଂଶଜ ବୋଲି ମାନନ୍ତି ଏବଂ ବିବାହ ସମୟରେ ସେମାନେ ଏଠାକୁ ଆସି ସ୍ଥାୟୀ ବସତି ସ୍ଥାପନା କରିଥିଲେ ବୋଲି କିମ୍ବଦନ୍ତୀ ଅଛି। ତେଣୁ ସେମାନେ ଦଶହରା ଦିନ ରାବଣଙ୍କ ଦହନ ଦେଖିବାକୁ ଯାଆନ୍ତି ନାହିଁ, ବରଂ ସେହିଦିନ ସେମାନେ ରାବଣଙ୍କ ପାଇଁ ଶୋକପାଳନ ପୂର୍ବକ ଅନ୍ନପାକ ତ୍ୟାଗ କରିବା ସହିତ ସନ୍ଧ୍ୟା ସମୟରେ ସ୍ନାନ କରି ନିଜର ଉପବୀତ ପରିବର୍ତ୍ତନ କରିବା ପରେ ରାବଣଙ୍କ ଦର୍ଶନ କରିଥା'ନ୍ତି। ଏହାପରେ ରାବଣଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଏ। ଏହାକୁ ସେମାନେ ପ୍ରସାଦ ଭାବେ ସେବନ କରିଥା'ନ୍ତି। ଅସୁରରାଜ ରାବଣ ମହାନ ସଙ୍ଗୀତଜ୍ଞ ଓ ବେଦଜ୍ଞ ପଣ୍ଡିତ ଥିଲେ। ତେଣୁ ସଙ୍ଗୀତ ଓ ବେଦ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ଏହି ମନ୍ଦିରକୁ ଆସି ରାବଣଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁଷ୍କର୍ମପୀଡ଼ିତା ନାବାଳିକା ଗର୍ଭବତୀ

କୁଜଙ୍ଗ, ୨୪।୭ (ସମିସ): ରାଜ୍ୟରେ ମହିଳା ଓ ନାବାଳିକାଙ୍କ ପ୍ରତି ହିଂସା ଓ ବର୍ବରତା ବଢ଼ି ଚାଲିଥିଲା ବେଳେ ଏବେ କୁଜଙ୍ଗ ବ୍ଲକ୍ କାଠକୋଟ ପଞ୍ଚାୟତରେ ମାଟ୍ରିକ୍ ପାସ୍ କରିଥିବା ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଲୋକଲୋଚନକୁ ଆସିଛି। ଏହାକୁ ନେଇ କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରି ଅଧିକ ତନାଘନା ଚଳାଇଛି। କୋଠକୋଟ ପଞ୍ଚାୟତର ଉକ୍ତ ନାବାଳିକାଙ୍କ ଉପରେ ଗ୍ରାମର ଦୁଇ ଭାଇଙ୍କ ଖରାପ ନଜର ଥିଲା। ସେମାନେ ନାବାଳିକାକୁ ଦୁଷ୍କର୍ମ କରିଛନ୍ତି। ଫଳରେ ନାବାଳିକାଜଣଙ୍କ ଅନ୍ତସତ୍ତ୍ୱା ହୋଇଥିବା ନେଇ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ଅଭିଯୁକ୍ତ ଦୁଇ ଭାଇ ଭାଗ୍ୟଧର ଦାସ ଓ ଗୁଲିଆ ଦାସଙ୍କୁ ଗିରଫ କରି ତନାଘନା ଚଳାଇଛି। ଏହାସହ ନାବାଳିକାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କର ମଧ୍ୟ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି। ତେବେ, ଏହି ଘଟଣାରେ କେବଳ ଏହି ଦୁଇ ଭାଇ ସମ୍ପୃକ୍ତ ନା ଆଉ କିଏ ଅଛନ୍ତି, ପୁଲିସ ତଦନ୍ତ ଚଳାଇଛି।

## ମାଓବାଦୀ ସଂଗଠନକୁ ବଡ଼ ଝଟ୍‌କା

# ୪ ଜିଲ୍ଲାରେ ୫୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟରେ ମାଓବାଦୀ ସଂଗଠନକୁ ବଡ଼ ଝଟକା ଲାଗିଛି। ସୀମାନ୍ତ ସୁକୁମା, ବିଜାପୁର, ଦାନ୍ତେୱାଡ଼ା ସମେତ ୪ଟି ଜିଲ୍ଲାରେ ୫୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆସନ୍ତା ୨୮ ତାରିଖଠାରୁ ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ ହେଉଥିବା ବେଳେ ମାଓବାଦୀଙ୍କ ଆତ୍ମସମର୍ପଣ ସଂଗଠନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି। ଆଜି ପଡ଼ୋଶୀ ସୁକୁମା ଜିଲ୍ଲାରେ ୫ ଜଣ ଓ ନାରାୟଣପୁର ଜିଲ୍ଲାରେ ୮ଜଣ ମାଓବାଦୀ, ବିଜାପୁର ଜିଲ୍ଲାରେ୨୫ ଜଣ ଏବଂ ଦନ୍ତେୱାଡ଼ା ଜିଲ୍ଲାରେ ୧୫ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧୭ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚୀନ୍ ସୀମାରେ...

ମସ୍କୋରୁ ୬,୦୦୦ କିମି ଦୂରରେ ଅବସ୍ଥିତ। ବିମାନରେ ୫ ଶିଶୁଙ୍କ ସମେତ ୪୩ ଜଣ ଯାତ୍ରୀ ଓ ୬ ବିମାନ କର୍ମଚାରୀ ଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ୧୯୬୭ରେ ସେତେବେଳର ସୋଭିଏତ ୟୁନିୟନ ଛୋଟ ଅଞ୍ଚଳରେ ଉଡାଇବା ପାଇଁ ଏହି ବିମାନ (ଏଏନ୍-୨୪) ତିଆରି କରିଥିଲା। ସେତେବେଳେ ଏଥିରେ ୩୨ଟି ସିଟ୍ ଥିଲା। ଗତବର୍ଷ ମଧ୍ୟ ଅମୁର ଅଞ୍ଚଳରେ ବିମାନ ଦୁର୍ଘଟଣା ହୋଇଥିଲା।

### ଅନୀଲ ଅମ୍ବାନୀଙ୍କ...

ବ୍ୟାଙ୍କରୁ ପ୍ରାପ୍ତ ଟଙ୍କା ବେଆଇନ ଭାବରେ କମ୍ପାନୀର ପ୍ରମୋଟର ଏବଂ ଅନ୍ୟ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ ଋଣ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ଆର୍‌ଏଏଜିଏ କମ୍ପାନୀଗୁଡ଼ିକୁ ଋଣ ମଞ୍ଜୁର କରାଯାଇଥିଲା। ବ୍ୟାଙ୍କର ୩ ହଜାର କୋଟି ଟଙ୍କାର ଋଣମାଫ୍ ପାଇଁ ବଡ଼ ଧରଣର ଜାଲିଆତି ହୋଇଥିଲା।

### ସ୍ପଷ୍ଟ କରନ୍ତୁ...

ନବୀନ ପୁଣି କହିଛନ୍ତି ଯେ ମହାନଦୀ କେବଳ ଏକ ନଦୀ ନୁହେଁ, ଏହା ଓଡ଼ିଶାର ଆତ୍ମା। ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବାର ଆବଶ୍ୟକତା ରହିଛି। ୨୦୧୮ ମସିହା ଜାନୁଆରୀ ୨୩ ତାରିଖରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଜେଡିର ନିରନ୍ତର ପ୍ରୟାସ ଏବଂ ପ୍ରବଳ ଜନସାଧାରଣଙ୍କ ଚାପ କାରଣରୁ ସେତେବେଳେ କେନ୍ଦ୍ର କ୍ୟାବିନେଟ ଟ୍ରିବ୍ୟୁନାଲ ଗଠନ କରିବାକୁ ଅନୁମୋଦନ ଦେଇଥିଲେ। ଏହାପରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଯାଇ ସରକାରୀ ଭାବେ ଟ୍ରିବ୍ୟୁନାଲର ଗଠନ କରିଥିଲେ। ଏତେ ପରିଶ୍ରମରେ ଓଡ଼ିଶା ଜାରି ରଖିଥିବା ଏହି ଆଇନଗତ ଲଢ଼େଇ ଏବେ ଯେ ଦୁର୍ବଳ ହେବାରେ ଲାଗିଛି, ସେନେଇ ଏବେ ସାଧାରଣରେ ଚିନ୍ତା ବୃଦ୍ଧି ପାଇଲାଣି। ଛତିଶଗଡ଼ ସହ କେଉଁ ପ୍ରକାର ପାରସ୍ପରିକ ବୁଝାମଣା ହେବାକୁ ଯାଉଛି ସେନେଇ ରାଜ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି କିମ୍ବା ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ରାଜ୍ୟ ସରକାର କଣ ଆଇନଗତ ଦିଗକୁ ପରିତ୍ୟାଗ କରିଛନ୍ତି? ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାୟ ଦାବିକୁ କଣ ବନ୍ଦ ଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ପ୍ରଶ୍ନ କରିବା ସହ ରାଜ୍ୟ ସରକାରଙ୍କଠାରୁ ଏହାର ତତ୍କାଳ ଏବଂ ପାରଦର୍ଶୀ ଉତ୍ତର ଆଶା କରିଛନ୍ତି।

### ବିହାର ଭୋଟର ତାଲିକା...

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରାଯାଇଥିଲା। ସମସ୍ତ କାର୍ଯ୍ୟ ବନ୍ଦ କରି ବିହାର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସଂଜୟ ସିଂହ, ରଣଜିତ ରଞ୍ଜନ ଓ ଅଖିଳେଶ ପ୍ରସାଦ ସିଂହ ପ୍ରମୁଖ ମୁଲତବୀ ନୋଟିସ ଦେଇଥିଲେ। ମାତ୍ର ନିୟମ ୨୬୭ ଅନୁଯାୟୀ ଏହିସବୁ ନୋଟିସକୁ ଅଧ୍ୟକ୍ଷ ଖାରଜ କରିଦେବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଲୋକସଭାରେ ପ୍ରଥମେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହୋହାଲ୍ଲା କରିଥିଲେ। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ଦୁଇଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ କରାଯାଇଥିଲା। ସେହିଭଳି ରାଜ୍ୟସଭାକୁ ପ୍ରଥମେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଦୁଇଟା ପରେ ଗୃହ କାର୍ଯ୍ୟ ଚାଲିଥିବା ବେଳେ କଂଗ୍ରେସ ଓ ଟିଏମ୍‌ସି ସାଂସଦ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିବା ସହିତ ଅଧ୍ୟକ୍ଷଙ୍କ ଆସନକୁ ଯାଇ କାର୍ଯ୍ୟରେ ବାଧା ଦେଇଥିଲେ। ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

ଏହାପରେ ସଂସଦ ବାହାରେ ବିରୋଧୀ ସଭ୍ୟମାନେ ପ୍ଲାକାର୍ଡ ଧରି ସରକାର ଓ ନିର୍ବାଚନ କମିସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବା ଦେଖାଯାଇଥିଲା। ଇତିମଧ୍ୟରେ ଜଣାପଡ଼ିଛି ଯେ ସରକାର ବିହାର ପ୍ରସଙ୍ଗରେ ଆଲୋଚନା କରିବାକୁ ନାରାଜ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ବିହାରରେ ଭୋଟର ତାଲିକା ସଂଶୋଧନ ଦାୟିତ୍ୱ ହେଉଛି ନିର୍ବାଚନ କମିସନଙ୍କର। ଏହି କାମରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିପାରିବେ ନାହିଁ।

### ଭାରତୀୟଙ୍କୁ ଚାକିରି...

ଯୋଗୁଁ ଅନେକ ଆମେରିକୀୟ ଅବହେଳିତ ଅନୁଭବ କରୁଛନ୍ତି। ରାଷ୍ଟ୍ରପତି ଦାବି କରିଛନ୍ତି ଯେ କିଛି ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତା ବ୍ୟବହାର କରି ଲାଭ କରିଛନ୍ତି। କିନ୍ତୁ, ଦେଶ ବାହାରେ ବହୁ ପରିମାଣରେ ନିବେଶ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ତିନୋଟି ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାରେ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା। ଏହାସହିତ, ଏଆଇ ଉପକରଣଗୁଡ଼ିକୁ ରାଜନୈତିକ ଭାବରେ ନିରପେକ୍ଷ କରିବା। ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକୁ ବିଦେଶରେ, ବିଶେଷକରି ଭାରତରେ ଚାକିରି ନ ଦେବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର 'ଆମେରିକା ପ୍ରଥମ' ନୀତିର ଏକ ବିସ୍ତାର। ଏହା ଭାରତର ଆଇଟି କ୍ଷେତ୍ର ଏବଂ ବୃତ୍ତିଗତମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଟ୍ରମ୍ପ୍‌ଙ୍କ ଏହି ଆଦେଶ ଭାରତୀୟ ଆଇଟି ଏବଂ ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ। ଅପରପକ୍ଷେ ଭାରତୀୟ ଆଇଟି କ୍ଷେତ୍ରର ଏକ ବଡ଼ ଅଂଶ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ। ଯଦି ଆମେରିକୀୟ କମ୍ପାନୀଗୁଡ଼ିକ ଭାରତରେ କମ୍ ନିଯୁକ୍ତି ଦିଅନ୍ତି, ତେବେ ନୂତନ ନିଯୁକ୍ତି ହ୍ରାସ ପାଇପାରେ। ଫ୍ରେଶର୍ସ ଏବଂ ପ୍ରବେଶ-ସ୍ତରୀୟ (ଏଣ୍ଟ୍ରି ଲେବଲ) ଚାକିରି ବିପଦରେ ପଡ଼ିପାରେ। କ୍ୟାମ୍ପସ୍ ପ୍ଲେସମେଣ୍ଟ ଏବଂ ଇଣ୍ଟର୍ନସିପ୍ ଅଫରରେ ବିଳମ୍ବ ହେବାର ସମ୍ଭାବନା ଅଛି। ନାସ୍‌କମ୍ ଆକଳନ ଅନୁଯାୟୀ, ଯଦି ଆମେରିକୀୟ ଆଉଟସୋର୍ସିଂରେ ୧୦-୧୫% ହ୍ରାସ ହୁଏ, ତେବେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତରେ ୫ ଲକ୍ଷରୁ ଅଧିକ ଲୋକ ଚାକିରି ହରାଇପାରନ୍ତି।

ଟ୍ରମ୍ପଙ୍କ ଅନୁସାରେ, କିଛି ବଡ଼ ଟେକ୍ କମ୍ପାନୀ ଆମେରିକାର ସ୍ୱାଧୀନତାର ଫାଇଦା ଉଠାଇଛନ୍ତି। ସେମାନେ ଚୀନରେ କାରଖାନା ନିର୍ମାଣ କଲେ,ଭାରତୀୟ ଶ୍ରମିକଙ୍କୁ ଚାକିରି ଦେଲେ। ଆୟାରଲ୍ୟାଣ୍ଡରେ ସେମାନଙ୍କର ଲାଭ ଲୁଚାଇଦେଲେ। ଟ୍ରମ୍ପ କହିଛନ୍ତି, 'ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ ସେହି ଦିନ ଏବେ ଶେଷ।' ସେ ଏହା ମଧ୍ୟ କହିଥିଲେ ଯେ ଏଆଇ ଦୌଡ଼ ଜିତିବା ପାଇଁ, ସିଲିକନ ଭ୍ୟାଲି ଏବଂ ବାହାରେ ଦେଶପ୍ରେମର ଏକ ନୂତନ ଭାବନା ଏବଂ ଜାତୀୟ ନିଷ୍ଠାର ଆବଶ୍ୟକତା ପଡ଼ିବ। ସେ ଆମେରିକୀୟ କମ୍ପାନୀଗୁଡ଼ିକୁ ଆମେରିକାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି। ଟ୍ରମ୍ପଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ହେଉଛି ସେହି କମ୍ପାନୀଗୁଡ଼ିକ ପାଇଁ ଯେଉଁମାନେ ଏଆଇ ବିକାଶ ପାଇଁ ଫେଡେରାଲ୍ ପାଣ୍ଠି ପାଆନ୍ତି। ଏହି କମ୍ପାନୀଗୁଡ଼ିକୁ ଏବେ ରାଜନୈତିକ ଭାବରେ ନିରପେକ୍ଷ ଏଆଇ ଉପକରଣ ତିଆରି କରିବାକୁ ପଡିବ। ଏହି ନୂତନ ନିୟମଗୁଡ଼ିକ ସରକାରୀ ଏଜେନ୍ସିଗୁଡ଼ିକ ଦ୍ୱାରା ବ୍ୟବହୃତ ଏଆଇ ସିଷ୍ଟମଗୁଡ଼ିକରେ ମଧ୍ୟ ପ୍ରଯୁଜ୍ୟ ହେବ।

### ବିକ୍ରିହେବ ୮...

ସେହିପରି କେନ୍ଦ୍ର ସରକାର ୫ଟି ବ୍ୟାଙ୍କରେ ନିଜର ଅଂଶଧନ ହ୍ରାସ କରିବାକୁ ବିଚାର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ସୁଦ୍ଧା ଆଇଡିବିଆଇ ବ୍ୟାଙ୍କ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି), ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରୁ ମଧ୍ୟ ସରକାର ନିଜର ଅଂଶଧନ ପ୍ରତ୍ୟାହାର କରିବେ ବୋଲି ସୂଚନା ମିଳିଛି। ଏହି ବ୍ୟାଙ୍କଗୁଡ଼ିକରୁ ସରକାରୀ ଅଂଶଧନ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯିବ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଓ ଏଲ୍‌ଆଇସିକୁ ୫୦,୦୦୦ କୋଟି ଟଙ୍କା ମିଳିବ। ଏହି ବ୍ୟାଙ୍କରେ ସରକାର ଓ ଏଲଆଇସିର ମୋଟ ୯୪ ପ୍ରତିଶତ ଅଂଶଧନ ରହିଛି। ଏବେ ଆଇଡିବିଆଇ ବ୍ୟାଙ୍କରୁ ସରକାର ନିଜର ୬୦.୭୨ ପ୍ରତିଶତ ଅଂଶଧନ ବିକ୍ରି କରିବେ। ସରକାର ବର୍ତ୍ତମାନ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ଚୂଡ଼ାନ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଫେୟାରଫ୍ୟାକ୍ସ ଇଣ୍ଡିଆ ହୋଲ୍ଡିଂସ୍, ଏମିରେଟ୍ସ ଏନ୍‌ବିଡି ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏହି ବ୍ୟାଙ୍କକୁ କ୍ରୟ କରିବାକୁ ଆଶାବାଦୀ ଅଛନ୍ତି ବୋଲି କୁହାଯାଉଛି।

### ଲୋକସେବା ଭବନରୁ...

କରି ସନ୍ଦୀପକୁ ଅଟକ ରଖିଥିଲେ। ପୁଲିସ ଅଟକାଇବା ପରେ ସନ୍ଦୀପ ପରିଚୟ ପତ୍ର ଛାଡ଼ିଦେଇ ଏଜି ଛକ ଆଡ଼କୁ ଦୌଡ଼ି ଥିଲା। ଏସ୍‌ଆଇ ମନୋରଞ୍ଜନ ମହାନ୍ତି ପିଛା କରି ଏଜି ଛକ ନିକଟରେ କାବୁ କରିଥିଲେ। ମନୋରଞ୍ଜନ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସନ୍ଦୀପକୁ ଗିରଫ କରିବା ସହ ତା'ଠାରୁ ନକଲି ପରିଚୟପତ୍ର ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା। ସେ ଏକ ଡିଟିପି ସେଣ୍ଟରରେ ଜାଲ୍ ପରିଚୟପତ୍ର ତିଆରି କରି ଲୋକସେବା ଭବନରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏଥିସହିତ ଉକ୍ତ ଜାଲ୍ ପରିଚୟପତ୍ର ବଳରେ ଗତ ମାସରେ ମଧ୍ୟ ଲୋକସେବା ଭବନରେ ପ୍ରବେଶକୁ ଯାଇଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଛି।

### ଜୀବନ ହାରିଲେ...

ହୋଟେଲରେ କାମ କରି ଚଳୁଥିବା ବେଳେ ୬ମାସ ହେବ ସେ ଆଇଟିଆଇ ।ରେ ନାମ ଲେଖାଇ ପାଠ ପଢୁଥିଲେ। ଏହି ସମୟରେ ସଂପୃକ୍ତ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ଯୁବକ ଜଣଙ୍କ କିଛି ଭିଡିଓ ଏବଂ ଫଟୋ ଉଠାଇ ନିଜ ମୋବାଇଲ୍‌ରେ ରଖିଥିଲେ। ଏହାପରେ ଛାତ୍ରୀଙ୍କୁ ସେ ବିବାହ କରିବା ପାଇଁ କହିଥିଲେ। ଛାତ୍ରୀ ଜଣଙ୍କ ମନା କରିବାରୁ ତାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ଶେଷରେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଯୁବକଙ୍କ ନିର୍ଯାତନା ବଢ଼ିବା ପରେ ଯୁବତୀ ଜଣଙ୍କ ସହ୍ୟ କରିପାରିଲେ ନାହିଁ। ଗତକାଲି ରାତିରେ ନିଜେ ରହୁଥିବା ଭଡ଼ା ଘରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଥିଲେ। ସବୁଦିନ ପରି ସେ ସକାଳେ ନ ଉଠିବାରୁ ଘର ମାଲିକ ସନ୍ଦେହରେ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି କବାଟ ଲକ୍‌ତାଡ଼ି ମୃତଦେହ ଉଦ୍ଧାର କରିଥିଲେ। ଛାତ୍ରୀଜଣଙ୍କ ଦିବ୍ୟାଙ୍ଗ ହୋଇଥିବାରୁ ଅନେକ କଥା ପରିବାର ଲୋକଙ୍କୁ କହିପାରୁ ନ ଥିଲେ। ଯେଉଁଥିପାଇଁ ଯୁବକଜଣଙ୍କ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ତଦନ୍ତ କରୁଛି। ଛାତ୍ରୀଙ୍କ ମୋବାଇଲ ଫୋନ୍ ଏବଂ ରହୁଥିବା ଭଡ଼ାଘରୁ ପୁଲିସ କିଛି କାଗଜପତ୍ର ଜବତ କରିଥିବା ଜଣାପଡିଛି।

**AFFIDAVIT**

By virtue of an affidavit Sl. No. 378, dtd. 24.06.2025 before the Notary, Bhubaneswar, I, Bijoy Kumar Beura resident of At/Po-Kusupangi, Ps-Dampara, Dist,-Cuttack, Pin-754007, Odisha I have changed my name from Bijay Kumar Beura to Bijoy Kumar Beura for all purposes.
**Sd/- Bijoy Kumar Beura**

**AFFIDAVIT**

By virtue of an affidavit Sl. No. 379, dtd. 24.06.2025 before the Notary, Bhubaneswar, I, Dhiren kumar Nayak Resident of At-Karnadandi, Po-Mangalpur, Ps-Dasarathpur, Dist-Jajpur, Pin-755011, Odisha have changed my name from Diran Kumar Nayak to Dhiren Kumar Nayak for all purposes.
**Sd/- Dhiren Kumar Nayak**

**AFFIDAVIT**

By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar, I Srabana Kumar Naik Resident of At-Ganikumpa, Po-Podasahi, Ps- Banigochha, Dist-Nayagarh, Pin-752089, Odisha I have changed my name from Mana Sahu to Srabana Kumar Naik for all purposes.
**Sd/- Srabana Kumar Naik**

**AFFIDAVIT**

By virtue of an affidavit Sl. No. 780, dtd. 24.06.2025 before the Notary, Bhubaneswar, I Brajabandhu Das Resident of At/Po- Badaninigoan Ps.Balanga, Dist.- Puri, Pin-752121, Odisha have changed my name from Khuka Das to Brajabandhu Das for all purposes.
**Sd/- Brajabandhu Das**

**NOTICE FOR MINOR**

By virtue of an affidavit sworn before Executive Magistrate, Bhadrak, affidavit No - 5786, Dated - 06.06.2025, I, Sudam Bhuin, Vill - Jalanga (Canal Road), Po - Jalanga, Ps - Bhadrak (R), Dist - Bhadrak, Pin -756181 declare that I have Changed the name of my daughter from Sukanya Bhuin to SUSHREE SUKANYA. Henceforth, She shall be known as **SUSHREE SUKANYA** for all purpose.
**Sudam Bhuin**

**AFFIDAVIT**

I, Amit Mishra, H/o Lipika Dewangan, Resident of Plot No.: 3257/1, Chakeisihani, PO.: Rasulgarh, P.S.: Mancheswar, Dist.: Khorda, Bhubaneswar, Odisha, PIN-751010, declare by this affidavit No.: 1407 dated 23.07.2025 that now onwards I shall be known as **AMIT KUMAR MISHRA** for all future purposes.

**AFFIDAVIT**

I Aischarya Rajlaxmi Mahananda (40), residence of Mandal,ps.Belpara Dist.Balangir,hereby declare that I have changed my name from **Aischarya Rajlaxmi Mahananda** to **Aischarya Rajlaxmi Nanda** vide affidavit no.2375 dated 21.07.2025 before Executive Magistrate Balangir. Hence i will known as **Aischarya Rajlaxmi Nanda** for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar on Dt-23/07/2025 I, mahalaxmi Madil,W/o- Narasingh Madil, At- Tulasi Basti, Near Delta UP School, Unit-8, Baramunda Colony PO- Baramunda, PS-Khandagiri, Bhubanewswar, Dist.- Khordha, Pin- 751003 declare that I have changed my minor daughter's name from Madil Sakshi to M Sai Vaishnavi. Henceforth, she will be known as **M SAI VAISHNAVI** for all purposes.
**MAHALAXMI MADIL**

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 24/07/2025. I, **Rupadhar Bag,** S/o- Kadam Bag, permanent & current resident of At- Menakamunda, Po- Chhindeikela, Dist-Bargarh, PIN- 768050, Odisha declare that I have changed my minor son's name from **Khageswar Bag** (old name) To **Khudaraj Bag** (new name). Henceforth, he shall be known as **Khudaraj Bag** (new name) for all future purposes.
**Rupadhar Bag**

OFFICE OF THE MUNICIPAL COUNCIL: KEONJHARGARH C-740
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-12/2025-26
Letter No. 5281/KGM/Date 23.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work & Electrical Work.**
2- No of Work- 14 **Nos**
3-Value of works: Rs. **4,65,877 /- to 38,10,600/-**
4-Date & Time of availability of Bid document in the portal:
From. **25.07.2025** at 11.00 A.M. up to **05.08.2025** at 5.30 P.M.
5-Date of Opening of bid in portal. **06.08.2025** at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality
Further details can be seen from Website: www.tendersorissa.gov.in

Executive Officer
Keonjhargarh Municipality

OIPR-13115/11/0044/2526

OFFICE OF THE PANCHAYAT SAMITI: RAMNAGUDA i-236
DIST- RAYAGADA
INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- RAM No. 01 of 2025-26

1) The Block Development Officer, Ramnaguda, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) Estimated Cost: Rs.12.28 lakhs to Rs.15.52 lakhs
3) No. of works: 06(Six) No.
4) Cost of Tender paper: Rs. 6000/-(Rupees Six Thousand)only for each work
5) Class of Contractor: " D & C" Class
6) Date of Time of available in web site & receipt online: 11:00 Hrs. of 28.07.2025 to 17.00 Hrs. of 11.08.2025
7) Date of opening of Technical Bid: 11:30 Hrs. of 13.08.2025
8) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
9) Any Corrigendum/Addendum will be displayed in the website https://tendersodisha.gov.in only

Block Development Officer
Ramnaguda

OIPR-19043/11/0003/2526

GOVERNMENT OF ODISHA O-478
OFFICE OF THE EXECUTIVE ENGINEER,
RWS&S DIVISION, MALKANGIRI
E-mail - eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING

**Bid Identification No: RWSS_MKG_ONLINE_02/2025-26 DATED: - 21.07.2025**

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways/ Registered Firm for the works detailed in the table below to be eventually drawn up in P-1 contract.

1 Name of the Work: Supply, installation, testing and commissioning of Solar energy based PWS with 5000 litter capacity HDPE storage tank with a staging height of 3 mts including 5 years O&M at different Schools & AWC in Malkangiri District (As detailed in TCN)
2 No. of Works: **07 Nos.**
3 Estimated Cost: **₹.20.39 Lakhs to ₹.30.59 Lakhs**
4 Tender Paper Cost: ₹.6000/- each
5 Class of Contractor: C / B / Registered Firm
6 Period of Completion: 03 (Three) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_02 of 2025-26** | **28.07.2025 at 09.00 Hours** | **06.08.2025 up to 17.00 Hours** | **04.08.2025** | **07.08.2025 At 11.00 Hours** |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Superintending Engineer
RWS&S Division, Malkangiri

OIPR-25044/11/0017/2526

**AFFIDAVIT**

By virtue of an affidavit sworn before Executive Magistrate, Gop, dated 21/07/2025, I Sanjay Kumar Sahoo, At- Kharagaon, Po-Junei, Ps- Konark, Dist- Puri, Pin- 752111 declare that, I have changed the name of my son from Sahikrishana Sahoo to Sai Krishna Sahoo. Henceforth, he shall be known as **Sai Krishna Sahoo** for all purposes.
**Sd/- Sanjay Kumar Sahoo**

**AFFIDAVIT**

By virtue of an affidavit No.2054, Dtd.03.06.2025 sworn before the Executive Magistrate, Bhogarai I, Ranjan Behera, S/o. Late Bikram Behera, At. Kulida , Po. Madhupur, Ps. Kamarda, Dist. Balasore, Odisha, declare that unfortunately my son name spelling as Depak Kumar Behera instead of correct spelling Dipak Kumar Behera in his Adhar card no. 907042290286 . Henceforth, he will be known as **Dipak Kumar Behera** for all purposes.

**AFFIDAVIT**

I, Akhila Kumar Dash, S/o- Laxmidhar Das, aged about 54 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-221, dated- 23.07.2025 before Notary Public Bhubaneswar, that onwards I shall be known as Akhila Kumar Das for all purposes.
**Sd- Akhila Kumar Das**

**AFFIDAVIT**

I, Shaikh Sahebjan Uddin, aged about 42 years, S/o- Nazir Uddin Shaikh. resident of Village- Biritol, PO- Rasulpur, Via- Naliber, PS- Tirtol, Dist- Jagatsinghpur, PIN- 754104, Odisha declared by this affidavit No. 1125, dtd- 18/07/2025 that now onwards I shall be known as **SK SAHEBJAN UDDIN,** S/o - SK Najir Uddin for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, dtd. 04/03/2025, I Pradosha Kumar Swain, S/o Pramoda Kumar Swain, resident of At/Po.-Rajas, PS- Balipatana, Dist.- Khordha, Odisha- 752114 declare that I have changed my name from **Pradosh Kumar Swain to Pradosha Kumar Swain.** Henceforth I shall be known as **Pradosha Kumar Swain** for all purposes.
**Pradosha Kumar Swain**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 23/07/2025. I, **Pinki Jal @ Tandi,** W/o Jugal Jal, D/o Late Pada Tandi, Permanent resident of At- Kumuda, P.O. Sihini, P.S. Titilagarh, Dist- Balangir, (Odisha), PIN- 767066, current residing of Village- Railway Colony, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor son's name from **Amit Jal** (old name) to **Rajesh Jal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rajesh Jal** (new name).

**AFFIDAVIT**

I, Prahallad Nayak, aged about 50 years, S/o- Late Jhulan Nayak, resident of At- Udayapatana, Po- Sankhachila, Ps- Panikoili, Dist- Jajpur, Pin- 755015, Odisha declare by this affidavit No. 1437, dtd- 24/07/2025, that now onwards I shall be known as **PRAHALAD NAYAK** for all future purposes.

**AFFIDAVIT**

By virtue of an affidavit No- 4798 sworn before the Executive Magistrate, Champua on dated- 21/07/2025. I, **Radhika Mahakud** (new name), Address: Vill/Po- Kandara, PS - Joda, Dist- Keonjhar, PIN- 758047, Odisha declare that I have changed my name from **Pramila Mahakud** (old name) To **Radhika Mahakud** (new name). Henceforth, I shall be known as **Radhika Mahakud** (new name) for all future purposes.
**Radhika Mahakud**

**AFFIDAVIT**

By virtue of an affidavit sworn before Executive Magistrate, Khordha dated 24.07.2025, I, Kulsan Begum Kulsan Begum (42 years), W/o- Besarat Khan of Vill.- Dibyasingh Prasad, PO.- Kerang, PS/Dist.- Khordha, Aadhaar No. 5582 8596 7251 declare that, I have changed my name from **Gulshan Bibi** to **Kulsan Begam**. Henceforth I shall be known as **Kulsan Begum** for all purposes.

**AFFIDAVIT**

I, Rama Murmu, S/o- Late Hambhir Murmu, resident of Village- Sikarghati, Po- Rajabasa, Ps-Baripada Sadar, Dist-Mayurbhanj, Pin-757107, Odisha, declare by this affidavit No.4395 Dated 21.07.2025 that now onwards I, shall be known as Rama Murmu for all future purposes.
**Rama Murmu**

**AFFIDAVIT**

By virtue of an affidavit No. 1457/25, dtd. 23.07.2025 before the Executive Magistrate, Malkangiri, I, Nanda Madkami, have changed my minor daughter's name from Saberi Madkami to Sunita Madkami. Henceforth she will be known as Sunita Madkami for all purposes.
**Sd/- Nanda Madkami**

**AFFIDAVIT**

I Amulya Barik, S/o-Kameswar Barik of Village/Po-Geltua, Ps- Bhadrak(R), Dist-Bhadrak, Odisha, Pin-756181, declare by this affidavit No.7081 dt.16.07.2025 that now onwards my daughter name wrongly mentioned as Aadhar card bearing No.3937 8047 9501 "Mamuni Barik". I shall be known as "Smruti Swagatika Barik" of Village-Geltua, Po-Geltua, Ps- Bhadrak(R), Dist-Bhadrak, Pin- 756181 for all future purposes.

**AFFIDAVIT**

By virtue of an affidavit No.2685, Dtd.22.07.2025 sworn before the Executive Magistrate, Bhogarai I, Jainur Bibi, W/o. Sk. Khursed , At. Panisandha, Po. Sukhasandha Patna, Ps. Bhogarai, Dist. Balasore, Odisha, declare that unfortunately my son name spelling as Sk Kaiyan instead of correct spelling Sekh Kaiyan in his Adhar card no. 363196317164. Henceforth, he will be known as **Sekh Kaiyan** for all purposes.

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Malkangiri, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
**Sd/- Surendra Harijan**

**AFFIDAVIT**

By virtue of an affidavit before the Notary Public, Jeypore, Koraput, I, SWARNALATA BEHERA, W/o- Late Niladri Panigrahy, resident of Post Office Road, Po/ PS / Dt- Koraput, Odisha -764 020, Odisha declare by this Affidavit No.3323, Dated - 23/07/2025, that now onwards I shall be known as **SWARNALATA PANIGRAHI** for all future purpose.

**AFFIDAVIT**

I, Diptirekha Dash, D/o- Hrudananda Singha Samanta, W/o- Akhila Kumar Das, aged about 52 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-222, dated- 24.07.2025 before Notary Public Bhubaneswar, that onwards I shall be known as Diptirekha Das for all purposes.
**Sd- Diptirekha Das**

**AFFIDAVIT**

By virtue of an affidavit before the Notary Public, Jeypore, Koraput, I GULAB CHAND JAIN, S/o- BABULAL JAIN resident of Main Road, Po/Ps/Dt- Malkangiri , Odisha - 764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as **GULAB JAIN** for all future purpose.

## ବେଫିକର ବନ ବିଭାଗ; ଦିନକୁ ଦିନ ବୃଦ୍ଧି ପାଉଛି ଶିକାର

# ୩ ବର୍ଷରେ ଯାଇଛି ୫୩ ବନ୍ୟଜନ୍ତୁଙ୍କ ଜୀବନ

ନୟାଗଡ଼,୨୪ା୭ (ସମିସ)

ନୟାଗଡ଼ ଜିଲ୍ଲାରେ ବନ୍ୟଜନ୍ତୁ ଅସୁରକ୍ଷିତ। ନୟାଗଡ଼ରୁ ଏସ୍‌ଟିଏଫ୍ ଦ୍ୱାରା ବିଗତ ୩ ବର୍ଷ ମଧ୍ୟରେ ଅନେକ କଲରାପତରିଆ ବାଘ ଛାଲ ଜବତ ହେବା ଘଟଣା ଜିଲ୍ଲାବାସୀଙ୍କୁ ଆନ୍ଦୋଳିତ କରୁଛି। ନୟାଗଡ଼ ଜିଲ୍ଲାରେ ୩ଟି ବନଖଣ୍ଡ କାର୍ଯ୍ୟ କରୁଛି। ଖୋର୍ଦ୍ଧା ବନଖଣ୍ଡ



ଅଧୀନରେ ରଣପୁର ବନାଞ୍ଚଳ ରହିଥିବାବେଳେ ନୟାଗଡ଼ ବନଖଣ୍ଡ ଏବଂ ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍‌ରୁ ଅନେକ ଶିକାର ହେଉଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ଦାୟିତ୍ୱରେ କ୍ଷମା ଷଡ଼ଙ୍ଗୀ କାର୍ଯ୍ୟରତ ରହିଛନ୍ତି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସ୍ୱାମୀ ଫାଲ୍‌ଗୁନି ସାରଥି ମଲ୍ଲିକ କାର୍ଯ୍ୟ କରୁଛନ୍ତି। ଉଭୟ ପତି ଓ ପତ୍ନୀଙ୍କ ଅଧୀନରେ ନୟାଗଡ଼ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା ରହିଥିବାବେଳେ ଲଗାତର ଭାବେ ବନ୍ୟଜନ୍ତୁ ଶିକାର ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ହୋଇଥିବା କଲରାପତରିଆ ବାଘ ମୃତ୍ୟୁରେ ବନ କର୍ମଚାରୀଙ୍କୁ ସୁରକ୍ଷା ଦିଆଯାଇ ଘଣ୍ଟା ଘୋଡ଼ାଯାଇଛି। ଗୁରୁବାର ଏସ୍‌ଟିଏଫ୍ ପକ୍ଷରୁ ବାଣିଗୋଛା ଅଞ୍ଚଳର ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ

### ବାରମ୍ବାର ଏସ୍‌ଟିଏଫ୍ ଜବତ କରୁଛି ବାଘ ଛାଲ

କରାଯିବା ସହ ବାଘ ଛାଲ ଜବତ କରାଯିବା ଘଟଣା ସାମ୍ନାକୁ ଆସିଛି। ବିଗତ ୩ ବର୍ଷ ମଧ୍ୟରେ ଏଭଳି ଅନେକ ବାଘ ଛାଲ ଏସ୍‌ଟିଏଫ୍ ଜବତ କରିଛି। ଏସ୍‌ଟିଏଫ୍ ବାଣିଗୋଛା ଅଞ୍ଚଳର ରାଜେଶ ନାୟକ ଓ ଗଙ୍ଗାଧର ନାୟକଙ୍କୁ ଗିରଫ କରିଛି। ବାଣିଗୋଛା ଜଙ୍ଗଲରେ ଶିକାର କରି ଏହି ବାଘ ଛାଲକୁ ଇନ୍‌ଫୋଭ୍ୟାଲି ଅଞ୍ଚଳରେ ବିକ୍ରି ପାଇଁ ସେମାନେ ଡିଲ୍ କରୁଥିଲେ। ବାଘ ଛାଲ ବିକ୍ରିବେଳେ ଦୁଇ ଜଣଙ୍କୁ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିବା ସହ ଏକ କଲରାପତରିଆ ବାଘ ଛାଲ ଜବତ କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ବାଣିଗୋଛା ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଦାୟିତ୍ୱରେ ଥିବା ଅଧିକାରୀ ଓ ବନ କର୍ମଚାରୀ ଏହାର ଟିକେ ବି ସୁରାକ୍ ପାଇ ନ ଥିବାବେଳେ ଏସଟିଏଫ୍ ଏହି ଘଟଣା ସାମ୍ନାକୁ ଆଣିବା ବନ କର୍ମଚାରୀଙ୍କ ପାରିବାପଣିଆକୁ ପଦାରେ ପକାଇଛି। କାହିଁକି ବନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏଠାରେ ପ୍ରକାଶଯୋଗ୍ୟ, ନୟାଗଡ଼ ବନଖଣ୍ଡରେ ଗତ ୩ ବର୍ଷରେ ବିଭିନ୍ନ କାରଣରୁ ମୋଟ୍ ୫୩ ବନ୍ୟଜନ୍ତୁଙ୍କ ଜୀବନ ଯାଇଛି। ସରକାରୀ ଭାବେ ସଂଖ୍ୟା ଏତିକି ହୋଇଥିବାବେଳେ ବେସରକକାରୀ ଭାବେ ଏହି ସଂଖ୍ୟା ୫ଶହରୁ ଊର୍ଦ୍ଧ୍ୱ ବୋଲି ଅନୁମାନ କରାଯାଉଛି। ୨୦୨୨-୨୩ରେ ୯ ବନ୍ୟଜନ୍ତୁଙ୍କର ମୃତ୍ୟୁ ହୋଇଛି। ୨୦୨୩-୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇ ବନ୍ୟଜନ୍ତୁଙ୍କ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି। ୨୦୨୪-୨୫ ଏହି ସଂଖ୍ୟା ବୃଦ୍ଧି ପାଇଁ ୨୭ରେ ପହଞ୍ଚିଛି। ମାଳମାଳ କର୍ମଚାରୀ, ଶତାଧିକ ସ୍କ୍ୱାଡ୍ ନିଯୁକ୍ତ କରାଯାଉଥିବା ବେଳେ ଜିଲ୍ଲାରେ ବନ୍ୟଜନ୍ତୁ ଶିକାର କମିବା ପରିବର୍ତ୍ତେ ବୃଦ୍ଧି ପାଇଚାଲିଛି।

### ବଦଳିଲେ ଦୁଇ ବନଖଣ୍ଡ ଅଧିକାରୀ

ନୟାଗଡ଼ ଜିଲ୍ଲାରେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଏବଂ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ଗୁରୁବାର ବଦଳି ହୋଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଏବଂ ତାଙ୍କ ସ୍ୱାମୀ ତଥା ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍ ଫାଲ୍‌ଗୁନି ସାରଥି ମଲ୍ଲିକଙ୍କ ପିସିସିଏଫ୍ ଅଫିସକୁ ବଦଳି ହୋଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ଭାବେ କୁଚିଣ୍ଡା କେନ୍ଦୁଲିପି ଡିଏଫ୍‌ଓ ଦେବର୍ଚ୍ଚନା ବେହେରାଙ୍କୁ ଦାୟିତ୍ୱ ମିଳିଥିବାବେଳେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଭାବେ ଅମରେଶ ନାଥ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ୧୮୩୮୮ ଅନୁସାରେ ଏହା ଜଣାପଡ଼ିଛି।

## ଦୁଇ ସହକାରୀ ବନ ସଂରକ୍ଷକଙ୍କ ଛାନ୍‌ଭିନ୍

### ରେଞ୍ଜ ଅଫିସରେ ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି ଘଟଣା

ନୟାଗଡ଼: ନୟାଗଡ଼ ରେଞ୍ଜ ଅଫିସରେ ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପିସିସିଏଫ୍‌ଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଗୁରୁବାର ନୟାଗଡ଼ ବନଖଣ୍ଡର ଦୁଇ ସହକାରୀ ବନସଂରକ୍ଷକ ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଛାନ୍‌ଭିନ୍ କରିଛନ୍ତି। ସହକାରୀ ବନ ସଂରକ୍ଷକ ହିମାଂଶୁ ମୁଦୁଲି ଓ ସତ୍ୟଜିତ୍ କର ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଥିବାବେଳେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ହଡ଼ବଡ଼େଇ ଯାଇଥିଲେ। ତଦନ୍ତ ଘଟଣାକୁ ଏସିଏଫ୍‌ଓ ହିମାଂଶୁ ମୁଦୁଲି ଅସ୍ୱୀକାର କରିଥିବାବେଳେ ଶ୍ରୀ କର କିନ୍ତୁ ଚୁପ୍ ରହିଥିଲେ। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ନୟାଗଡ଼ ବନାଞ୍ଚଳ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଫର୍ଣ୍ଣିଚର କାମ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ବନାଞ୍ଚଳ କାର୍ଯ୍ୟାଳୟ ପଛ ପାଖରେ କିଛି କାଠମିସ୍ତ୍ରିଙ୍କୁ ଧରି ଏଭଳି କାରନାମା ଚାଲିଥିଲା। ନୟାଗଡ଼ ରେଞ୍ଜର ଅଶୋକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାଠ କାମ ଚାଲିଥିଲା। ଦୀର୍ଘଦିନ ଧରି ଏଠାରେ କାର୍ଯ୍ୟ ଚାଲୁଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଦେଖାଯାଇଥିଲା। କବାଟ, ଝରକା, ଡାଇନିଂ ସେଟ୍, ବକ୍ସ ଖଟ ପ୍ରଭୃତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଦୁଇଟି ସଟର ରୁମ୍ ତଥା ପୁରୁଣା ଗ୍ୟାରେଜ୍ ଘରେ ବ୍ୟାପକ ପରିମାଣର କାଠ ପଟା ମହଜୁଦ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଦୀର୍ଘ ୪ ମାସ ହେଲା ଏଠାରେ କାଠ ଆସବାବପତ୍ର ନିର୍ମାଣ କରାଯାଉଛି। ଏହି ଆସବାବପତ୍ରକୁ ବନ ବିଭାଗ ବରିଷ୍ଠ ଅଧିକାରୀଙ୍କ ଘରକୁ ପଠାଯାଉଛି। ଦାମୀ କାଠରେ ଖଟ ଏବଂ ଡାଇନିଂ ସେଟ୍ ନିର୍ମାଣ କରି କିଛି ବନ କର୍ମଚାରୀ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବନାଞ୍ଚଳ ଅଧିକାରୀ ଏହାକୁ ହଟାଇଦେବା ସହ ପ୍ରମାଣ ନଷ୍ଟ କରି ଦେଇଥିବା ଦେଖାଯାଇଛି। ଉକ୍ତ ସ୍ଥାନରେ ଗଦା ହୋଇ ରହିଥିବା କାଠଗୁଣ୍ଡିଗୁଡ଼ିକ ସେଠାରୁ ସଫା

- ଜଣେ ମନାକଲେ, ଅନ୍ୟ ଜଣେ ଚୁପ ରହିଲେ
- ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ହଡ଼ବଡ଼େଇ ଗଲେ
- ପ୍ରମାଣ ନଷ୍ଟ ସହ ଆସବାବପତ୍ର ହଟାଇଲେ ରେଞ୍ଜର

ହୋଇଯାଇଥିବା ବେଳେ କାଠ କାରିଗରଙ୍କ ନିର୍ମାଣ ସାମଗ୍ରୀକୁ ଏକ ଘର ଭିତରେ ଲୁଚାଇ ରଖାଯାଇଛି। କାଠ ସାମଗ୍ରୀ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଦୁଇଟି ବେଞ୍ଚ ମଧ୍ୟରୁ ଗୋଟିକୁ ପାଲ ଘୋଡ଼ାଇ ରଖାଯିବା ସହ ଅନେକ ମୂଲ୍ୟବାନ କାଠ ସେଠାରୁ ହଟାଇ ଦିଆଯାଇଛି। ବନଖଣ୍ଡ ଅଧିକାରୀଙ୍କୁ ଅନୁମତି ଆଳରେ ପାଖାପାଖି ୫୦ ଲକ୍ଷ ଟଙ୍କାର ଆସବାବପତ୍ର ସେଠାରେ ନିର୍ମାଣ କରାଯାଇଥିବା ଅନୁମାନ ହେଉଛି।

## ବଜ୍ରପାତରେ ଚାଲିଗଲା ଦୁଇ ଜୀବନ

ନୟାଗଡ଼,୨୪ା୭ (ସମିସ): ବୁଧବାର ଅପରାହ୍ଣରେ ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୩ଟି ଜୀବନ ଯାଇଛି। ଶରଣକୁଳ ଶିଖରପୁର ଗ୍ରାମର ସୁଦର୍ଶନ ପଲେଇଙ୍କ ମୃତ୍ୟୁ ଘଟଣା ବୁଧବାର ସାମ୍ନାକୁ ଆସିଥିବାବେଳେ ଗୁରୁବାର ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେମାନ ହେଲେ ନୟାଗଡ଼ ସଦର ଥାନା ଅନ୍ତର୍ଗତ କୋସ୍କା ଗ୍ରାମର ବଂଶୀଧର ସାହୁ ଏବଂ ଅନ୍ୟ ଜଣେ ଓଡ଼ଗାଁ ଥାନା ଡହଙ୍ଗି ଗ୍ରାମର ଅପର୍ତ୍ତି ନାୟକ। ବଂଶୀଧର ବୁଧବାର ଅପରାହ୍ଣରେ ନିଜ ଚାଷଜମିକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ରାତିରେ ଚାଷଜମିରୁ ବଂଶୀଧରଙ୍କ ଶବ ଉଦ୍ଧାର କରାଯାଇଥିଲା। ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିଭଳି ଅପର୍ତ୍ତୀ ମଧ୍ୟ ନିଜ ଚାଷଜମିରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ଓଡ଼ଗାଁ,୨୪ା୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଞ୍ଚଳରୁ ଏକ ନାବାଳିକା ଅପହରଣ ମାମଲାରେ ଓଡ଼ଗାଁ ପୁଲିସ ରାବରା ସ୍କୁଲ ସାହିର ନବ କୁମାର ସାମଲଙ୍କୁ ଗିରଫ କରିଛି। ଗତ ଜୁନ୍ ୧୮ ତାରିଖ ଅପରାହ୍ଣରେ ଆରଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାକୁ ଗାଁ ମୁଣ୍ଡରୁ କେହି ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ମା' ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାର ଫୋନ୍ ଟ୍ରାକିଂ କରିବା ସମୟରେ ନାବାଳିକା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅଧୀନରେ ଥିବା ଡିହପାହାଡ଼ରେ ଥିବା ଜଣାପଡ଼ିଥିଲା। ଓଡ଼ଗାଁ ଥାନା ଇନ୍ସପେକ୍ଟର ଅଭୟ ବେହେରା ଏସ୍‌ଆଇ ଚକ୍ରଧର ସିଂଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଗଠନ କରି ପୀଡ଼ିତାକୁ ଉଦ୍ଧାର କରିବା ପାଇଁ ହିଞ୍ଜିଳିକାଟୁ ପଠାଇଥିଲେ। ଓଡ଼ଗାଁ ପୁଲିସ ହିଞ୍ଜିଳିକାଟୁରେ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ଗୋଟିଏ ବଖରିକିଆ ଆଜ୍‌ବେଷ୍ଟସ ଘରୁ ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣକାରୀ ନବକୁ ନିଜ ହେପାଜତକୁ ଆଣିଥିଲେ। ଓଡ଼ଗାଁରେ ପହଞ୍ଚିବା ପରେ ପଚରାଉଚରା ବେଳେ ବିବାହର ପ୍ରତିଶ୍ରୁତି ଦେଇ ନବ ଅପହରଣ କରି ନେଇଯାଇଥିବା ପୀଡ଼ିତା ତାଙ୍କ ବୟାନ ରେକର୍ଡ ସମୟରେ ପୁଲିସକୁ କହିଥିଲେ।

## ସୌମ୍ୟାଶ୍ରୀଙ୍କ ନିମନ୍ତେ ନିରବ ପ୍ରାର୍ଥନା ଓ ଦୀପଦାନ

ନୟାଗଡ଼,୨୪ା୭ (ସମିସ): ରାଜ୍ୟରେ ବିଜେପି ଦଳ କ୍ଷମତାସୀନ ହେବା ପରେ ନାରୀ ଦୁଷ୍କର୍ମ, ନାବାଳିକା ଅପହରଣ ଓ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କରିଛି ଏବଂ ଏହି ଧାରା ଏବେ ବି ଜାରି ରହିଛି। କଂଗ୍ରେସ ଦଳ ସର୍ବଦା ନାରୀ ନ୍ୟାୟ ପାଇଁ ତା'ର ଉଦ୍ୟମ ଅବ୍ୟାହତ ରଖିଛି। ଏଥିପାଇଁ ସଂସଦରୁ ସଡ଼କ ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ କରିଆସୁଛି। ସବୁଠାରୁ ସ୍ପର୍ଶକାତର ଏବଂ ନିନ୍ଦନୀୟ ଘଟଣା ହେଉଛି ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ। ନ୍ୟାୟ ପାଇବାରେ ବିଫଳ ହୋଇ ଶେଷରେ ଆତ୍ମହତ୍ୟା କରିବା ସରକାରଙ୍କ ସମସ୍ତ ବିଫଳତାକୁ ପଦାରେ ପକାଇଛି। ଏ ସମ୍ପର୍କରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିଷ୍ପତ୍ତି ଅନୁଯାୟୀ, ଏଫ୍‌ଏମ୍ ପୀଡ଼ିତାକୁ ନ୍ୟାୟ ଦାବିରେ ଏବଂ ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ



ନେତୃତ୍ୱରେ ଦକ୍ଷିଣକାଳୀ ମନ୍ଦିର ସମ୍ମୁଖ, ନୟାଗଡ଼ ମହିଳା କଲେଜ, ସ୍କୁଲରେ ଥିବା ଛାତ୍ରଛାତ୍ରୀ ଓ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଗୁରୁବାର ସକାଳେ ନିରବ ପ୍ରାର୍ଥନା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ କାର୍ଯ୍ୟକର୍ତ୍ତା ପୂର୍ବତନ ଜିଲ୍ଲା ସଭାପତି ରଣଜିତ୍ ଦାଶ, ପିସିସି ସଭ୍ୟ ହୁସେନ୍ ଖାଁ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ଉମେଶ ପଟ୍ଟନାୟକ, ବାଳକୃଷ୍ଣ ଷଡ଼ଙ୍ଗୀ, ମିର୍ ଅବୁବକର ସିଦ୍ଦିକି, ପ୍ରକାଶ ଚନ୍ଦ୍ର ନାୟକ, ପୂର୍ବତନ ଛାତ୍ର କଂଗ୍ରେସ ରାଜ୍ୟ ସମ୍ପାଦକ ଅନିଲ ଛୁଆଳସିଂହ, ଜିତେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାୟକ, ନବକିଶୋର ସାଠୁଆ, ଅନ୍ତର୍ଯ୍ୟାମୀ ସାହୁ, ପ୍ରଦ୍ୟୁମ୍ନ ସାହୁ, ଉପେନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ବିଶ୍ୱାଳ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, କଲେଜ ଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ଦିବଂଗତ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଚାଷୀ ପାଳିଲେ ଚିତାଲାଗି ଅମାବାସ୍ୟା

ଖଣ୍ଡପଡ଼ା,୨୪ା୭ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟାରେ ଗୁରୁବାର ଖଣ୍ଡପଡ଼ା ଅଞ୍ଚଳର ସମସ୍ତ ଚାଷୀକୂଳ ଚଳଚଞ୍ଚଳ ହେବା ସହ ସକାଳୁ ଉଠି ସ୍ନାନ କରି ଚିତଉ ପିଠା, କ୍ଷୀର, ଅରୁଆ ଚାଉଳ, ଧୂପ, ଫୁଲ ଆଦି ପୂଜା ସାମଗ୍ରୀ ନେଇ ନିଜ କ୍ଷେତରେ ପୂଜାର୍ଚ୍ଚନା କରିବାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ବିଧି ଅନୁଯାୟୀ କ୍ଷେତରେ ଥିବା ଗେଣ୍ଡା, ଶାମୁକାଙ୍କ ଉଦ୍ଦେଶ୍ୟରେ ପଣା ମଧ୍ୟ ଦିଆଯାଇଛି। ଏହା କରିବା ଦ୍ୱାରା ଜମିରେ ଚାଷୀଟିଏ କାମ କରୁଥିବାବେଳେ ଜୀବଜନ୍ତୁମାନେ ଆଘାତ କରନ୍ତି



ନାହିଁ ବୋଲି ବିଶ୍ୱାସ କରାଯାଏ। ଖାସ୍ କରି ପୂଜା ହୋଇଥିବା ଚିତଉ ପିଠାକୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଦିଆଯାଏ ବୋଲି ଏହାକୁ କେତେକ ଅଞ୍ଚଳରେ ଗେଣ୍ଡାକଟା ଅମାବାସ୍ୟା ବୋଲି କୁହାଯାଏ। ଓଡ଼ିଶା ହେଉଛି ଏକ କୃଷି ପ୍ରଧାନ ରାଜ୍ୟ। ଏଠି କିଛି ନିର୍ଦ୍ଦିଷ୍ଟ ପର୍ବପର୍ବାଣୀ କୃଷି ଓ କୃଷକ ସହ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇ ରହିଛି। ତନ୍ମଧ୍ୟରୁ ଚିତଉ ଅମାବାସ୍ୟା ଅନ୍ୟତମ। ଶ୍ରାବଣ ଅମାବାସ୍ୟାକୁ ଓଡ଼ିଶାର ଚିତାଲାଗି ଅମାବାସ୍ୟା ବୋଲି କୁହାଯାଏ। ଓଡ଼ିଆ ଭାଷାରେ ଚିତାଲାଗି ହେବା କ୍ରିୟାର ଅର୍ଥ "ଦେହରେ ଚନ୍ଦନ ବୋଲି ହେବା' କିନ୍ତୁ ଶ୍ରୀମନ୍ଦିରରେ ସ୍ନାନପୂର୍ଣ୍ଣିମା ରାତିରେ ତିନି ଠାକୁରଙ୍କୁ ଅଣସର ଘରେ ଯେଉଁ ରତ୍ନ ଅଳଙ୍କାର ବିଶେଷ ହୀରା, ନୀଳା ଓ ମାଣିକ୍ୟ ଚିତାଲାଗି ହୋଇଥାଏ ତାହା ଆଜିର ଦିନରେ ଲାଗି ହେଉଥିବାରୁ ଶ୍ରାବଣ ଅମାବାସ୍ୟାର ନାମକରଣ ଚିତାଲାଗି ଅମାବାସ୍ୟା ହୋଇଛି।

## ହୋଟେଲ ଓ ଢାବାରେ ଘରୋଇ ଗ୍ୟାସ୍ ବହୁଳ ବ୍ୟବହାର

ଖଣ୍ଡପଡ଼ା,୨୪ା୭ (ସମିସ): ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ଅପାରଗତା ଓ ସ୍ଥାଣୁତା ପାଇଁ ଖଣ୍ଡପଡ଼ା ସହର ସମେତ କଣ୍ଟିଲୋ, ସିଧାମୂଳା, ଖଳିସାହି, ବାହାଡ଼ା ଓ ଆଖପାଖ ଅଞ୍ଚଳରେ ଅବସ୍ଥିତ ହୋଟେଲ, ଜଳଖିଆ ଦୋକାନ ଓ ଢାବାଗୁଡ଼ିକରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ନଜରକୁ ଆସୁଛି। ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନ ସମେତ ଫାଷ୍ଟଫୁଡ୍ ଓ ଚା' ଦୋକାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବେଫିକର ଭାବେ ବ୍ୟବହୃତ ହେଉଥିବା ଜଣାପଡ଼ିଛି। ବିଭିନ୍ନ ଗ୍ୟାସ୍ ଏଜେନ୍ସି ସଂସ୍ଥାର କର୍ମଚାରୀ ବ୍ୟବସାୟୀଙ୍କଠାରୁ ଗ୍ୟାସ୍ ସିଲିଣ୍ଡର ପିଛା ୨ ଶହରୁ ଅଧିକ ଟଙ୍କା ନେଇ ସେମାନଙ୍କୁ ଏକ ସମୟରେ ଏକାଧିକ ଘରୋଇ ଗ୍ୟାସ୍ ଟାଙ୍କି ଯୋଗାଇ ଦେଉଥିବା ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଫଳରେ ପ୍ରତି ମାସରେ ବିଭିନ୍ନ ଗ୍ୟାସ୍ ଏଜେନ୍ସି ନିକଟରେ ଘରୋଇ ଗ୍ୟାସ୍ ସିଲିଣ୍ଡରର ଅଭାବ ପରିଲକ୍ଷିତ ହେଉଥିବା ଜଣାପଡ଼ିଛି। ଏପରିକି ଜାଳେଣି ଗ୍ୟାସ୍ ବ୍ୟବହାର କରୁଥିବା ଉପଭୋକ୍ତା ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକୀୟ ଗ୍ୟାସ୍ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଯୋଗାଣ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଖଣ୍ଡପଡ଼ା ବ୍ଲକ୍ ଯୋଗାଣ ନିରୀକ୍ଷକ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରୁ ଖସି କର୍ମଚାରୀ ଆହତ

ରଣପୁର,୨୪ା୭ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅଧୀନ ରାଜସୁନାଖଳା ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁର୍କାବାଡ଼ି ଭୋଳେଶ୍ୱର ମନ୍ଦିର ପାଖରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଜାଡୁଥିବାବେଳେ ଅଘଟଣ ଘଟିଛି। ଜଣେ ବିଭାଗୀୟ କର୍ମଚାରୀ ତଳେ ଥିବାବେଳେ ଅନ୍ୟ ଜଣେ କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ଆଘାତ ହେବାରୁ କର୍ମଚାରୀ ଜଣକ ତଳେ କଚାଡ଼ି ହୋଇ ପଡ଼ିଥିଲେ। ଆହତ କର୍ମଚାରୀ ଜଣକ ହେଲେ ରଣପୁର ବ୍ଲକର ସୁର୍କାବାଡ଼ି ପଞ୍ଚାୟତର ଠଣାପଲି ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନ (୪୫)। ତଳେ ପଡ଼ିବା ପରେ ତାଙ୍କର ଗୋଡ଼, ମୁଣ୍ଡରେ ଖୁବ୍ ଜୋର୍‌ରେ ଆଘାତ ହେବାସହ ଗୋଟେ ହାତ ପୋଡ଼ିଯାଇଥିବା ଜଣାପଡ଼ିଥିଲା। ପଡ଼ିବାର



ଅଳ୍ପ ସମୟ ମଧ୍ୟରେ ତୁରନ୍ତ ଅନ୍ୟ କର୍ମଚାରୀଙ୍କ ସହ ଗ୍ରାମର ଯୁବକ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଂକଟପନ୍ନ ଥିବାରୁ ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ବିଦ୍ୟୁତ୍ ବିଭାଗ ତରଫରୁ ଏଭଳି ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଥିଲା। ଏଥିସହ ଆହତ କର୍ମଚାରୀ ସୁବାସଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ତେଣୁ ଏନେଇ ସରକାର ଏବଂ ବିଦ୍ୟୁତ୍ ବିଭାଗ ଦୃଢ଼ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି।

## ବେଆଇନ ଚାଲାଣ ହେଉଛି କରଡ଼ି

ଗଣିଆ,୨୪ା୭ (ସମିସ): ଗ୍ରାମାଞ୍ଚଳରେ ଥିବା ବାଉଁଶବୁଦା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କିଛି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ବାଉଁଶବୁଦାରେ



ପଡୁଥିବାରୁ ବାଉଁଶବୁଦା ଦିନକୁ ଦିନ ହ୍ରାସ ପାଇବ ଏଥିରେ ସନ୍ଦେହ ନାହିଁ। ବେଆଇନ ଭାବେ କରଡ଼ି ଚୋରାଚାଲାଣ ଯୋଗୁଁ ଏହି ବାଉଁଶ ଗଛ ବୃଦ୍ଧିରେ ରୋକ୍ ଲାଗିବା ଆଶଙ୍କା ସୃଷ୍ଟି ହୋଇଛି। ଗଣିଆ ଅଞ୍ଚଳରେ ଏବେ ସକ୍ରିୟ ହୋଇଛନ୍ତି କରଡ଼ି ମାଫିଆ। ବାଉଁଶ ମୂଳରୁ ବାହାରୁଥିବା ଗଜାକୁ କାଟି ନେଇ ତାକୁ ଛୋଟ ଛୋଟ କରି କାଟି କରଡ଼ି ପ୍ରସ୍ତୁତ କରି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କୁ ହାତକରି ମାଫିଆମାନେ ବେଶ୍ ଦି ପଇସା ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି। ଜଙ୍ଗଲରେ ବାଉଁଶବୁଦା ସୃଷ୍ଟି ପାଇଁ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କିଛି ମାଫିଆଙ୍କ ଯୋଗୁଁ ଏହି ବାଉଁଶବୁଦା ହ୍ରାସ ପାଉଛି। ଜଙ୍ଗଲ ଜଗିବା ଲୋକ ହିଁ ଏହାର ସୂତ୍ରଧର ସାଜିଛନ୍ତି। ଏହି କରଡ଼ିର ଚାହିଦା ସହରମାନଙ୍କରେ ଅଧିକ ଥିବାରୁ ଖୁଲମ୍‌ଖୁଲା ବସ୍ ଯୋଗେ ଏହା ଚାଲାଣ କରାଯାଉଛି। ବଜାର ଚାହିଦା ରହୁଥିବାରୁ ମାଫିଆମାନେ ବେଧଡ଼କ ଏହାକୁ ନିଜ ବ୍ୟବସାୟରେ ପରିଣତ କରିସାରିଛନ୍ତି। ହାଟ ବଜାରରେ ମଧ୍ୟ ଏହି କରଡ଼ି ବ୍ୟବସାୟ ଖୁଲମ୍‌ଖୁଲା ଦେଖିବାକୁ ମିଳୁଛି। ଏହି କରଡ଼ି ଯୋଗୁଁ ମୂଲ୍ୟବାନ ବାଉଁଶବୁଦା ଧୀରେ ଧୀରେ ଲୋପ୍ ପାଇବାକୁ ଯାଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଭୁବନେଶ୍ୱର ସ୍ଥାନାନ୍ତର ହେବ ସେଟଲ୍‌ମେଣ୍ଟ କମିଶନ କୋର୍ଟ

# ଓକିଲ ସଂଘ ପକ୍ଷରୁ ଜୋର୍‌ଦାର୍ ପ୍ରତିବାଦ

ନୟାଗଡ଼,୨୪ା୭ (ସମିସ)

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଛି ସେଟଲ୍‌ମେଣ୍ଟ କୋର୍ଟ। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନୋଟିଫିକେସନ ମୁତାବକ ନୟାଗଡ଼ ଜିଲ୍ଲା ସଦର ମହକୁମାରୁ ଜିଲ୍ଲା ସେଟଲ୍‌ମେଣ୍ଟ କମିଶନ କୋର୍ଟ ଭୁବନେଶ୍ୱରକୁ ସ୍ଥାନାନ୍ତର ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏହି ନୋଟିଫିକେସନକୁ ଲୁଚାଇ ରଖିବା କୌତୁହଳ ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଜିଲ୍ଲା ଓକିଲ ସଂଘ ନେତୃତ୍ୱରେ ଏହାର ପ୍ରତିବାଦରେ ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା




ନ୍ୟାୟାଧିଶଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରାରେ ନୟାଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଜିଲ୍ଲାର ଅନ୍ୟ ସମସ୍ତ ଓକିଲ ସଂଘ ଯଥା- ଖଣ୍ଡପଡ଼ା ଓକିଲ ସଂଘ, ରଣପୁର ଓକିଲ ସଂଘ, ଦଶପଲ୍ଲା ଓକିଲ ସଂଘ, ଓଡ଼ଗାଁ ଓକିଲ ସଂଘ, ଭାପୁର ଓକିଲ ସଂଘ, ଜିଲ୍ଲାର ସମସ୍ତ ମୋହରିର ସଂଘ ଏବଂ ନୟାଗଡ଼ ଜିଲ୍ଲାର ଜନସାଧାରଣ ସର୍ବୋପରି ମୋକଦ୍ଦମାର ପକ୍ଷମାନେ ଏହି ପ୍ରତିବାଦରେ ସାମିଲ ଥିଲେ। ଯଦି ନୟାଗଡ଼ରୁ ଉକ୍ତ କମିଶନ କୋର୍ଟ ସ୍ଥାନାନ୍ତରଣ କରାଯାଏ ତେବେ ହଜାର ହଜାର ସଂଖ୍ୟାରେ ବିଚାରାଧୀନ କେସ୍‌ଗୁଡ଼ିକର ପକ୍ଷମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଅଯଥା ଖର୍ଚ୍ଚାନ୍ତ, ସମୟ ଅପଚୟ, ଓକିଲମାନେ କେସ୍ ପରିଚାଳନାରେ ବିଶେଷ ଅସୁବିଧାମାନ ସୃଷ୍ଟି ହେବ। ଏସବୁ ସମସ୍ୟାକୁ ଆଖି ଆଗରେ ରଖି ଓକିଲ ସଂଘ ତରଫରୁ ପ୍ରଦାନ କରାଯାଇଥିବା ଦାବିକୁ ସରକାର ଗ୍ରହଣ କରିବା ଦରକାର। ନଚେତ୍ ଆଗାମୀ ଦିନରେ ଏହା ଏକ ଜନଆନ୍ଦୋଳନରେ ପରିଣତ ହେବ, ଆଉ ଏଥିପାଇଁ ସରକାର ହିଁ ଦାୟୀ ରହିବେ।

ସରକାର ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ସମାଧାନ ସ୍ୱରୂପ ସ୍ଥାନାନ୍ତର ନୋଟିଫିକେସନକୁ ରଦ୍ଦ କରିବାକୁ ଦାବି ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ୍ ଦାଶ, ସମ୍ପାଦକ ସ୍ୱଦେଶ ମିଶ୍ରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଭାପୁର,୨୪ା୭ (ସମିସ): ଜଣେ ଗର୍ଭବତୀ ମହିଳା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଚେକ୍‌ଅପ୍ କରି ମାମୁ ପୁଅ ସହ ବାଇକ୍‌ରେ ବସି ଅଜା ଘରକୁ ଯାଉଥିବା ସମୟରେ ୩ ଜଣ ଯୁବକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ୍, ମୋବାଇଲ୍ ଓ ପର୍ସ ଲୁଟି ନେଇଥିବା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ଇଛାପୁର ଗ୍ରାମର ରଞ୍ଜନ ନାଏକଙ୍କ ସ୍ତ୍ରୀ ସସ୍ମିତା ନାଏକ ନିଜ ମାମୁ ପୁଅ ଆଦିକନ୍ଦ ସାଙ୍ଗରେ ଖଣ୍ଡପଡ଼ା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଫତେଗଡ଼ ପଞ୍ଚାୟତ ନିମାଣୀ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମରେ ଥିବା ଅଜା ଦାଶରଥି ନାଏକଙ୍କ ଘରକୁ ବୁଧବାର ଯାଉଥିଲେ। ଦିନ ୨ଟା ସମୟରେ ଭାଇ-ଭଉଣୀ ଜାମୁସାହି ବଡ଼ସହରା ରାସ୍ତାରେ ବାଇକ୍‌ରେ ଯାଉଥିବା ସମୟରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଭାଇ-ଭଉଣୀଙ୍କ ଗାଡ଼ି ଅଟକାଇ ସସ୍ମିତାଙ୍କ ବେକରୁ ସୁନାଚେନ୍, ପର୍ସ ଓ ମୋବାଇଲ୍ ଲୁଟିନେଇ ଗୋଳାପୋଖରୀ ରାସ୍ତାରେ ପଳାଇଥିଲେ। ଏନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଜାମୁସାହି ବଜାରରେ ଥିବା ଏକ ଦୋକାନ ସିସିଟିଭି ଦେଖି ତଦନ୍ତ ଚାଲୁ ରଖିଛି।

■ ନୂଆଗଡ଼ ପଞ୍ଚାୟତ

## ୫ ବର୍ଷ ହେଲା ଭଡ଼ାରେ ଲଗିପାରୁନି ମାର୍କେଟ୍ କମ୍ପ୍ଲେକ୍ସ



ନିରାକାରପୁର, ୨୪।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନୂଆଗଡ଼ ପଞ୍ଚାୟତ ଅଧୀନସ୍ଥ ନୂଆଗଡ଼ ମୌଜାଠାରେ ୨୦୨୦ ମସିହାରୁ ନୂଆଗଡ଼ ମାର୍କେଟ୍ କମ୍ପ୍ଲେକ୍ସ-୧ ଏବଂ ନୂଆଗଡ଼ ମାର୍କେଟ୍ କମ୍ପ୍ଲେକ୍ସ-୨ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆଜକୁ ୫ ବର୍ଷ ହେବ ଏହା ଭଡ଼ାରେ ଲଗିପାରୁ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ପଞ୍ଚାୟତ ପାଣ୍ଠିର ପର୍‌ଫର୍ମାନ୍ସ ଗ୍ରାଣ୍ଟରୁ

● ଅନେକ ବିଦ୍ୟୁତ୍ ଉପକରଣ ଚୋରି ହୋଇଗଲାଣି

ଦୁଇଟି କିସ୍ତିରେ ୭ଲକ୍ଷ ଲେଖାଏଁ କରି ମୋଟ୍ ୧୪ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚ କରାଯାଇ ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ଉପକରଣ ପାଇଁ ୨୦୧୯-୨୦ରେ ଦେଢ଼ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ମାର୍କେଟ୍ କମ୍ପ୍ଲେକ୍ସ କାର୍ଯ୍ୟ ୨୦୨୦ ମସିହାରୁ ସମାପ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟ ଏହା ଖୋଲାଯାଇ ପାରିଲା ନାହିଁ। ଯାହାଦ୍ୱାରା ଏହା ଗାଈ ଓ କୁକୁରମାନଙ୍କର ଗୁହାଳ ଘର ପାଲଟି ଗଲାଣି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ନୂଆଗଡ଼ ପଞ୍ଚାୟତର ସରପଞ୍ଚ ରଘୁନାଥ ମାଝୀଙ୍କୁ ପଚାରିବାରୁ, ପୂର୍ବରୁ ଏହି ଘର ନିର୍ମାଣ ହୋଇଥିଲା କିନ୍ତୁ ବିଦ୍ୟୁତ୍ ଉପକରଣ ଲାଗି ନ ଥିଲା। ଏବେ ଏଥିରେ ତାଙ୍କ ସମୟରେ ଲାଗିଥିବା ବିଦ୍ୟୁତ୍ ଉପକରଣ ମଧ୍ୟରୁ ବାହାରେ ଲାଗିଥିବା ଏକାଧିକ ବିଦ୍ୟୁତ୍ ମିଟରକୁ କେହି ଚୋରି କରି ନେଇଛନ୍ତି। ତେଣୁ ପୁନର୍ବାର କାର୍ଯ୍ୟ ସମାପ୍ତ କରାଯାଇ ଆଗାମୀ ମାସେ ଦୁଇ ମାସ ମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସକୁ ଭଡ଼ାରେ ଦିଆଯିବ ବୋଲି ଜଣାଇଛନ୍ତି।

## ଝୁଲିଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତାଲିକା




ଖୋର୍ଦ୍ଧା, ୨୪।୭(ସମିସ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସବୁ ବିଭାଗ ଓ ଶିକ୍ଷାନୁଷ୍ଠାନରେ ମହିଳା ସୁରକ୍ଷା ଆଇନ କଡ଼ାକଡ଼ି କରାଯିବା ଲାଗି ମୁଖ୍ୟ ସଚିବ ମନୋଜ କୁମାର ଆହୁଜା ନିର୍ଦ୍ଦେଶ ଦେବାପରେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯାଇ ଏହି ତାଲିକା ସର୍ବସାଧାରଣରେ ପ୍ରଦର୍ଶିତ କରାଯାଇଛି। ମାତ୍ର ଦୁଇସପ୍ତାହ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଏହି ନିର୍ଦ୍ଦେଶର ଅନୁପାଳନ ବିବରଣୀ ଦାଖଲ କରାଯିବାକୁ କୁହାଯାଇଛି।

ପ୍ରାଣନାଥ ମହାବିଦ୍ୟାଳୟରେ ଗଠନ କରାଯାଇଥିବା କମିଟିର ପ୍ରିଜାଇଡିଂ ଅଫିସର ଭାବେ ଗଣିତ ବିଭାଗର ପ୍ରାଧ୍ୟାପିକା ଡ. ପୂର୍ଣ୍ଣିମା ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏହି କମିଟିରେ ସମୁଦାୟ ୧୨ଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ତନ୍ମଧ୍ୟରେ ୩ ଜଣ ଛାତ୍ରୀ ରହିଛନ୍ତି। ମହାବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଅଧ୍ୟାପିକାଙ୍କଠାରୁ ଆରମ୍ଭ କରି ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀମାନେ ଯଦି ମହାବିଦ୍ୟାଳୟ ପରିସରରେ ଥିବାବେଳେ କୌଣସି ଯୌନ ବ୍ୟଭିଚାର ଓ ଉତ୍ପୀଡ଼ନର ଶିକାର ହୁଅନ୍ତି, ତେବେ ଅବିଳମ୍ବେ ଏହି କମିଟିର ପ୍ରିଜାଇଡିଂ ଅଫିସରଙ୍କ ସମେତ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର କହିଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧ୍ୟାପିକା ସରୋଜା ଷଡ଼ଙ୍ଗୀଙ୍କୁ ଏହି କମିଟିର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ବାସନ୍ତୀ ନାୟକ, ବି. ମିଶ୍ର, ଏସ୍. ପଟ୍ଟନାୟକଙ୍କୁ ଅନ୍ୟତମ ସଦସ୍ୟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଏଥିରେ ଛାତ୍ରୀ ସ୍ମୃତିରେଖା ପଣ୍ଡା, ସରସ୍ୱତୀ ସାହୁ ଓ ଦିଶା ପ୍ରଧାନଙ୍କୁ ରଖାଯାଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି।

## ମା’ ଉଗ୍ରତାରାଙ୍କୁ ଦର୍ଶନକଲେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ



ନିରାକାରପୁର, ୨୪।୭(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଧର୍ମପତ୍ନୀ ଗୁରୁବାର ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁରସ୍ଥିତ ପ୍ରସିଦ୍ଧ ମା’ ଉଗ୍ରତାରାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସୂଚନାଯୋଗ୍ୟ କି ଗୁରୁବାର ଚିତାଲାଗି ଅମାବାସ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀଙ୍କ ସହିତ ଅନ୍ୟ ୩ ଜଣ ବିଧାୟକ ଆସି ଦିନ ୧୧ଟା ସମୟରେ ମନ୍ଦିର ପରିସରରେ କଡ଼ା ସୁରକ୍ଷାରେ ପହଞ୍ଚିଥିଲେ। ପରେ ପ୍ରାୟ ଅଧଘଣ୍ଟା ମା’ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରସାଦସେବନ କରି ଦିନ ୧ଟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ ବହୁ ସଂଖ୍ୟାରେ ପୁଲିସ ମୁତୟନ ହୋଇଥିଲେ।

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଖସିଲା ଖୋର୍ଦ୍ଧା

# ଲୋକଙ୍କ ଟିକସରେ ଠିକାସଂସ୍ଥାକୁ ଅନୁକମ୍ପା

ଖୋର୍ଦ୍ଧା, ୨୪।୭(ସମିସ)



ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ଛନ୍ଦି ହେଉଛି ଖୋର୍ଦ୍ଧା ପୌରାଞ୍ଚଳ। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ ସ୍ଲୋଗାନ ଦେଉଥିବା ପୌରପରିଷଦ ଲୋକଙ୍କ ଟିକସ ଅର୍ଥରେ ଠିକାସଂସ୍ଥାକୁ ଅନୁକମ୍ପା ଦେଖାଉଛି। ଯାହା ସ୍ୱଚ୍ଛ ସର୍ବେକ୍ଷଣ ତାଲିକା ଦେଖିଲେ ସ୍ପଷ୍ଟ ବାରି ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ସହର ତାଲିକାରେ ଖୋର୍ଦ୍ଧା ପୌରାଞ୍ଚଳ ତାଲିକାରେ ସ୍ଥିତି ନୈରାଶ୍ୟଜନକ ରହିଛି। ଚଳିତ ବର୍ଷ ସର୍ବେକ୍ଷଣ ତାଲିକାରେ ଖୋର୍ଦ୍ଧା ପୌର ପରିଷଦର ସ୍ଥାନ ୬୯ ନମ୍ବରରେ ରହିଛି। ୨୦୨୦ରେ ୭୦, ୨୦୨୧ରେ ୭୪, ୨୦୨୨ରେ ୩୩, ୨୦୨୩ରେ ୩୧ ଏବଂ ୨୦୨୪ରେ ୨୦ ନମ୍ବର ସ୍ଥାନରେ ରହିଥିଲା। ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା ପାଇଁ ଖୋର୍ଦ୍ଧା ପୌରାଞ୍ଚଳ ପକ୍ଷରୁ ଲକ୍ଷାଧିକ ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଥିବା ସତ୍ତ୍ୱେ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଖୋର୍ଦ୍ଧାର ସ୍ଥିତି ନୈରାଶ୍ୟଜନକ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ସ୍ଥାନ ପାଇବା ପାଇଁ ୮ଟି ମାପଦଣ୍ଡ ରହିଛି। ସହର ସ୍ୱଚ୍ଛତା, ପରିମଳ, ଘରକୁ ଘର ବୁଲି ଅଳିଆ ସଂଗ୍ରହ, ଜୈବିକ ପୃଥକୀକରଣ, ବସ୍ତି ଓ ମାର୍କେଟ୍ କମ୍ପ୍ଲେକ୍ସ, ବଜାରରୁ ଅଳିଆ ସଂଗ୍ରହ, ଶୌଚାଳୟ, ଜଳାଶୟ ସଫେଇ ପ୍ରଭୃତି ରହିଛି। ପୌର ପ୍ରଶାସନ ପକ୍ଷରୁ ତାଲିକାରେ ସ୍ଥାନ ପାଇବା ପାଇଁ ମାପଦଣ୍ଡ ଠିକ୍‌ଠାକ୍ ଥିବା ସଫେଇ ଦିଆଯାଉଥିବା ବେଳେ ବାସ୍ତବ ଚିତ୍ର ଅଲଗା ରହିଛି। ଗତ ୩ ବର୍ଷର ତାଲିକାକୁ ଦେଖିଲେ ଚଳିତ ବର୍ଷ ସ୍ଥିତି ଅତ୍ୟନ୍ତ ଖରାପ ରହିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଅଭିଯାନ ଜାରି ରହିଛି। ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାର ପୋଷ୍ଟର, ୱାଲ୍ ପେଣ୍ଟିଙ୍ଗ୍ କରାଯାଇଛି। ଏନେଇ ପୌର ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରାଯାଉଛି। ରାସ୍ତାରେ ଅଳିଆ ପଡ଼ିବ ନାହିଁ। ସ୍ୱଚ୍ଛସାଥିମାନେ ଘରକୁ ଘର ବୁଲି ଅଳିଆ ଉଠାଇବେ। ପ୍ରତ୍ୟେକ ଘରୁ ପୃଥକ୍ ଭାବେ ଓଦା ଓ ଶୁଖିଲା ଅଳିଆ ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥି, ସାନିଟାଇଜ୍ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଗଲା। ମାତ୍ର ୩ ବର୍ଷର ତାଲିକାକୁ ଦେଖିଲେ ଚଳିତ ବର୍ଷ ସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ରହିଛି। ୨୨ଟି ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌର ପରିଷଦର ଜନସଂଖ୍ୟା ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ସହର ପରିମଳ, ଡ୍ରେନ୍ ସଫା, ଅଳିଆ ଉଠାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ମାସିକ ପ୍ରାୟ ୪୦ଲକ୍ଷ ଟଙ୍କା ଠିକାସଂସ୍ଥାକୁ ଦିଆଯାଉଛି। ଠିକା ସଂସ୍ଥା ଉପରେ ଅଳିଆ ଉଠାଇବା କାମ ଟେକି ଦେଇ ପୌର ପ୍ରଶାସନ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଅଳିଆ ଉଠୁଛି କି ନାହିଁ, କେଉଁ ସ୍ଥାନରୁ ଅଳିଆ ଉଠାଯାଉଛି ତାହା କୌଣସି ଖବର ପ୍ରଶାସନ ପକ୍ଷରୁ ରଖାଯାଉ ନାହିଁ। ଫଳରେ ଠିକା ସଂସ୍ଥା କେବଳ ସହର ମୁଖ୍ୟ ରାସ୍ତାକୁ ଛାଡ଼ି ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ସମ୍ପୂର୍ଣ୍ଣ ଉଠାଇବା ପ୍ରତି ଗୁରୁତ୍ୱ ଦେଉନଥିବା ସାହି ବାସିନ୍ଦାମାନେ ଅଭିଯୋଗ କରୁଛନ୍ତି। ଦୈନିକ ନିୟମିତ ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପୌର ପ୍ରଶାସନ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ବିଭିନ୍ନ ସ୍ଥାନରେ ବିଛାଇ ହୋଇ ଅଳିଆ ପଡ଼ି ରହୁଛି। ଏନେଇ ସ୍ଥାନୀୟ ବାସିନ୍ଦା ପୌର ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଲୋକଙ୍କ ଟିକସରେ ଠିକାସଂସ୍ଥାକୁ ଲକ୍ଷାଧିକ ଟଙ୍କା ଦିଆଯାଇ ପୋଷାଚାଲିଛି ବୋଲି ଅଭିଯୋଗ ହେଉଛି।

● ଗଳିରୁ ଉଠୁନି ଅଳିଆ; ମାସକୁ ନେଉଛି ୪୦ଲକ୍ଷ
● ଆସନ୍ତା ବର୍ଷକୁ ଶୀର୍ଷସ୍ଥାନ ଛୁଇଁବାକୁ ଉଦ୍ୟମ ଜାରି ରଖିଛୁ: ପୌରନିର୍ବାହୀ ଅଧିକାରୀ

ତେବେ ଖୋର୍ଦ୍ଧା ପୌର ପ୍ରଶାସନ ଅଧୀନରେ ୨୦୪ ଜଣ ଠିକା କର୍ମଚାରୀ, ୧୪ଜଣ ସ୍ୱଚ୍ଛସାଥି, ୪ଜଣ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ଠିକାସଂସ୍ଥା ଅଧୀନରେ ୧୮୩ ଜଣ କାର୍ଯ୍ୟରତ ଥିବାବେଳେ ଅନ୍ୟମାନେ ପୌର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୮ରୁ ୨୦ ଟନ୍ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ବାହାରୁଛି। ଅଳିଆ ଉଠାଇବା ଲାଗି ୧୦ଟି ଟାଟାଏସିଇ ଅଳିଆବୁହା ଗାଡ଼ି ଏବଂ ୪ଟି ଟ୍ରାକ୍ଟର ନିୟୋଜନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ସୂଚନା ଦେଇଛନ୍ତି। ଏହାସତ୍ତ୍ୱେ ସହର ଗଳିକନ୍ଦିରେ ଅଳିଆ ପଡ଼ି ରହୁଥିବା ଦେଖିବାକୁ ମିଳିଛି। ସହରବାସୀଙ୍କ ଟ୍ୟାକ୍ସରେ ଠିକାସଂସ୍ଥାକୁ ପୋଷାଚାଲିଛି। ସହରରୁ ଅଳିଆ ହଟୁନି, ଅଥଚ ଠିକାସଂସ୍ଥାକୁ ପୌର ପ୍ରଶାସନ ପକ୍ଷରୁ ପ୍ରତିମାସରେ ୪୦ଲକ୍ଷ ଟଙ୍କା ଦିଆଯାଇଛି। ତେବେ କାହା ସ୍ୱାର୍ଥରେ ପୌର ପ୍ରଶାସନ ଉକ୍ତ ସଂସ୍ଥାକୁ ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ କୁହନ୍ତି, ସହର ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିରେ ସହରବାସୀଙ୍କ ସହଭାଗିତା ଜରୁରୀ। ଚଳିତ ବର୍ଷ ସର୍ବେକ୍ଷଣ ତାଲିକାରେ ସଫଳତା ମିଳିନି। ତେଣୁ ଆସନ୍ତାବର୍ଷ କିପରି ଆମେ ଶୀର୍ଷ ସ୍ଥାନରେ ପହଁଚିବୁ ସେ ନେଇ ଉଦ୍ୟମ କରୁଛୁ ବୋଲି କହିଛନ୍ତି।

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଢ଼ଉ

## ୩୬ ଗାଡ଼ିରୁ ୨.୭୪ ଲକ୍ଷ ଜରିମାନା ଆଦାୟ



ଟାଙ୍ଗୀ/ନିରାକାରପୁର, ୨୪।୭(ସମିସ): ଗତ ଦିନକ ପୂର୍ବେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ବେଆଇନ ପରିବହନ, ବିନା କାଗଜପତ୍ରରେ ଯାତାୟାତ କରୁଥିବା ୪୨ଟି ଗାଡ଼ି ତନଖି କରାଯାଇ ୨ ଲକ୍ଷ ୭୧ ହଜାର ୫ ଶହ ଟଙ୍କା ଜରିମାନା କରାଯାଇଥିଲା। ଗୁରୁବାର ପୁଣି ନିରାକାରପୁର ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୩୫ଟି ଭିସିଆର୍ ବଳରେ ୨ ଲକ୍ଷ ୭୪ ହଜାର ୫ ଶହ ଟଙ୍କା ଜରିମାନା କରାଯାଇଥିବା ଜଣାପଡ଼ିଛି। ଗୁରୁବାର ଚଢ଼ଉବେଳେ ମଦ୍ୟପାନ କରି ଗାଡ଼ି ଚଳାଉଥିବା, ସିଟ୍ ବେଲ୍ଟ ପିନ୍ଧି ନ ଥିବା, ମାଲ୍ ପରିବହନ ଗାଡ଼ିରେ ଯାତ୍ରୀ ପରିବହନ ଚଢ଼ଉରେ ଧରାପଡ଼ିଛନ୍ତି। ସରକାରୀ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପରିବହନ କରିବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ହେଲେ ଟାଙ୍ଗୀ ଅଞ୍ଚଳ ପରେ ଗୁରୁବାର ନିରାକାରପୁର ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିବା ଭଳି ଘରୋଇ ବିଦ୍ୟାଳୟ ଏପରିକି ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ସରକାରଙ୍କ ନୀତିନିୟମକୁ ଭୃକ୍ଷେପ କରାଯାଉଛି। ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳାଯାଉଥିବା ସମ୍ପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ସଦଳବଳେ ଗୁରୁବାର ଏ ଅଞ୍ଚଳରେ ଚଢ଼ଉ କରି ସମୁଦାୟ ୩୫ଟି ଭେଇକ୍ଲି ଚେକ୍ ରିପୋର୍ଟ(ଭିସିଆର୍) କରି ୨ ଲକ୍ଷ ୭୪ ହଜାର ୫ ଶହ ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି।

ସୂଚନା ଥାଉକି, କୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପରିବହନ କରିବା ପାଇଁ ଗାଡ଼ିର ରଙ୍ଗ ହଳଦିଆ, ସେ ଗାଡ଼ିର ଫିଟ୍‌ନେସ୍, ୫ ବର୍ଷିଆ ପରମିଟ୍, ଇନ୍ସୁରାନ୍ସ, ପ୍ରଦୂଷଣ ପ୍ରମାଣପତ୍ର, ଜିପିଆର୍‌ଏସ୍, ଭେଇକ୍ଲି ଟ୍ରାକିଂ ଡିଭାଇସ୍ ଏପରିକି ସେହି ଗାଡ଼ିରେ ଛାତ୍ରଛାତ୍ରୀଙ୍କ ସ୍କୁଲ୍ ବ୍ୟାଗ୍ ରଖିବା ପାଇଁ ରାକ୍, ସ୍ୱତନ୍ତ୍ର ଆଟେଣ୍ଡାଣ୍ଟ, ଯଦି କେବଳ ଛାତ୍ରୀ ଯାଉଥିବେ ତେବେ ଜଣେ ମହିଳା ଆଟେଣ୍ଡାଣ୍ଟ ରଖିବା ବାଧ୍ୟତାମୂଳକ। ଏ ଅଞ୍ଚଳରେ ଛତୁ ଫୁଟିବା ଭଳି ବିଦ୍ୟାଳୟଗୁଡ଼ିକରେ ଦୁର୍ଭାଗ୍ୟଜନକ ଭାବେ ଏସବୁ ପ୍ରମାଣପତ୍ର ଦୂରେ ଥାଉ ପ୍ରାଇଭେଟ୍ ମାରୁତି ଭ୍ୟାନ୍, ଅଟୋରିକ୍ସା, ଟାଟା ମ୍ୟାଜିକ୍, ଏପରିକି ବସ୍ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଦ୍ୟାଳୟକୁ ପରିବହନ କରୁଥିବା ଅଭିଯୋଗ ପରେ ଗୁରୁବାର ବିଭାଗୀୟ ଅଧିକାରୀ ଏଭଳି ଚଢ଼ଉ କରି ଗୁମର ଫିଟାଇଥିବା ଜଣାପଡ଼ିଛି। ସରକାର ବିଭିନ୍ନ ଯୋଜନା ସମ୍ପର୍କରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେଉଥିବାବେଳେ ଘରୋଇ ପଞ୍ଜୀକରଣ ଗାଡ଼ିରେ ଛାତ୍ରଛାତ୍ରୀ ପରିବହନ ମନା ତଥା ଏଥିନିମିତ୍ତ କଟକଣା ସମ୍ପର୍କରେ କୌଣସି ସଚେତନତା କାର୍ଯ୍ୟକ୍ରମ ତଥା ବିଜ୍ଞାପନ ନ ଥିବାରୁ ବିଭିନ୍ନ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଶିକ୍ଷିତ ଅଭିଭାବକମାନଙ୍କୁ ଅନ୍ଧକାରରେ ରଖି ଏଭଳି ବେଆଇନ ପରିବହନ କରାଯାଉଥିବା ଜଣାପଡ଼ିଛି। ଏହି ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟିଏସ୍‌ଆଇ ତୃପ୍ତିରେଖା ଜେନା ସୂଚନା ଦେଇଛନ୍ତି।

## ଜଟଣୀ କଂଗ୍ରେସ ପକ୍ଷରୁ ସମୂହ ଦୀପଦାନ



ଜଟଣୀ, ୨୪।୭(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ଫକୀରମୋହନ କଲେଜର ଦିବଂଗତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଟଣୀ ନଗର କଂଗ୍ରେସ ତରଫରୁ ନଗର ସଭାପତି ଅଶୋକ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ମହିଳା, କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ଜଟଣୀ ସହରର ୭ ନମ୍ବର ୱାର୍ଡରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭୂତନାଥ ମନ୍ଦିରଠାରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ବଳଙ୍ଗା ନିକଟସ୍ଥ ବାୟାବର୍ ଗ୍ରାମର ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବାବା ଭୂତନାଥ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପରାମର୍ଶ କ୍ରମେ ଉକ୍ତ କାର୍ଯ୍ୟକ୍ରମରେ ସୁଭ୍ରାଂଶୁ ଶେଖର ପଟ୍ଟନାୟକ, ଶରତ ଚନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ କୁମାର ପ୍ରଧାନ, ବୃନ୍ଦାବନ ସାହୁ, ଦଳିତ ସଂଘର ସଭାପତି ସୁରେଶ ଚନ୍ଦ୍ର ନାୟକ, ଗିରିଜା ଜେନା, ଦୁଃଶାସନ ସ୍ୱାଇଁ, ବିଷ୍ଣୁ ମହାପାତ୍ର, ସୁଶାନ୍ତ ମଙ୍ଗରାଜ, ପିଣ୍ଟୁ ସାହୁ, ସତ୍ୟଭାମା ସ୍ୱାଇଁ, ଅମିନା ବେଗମ ପ୍ରମୁଖଙ୍କ ସହ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ







ଟାଙ୍ଗୀ, ୨୪।୭(ସମିସ):

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ ସ୍ୱାଗତ (ପ୍ରବେଶ) ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥ ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟାପିକା ସଂଘମିତ୍ରା ଦତ୍ତ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ କିଭଳି ସମୟାନୁବର୍ତ୍ତୀ ହେବେ ଏବଂ ଶିକ୍ଷାକ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବେ ଅଧ୍ୟାପକ ଭବାନୀ ଶଙ୍କର ମିଶ୍ର ଚୁମ୍ବକୀୟ ଶୈଳୀରେ ମତ ଉପସ୍ଥାପନ କରିଥିଲେ। ଏସ୍‌ଏସ୍ କଳାପାହାଡ଼, ଓମ୍ ପ୍ରକାଶ ପରିଡ଼ା, ଦିଲ୍ଲୀପ ମହାନ୍ତି, ହରିହର ରଣା, ଚଣ୍ଡୀ ପ୍ରସାଦ ପଟ୍ଟନାୟକ, ରଞ୍ଜନ ମହାପାତ୍ର, ରେବତୀ ପାତ୍ର, ରୁବିନା ସାହୁ, ଶ୍ରୀକାନ୍ତି ଦାସ, ଦିଲ୍ଲୀପ ଦାଶ, ପଞ୍ଚାନନ କୋଦମା ସିଂ, ପୁନମ୍ ସାଗରିକା ରାଉତରାୟ, ସୁଚିତ୍ରାମୟୀ ଜଗଦେବ, ପ୍ରଶାନ୍ତି କୁମାର ସାହୁ, ସୂର୍ଯ୍ୟକାନ୍ତ ସାହୁ, ବିଶ୍ୱରଞ୍ଜନ ଦାଶ, ଭବାନୀ ଶଙ୍କର ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ପୃଷ୍ଟି ଏବଂ ଦେବ ପ୍ରସାଦ ପଲ୍ଲେଇ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ଏହି ପ୍ରବେଶ ଉତ୍ସବ ଅଧ୍ୟାପିକା କୁମାରୀ ସୌଭାଗ୍ୟଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରି ଉଚ୍ଚ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବା ନିମନ୍ତେ ଉପଦେଶ ଦେଇଥିଲେ। +୨ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ୱାଗତସଙ୍ଗୀତ ଗାନକରିଥିଲେ। ଇଂରାଜୀ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଏହି ଉତ୍ସବରେ ଉଚ୍ଚ ବିଦ୍ୟାଳୟର ଅଧ୍ୟାପକ କିଶୋର ସାହୁ, ଅଧ୍ୟାପକ ଅଶୋକ କୁମାର ମଲ୍ଲିକ, ଅଧ୍ୟାପକ ନରୋତ୍ତମ ସାହୁ, ଅଧ୍ୟାପକ ଜଗତଜ୍ୟୋତି ମିଶ୍ର, ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ, ଅଧ୍ୟାପିକା ପ୍ରିୟଦର୍ଶିନୀ ମହାନ୍ତି ଯୋଗଦେଇଥିଲେ।

**ବାଲୁଗାଁ :** ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୩ ଛାତ୍ରଛାତ୍ରୀମାନେ ପୁଷ୍ପ, ଚନ୍ଦନ ଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ପାଛୋଟି ନେଇଥିଲେ। ଏଥିରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପକ ସୁବ୍ରତ ତ୍ରିପାଠୀ, ଡ. ସନ୍ତୋଷ ରଥ, ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ବାଳକୃଷ୍ଣ ପାଢ଼ୀ, ହିମାଂଶୁ ଦାଶ, ବିଦ୍ୟାଧର ଜୁଝାରସିଂହ, ଶିବରାମ ସିଂ, ବିମଳ ପଣ୍ଡା, ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ଝରଣା ନାଥ, କ୍ରିଷ୍ଣା ସେଠୀ, କଳ୍ପନା ଗୁମାନସିଂ, ସୁଧାକର ନାୟକ ଓ କ୍ଷୀରୋଦ ନାଥ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ଇତିହାସ, ଶୈକ୍ଷିକ ପରମ୍ପରା, ସୁବିଧା ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶ୍ୱାଳ ଓ ପୂଜା ପ୍ରଧାନ ଅନୁଷ୍ଠାନରେ ପ୍ରଥମ ଦିନର ଅନୁଭୂତି ଉପସ୍ଥାପନ କରିଥିଲେ।

**ବାଣପୁର :** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବାର୍ଷିକୀ ଛାତ୍ରୀମାନଙ୍କର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ନବାଗତ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏଥିରେ ଅଧ୍ୟାପକ ପ୍ରଶାନ୍ତ ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରୀଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, ରବୀନ୍ଦ୍ର ମାର୍ଥା, କସ୍ତୁରୀ ପଟ୍ଟନାୟକ, ବିଭୁଧେନ୍ଦୁ ମାନସିଂହ, ଅକ୍ରୁର ପ୍ରଧାନ, ଶିବ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ସହ ପରିଚିତ ହେବା ସହ ନିଜ ବିଭାଗ ସମ୍ପର୍କରେ ଅବଗତ କରାଇ ବିଦ୍ୟାଳୟର ବିକାଶ କ୍ଷେତ୍ରରେ ଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା’ ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଚିତାଲାଗି ପର୍ବ

ବାଣପୁର, ୨୪।୭(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବତା ଶ୍ରୀରଙ୍ଗନାଥ ଦେବ ଓ ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ବିଭିନ୍ନ ଋତୁରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ଶ୍ରାବଣ ମାସର ଅମାବାସ୍ୟାକୁ ଚିତାଲାଗି ଅମାବାସ୍ୟା ଭାବେ ସର୍ବତ୍ର ପାଳିତ ହେଉଥିବାବେଳେ ପବିତ୍ର ଶ୍ରାବଣ ମାସରେ ଅମାବାସ୍ୟା ତିଥିରେ ରାଜ୍ୟର ପ୍ରସିଦ୍ଧ ତନ୍ତ୍ରପୀଠ ମା’ ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ କୃଷିଭିତ୍ତିକ ପବିତ୍ର ଚିତାଲାଗି ଅମାବାସ୍ୟା ପର୍ବ ପରମ୍ପରା ଅନୁଯାୟୀ ପାଳିତ ହୋଇଯାଇଛି। ମା’ ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଏହି ଚିତାଲାଗି ଅମାବାସ୍ୟା ପର୍ବରେ ପ୍ରତ୍ୟୁଷରୁ ଦେବଦେବୀଙ୍କର ଅଙ୍ଗରାଗ, ବେଶ, ବଲ୍ଲଭ ଆଳତି, ଭୋଗଲାଗି ଆଦି ବିଶେଷ ପୂଜା ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେବାୟତମାନଙ୍କ ଦ୍ୱାରା ଅତି ସୁଦ୍ଧପୁତ୍ତ ଭାବେ ମାଟି ପଲମରେ ଚାଉଳ, ନଡ଼ିଆ, ଗୁଡ଼, ଘିଅ ଓ ମସଲା ମିଶ୍ରିତ ଚିତଉପିଠାକୁ ପ୍ରସ୍ତୁତ କରାଯାଇ ଦେବଦେବୀଙ୍କ ନିକଟରେ ଭୋଗଲାଗି କରାଯାଇଥିଲା। ଏହି ପ୍ରସାଦକୁ ପାଇବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିଥିବାବେଳେ ଦେବଦେବୀଙ୍କ କପାଳରେ ସୁବର୍ଣ୍ଣ ଚିତାଲାଗି କରାଯାଇ ଦେବଦେବୀ ସ୍ୱତନ୍ତ୍ର ସୁସଜ୍ଜିତ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଏହି ନିଆରା ପରମ୍ପରା ପର୍ବରେ ବାଣପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦେବଦତ୍ତ ପାଣି, ଦାଶରଥି ସାହୁ ଓ ବାଳମୁକୁନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ପର୍ବର ସୁପରିଚାଳନା କରିଥିଲେ।

## ଚିତଉ ପିଠାରେ ଗେଣ୍ଡାପୂଜା କଲେ ଚାଷୀ

ଖୋର୍ଦ୍ଧା, ୨୪।୭(ସମିସ): ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବପର୍ବାଣୀ। ବର୍ଷତମାମ ଝଟକୁଥାଏ ସଂସ୍କୃତି ଓ ପରମ୍ପରା। ଓଡ଼ିଆଙ୍କ ସବୁ ପର୍ବ ଭିତରେ ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା ଅନ୍ୟତମ। ଏଥିପାଇଁ ଆଜି ପ୍ରତ୍ୟେକ ଚଷାପୁଅ ଧାନ ବିଲରେ ଚିତଉପିଠା ପୋତି ଗେଣ୍ଡାପୂଜା କରିଥିବା ଦେଖାଯାଇଛି। ପ୍ରକାଶଥାଉକି, ଏହି ସମୟକୁ ଚାଷୀମାନେ ନିଜ ନିଜ ବିଲରେ ଚାଷ କାର୍ଯ୍ୟ ଜୋର୍‌ସୋର୍‌ରେ ଆରମ୍ଭ କରିଥା’ନ୍ତି। ଏହି ସମୟରେ ଧାନବିଲରେ ବର୍ଷାଜଳ ଜମିବା ଫଳରେ ସେଥିରେ ଗେଣ୍ଡାମାନଙ୍କର ଆତଯାତ ହେଉଥିବାରୁ ଚାଷୀମାନଙ୍କ ଗୋଡ଼ ଗେଣ୍ଡାମାନଙ୍କ ଉପରେ ପଡ଼ିଥାଏ ଆଉ ଗେଣ୍ଡାମାନେ ଚାଷୀମାନଙ୍କ ଗୋଡ଼ ଆଘାତ ଦେଇଥା’ନ୍ତି। ଏଣୁ ପ୍ରତି ଚାଷୀ ପରିବାରରେ ଚିତଉପିଠା ତିଆରି କରାଯାଇ ଗେଣ୍ଡାଙ୍କୁ ଏହି ଦିନ ପୂଜା କରାଯିବା ସହିତ ଚିତଉପିଠା ଖାଇବାକୁ ଦେଇ କୁହାଯାଏ ଯେ, ହେ ଗେଣ୍ଡେଇଶୁଣି, ତୁମେ ପିଠା ଭୋଗ ଖାଇ ସନ୍ତୁଷ୍ଟ ହୁଅ ଆଉ ଚାଷୀମାନଙ୍କ ଗୋଡ଼କୁ କାମୁଡ଼ ନାହିଁ ବୋଲି ବରିଷ୍ଠ ନାଗରିକ ଈଶ୍ୱରଚନ୍ଦ୍ର ମଙ୍ଗରାଜ କହିଛନ୍ତି। ଏହିକ୍ରମରେ ଗୁରୁବାର ପିଠାରେ ମହକୁଛି ପୂରପଲ୍ଲୀ। ଧାନ ବିଲରେ ଧୂପ ଦୀପ ଜାଳି ପିଠା ପକାଇ ମା’ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଛି ଚଷା ପୁଅ।

ସକାଳ
THE SAKALA



**ବଢୁଛି ଜଳବୁଡ଼ି ମୃତ୍ୟୁ ସଂଖ୍ୟା**

# ରାଜ୍ୟରେ ଦିନକୁ ମରୁଛନ୍ତି ୫ଜଣ



- ୨୦୨୩-୨୪ ବର୍ଷରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ୧୮୦୬
- ଗତ ୭ ମାସରେ ଗଲାଣି ୮୦୦ରୁ ଊର୍ଦ୍ଧ୍ୱ ଜୀବନ
- ସଚେତନତା ଓ ପ୍ରତିଷେଧକ ଅଭାବରୁ ବଢୁଛି ମୃତ୍ୟୁ ସଂଖ୍ୟା

**ଆଜି 'ବିଶ୍ୱ ଜଳବୁଡ଼ି ପ୍ରତିଷେଧକ ଦିବସ'**

ଭୁବନେଶ୍ୱର, ୨୪।୭ (ସମିସ): ରାଜ୍ୟରେ ଜଳବୁଡ଼ି ମୃତ୍ୟୁସଂଖ୍ୟା ଦିନକୁ ଦିନ ଉପରମୁହାଁ ହେବାରେ ଲାଗିଛି। ସଚେତନତା ଅଭାବ ସାଙ୍ଗକୁ ପ୍ରଶାସନିକସ୍ତରରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ ପ୍ରତିଦିନ ନଦୀ, ହ୍ରଦ, ସମୁଦ୍ର, ଜଳପ୍ରପାତ ଆଦି ଜଳାଶୟଗୁଡ଼ିକରେ ବୁଡ଼ି ଅନେକଙ୍କ ପ୍ରାଣ ଯାଉଛି। ସ୍ଥିତି ଏତେ ସାଂଘାତିକ ଯେ ପରିସଂଖ୍ୟାନ କହୁଛି, ରାଜ୍ୟରେ ଦୈନିକ ପ୍ରାୟ ୫ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟୁଛି। ବିଗତ ବର୍ଷମାନଙ୍କରେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ରହିଥିବା ବେଳେ ଚଳିତ ବର୍ଷର କେବଳ ୭ ମାସ ଭିତରେ ୮୦୦ରୁ ଊର୍ଦ୍ଧ୍ୱ ପାଣିରେ ବୁଡ଼ି ପ୍ରାଣ ହରାଇସାରିଲେଣି। ଗତ ୨୦୨୩-୨୪ରେ ଗଞ୍ଜାମ ଓ ବାଲେଶ୍ୱର ଜିଲାରେ ଅଧିକ ବ୍ୟକ୍ତିଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ହୋଇଥିଲା।

ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶା ଭଳି ରାଜ୍ୟରେ ଜଳବୁଡ଼ି ମୃତ୍ୟୁର ବିଭିନ୍ନ କାରଣ ରହିଛି। ଗାଧୋଇବା ବେଳେ ଅଜାଣତରେ ଗଭୀର ଜଳାଶୟକୁ ଖସିଯିବା, କାମଚଳା ପହଁରା ଶିଖି ନଦୀସ୍ରୋତରେ ପହଁରିବାକୁ ଚେଷ୍ଟା କରିବା, ନିଶା ଖାଇ ପୋଖରୀ କିମ୍ବା ନଦୀରେ ପଶିବା, ଡଙ୍ଗା କିମ୍ବା ବୋଟ୍‌ରେ କ୍ଷମତାଠାରୁ ଅଧିକ ଲୋକ ଜଳଯାତ୍ରା କରିବା ଆଦି ମୁଖ୍ୟ କାରଣ।

ଏଭଳି ଅକାଳ ମୃତ୍ୟୁକୁ ରୋକିବା ଲାଗି ଜାତିସଂଘ ତରଫରୁ ପ୍ରତିବର୍ଷ ଜୁଲାଇ ୨୫ ତାରିଖକୁ ଜଳବୁଡ଼ି ପ୍ରତିଷେଧକ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ (ହୁ') ପକ୍ଷରୁ ସରକାରଙ୍କୁ କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ମଧ୍ୟ ଦିଆଯାଇଛି। ବିପଦପୂର୍ଣ୍ଣ ସ୍ଥାନରେ ଗାଧୋଇବା ଉପରେ ନିଷେଧାଦେଶ ଜାରି, ସର୍ବସାଧାରଣ ଗାଧୋଇବା ସ୍ଥଳରେ ତାରବାଡ଼ ଘେରାଇ ସୁରକ୍ଷିତ ସ୍ନାନ ବ୍ୟବସ୍ଥା କରିବା ଏବଂ ଗାଧୋଇବା ଲାଗି ସ୍ୱତନ୍ତ୍ର ଘାଟ ନିର୍ମାଣ ଭଳି ପଦକ୍ଷେପ ନେବାକୁ ପରାମର୍ଶ ରହିଛି। ଏପରିକି, ସ୍ଥାନୀୟ ପ୍ରଶାସନ ଜରିଆରେ ଏନେଇ ସାଧାରଣରେ ସଚେତନତା ସୃଷ୍ଟି ଓ ନଦୀକୂଳ ଅଞ୍ଚଳର ଲୋକଙ୍କୁ ପହଁରା ତାମିଲ ଦେବା ଇତ୍ୟାଦି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। କିନ୍ତୁ ତମାମ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଜଳବୁଡ଼ି ମୃତ୍ୟୁ ସଂଖ୍ୟା ଉପରେ ଲଗାମ ଲଗାଯାଇପାରୁନାହିଁ।

ମିଳିତ ଜାତିସଂଘର ପରିସଂଖ୍ୟାନ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ୩୬ହଜାର ବା ପ୍ରତିଦିନ ପ୍ରାୟ ୬୫୦ଜଣ ଜଳରେ ବୁଡ଼ି ପ୍ରାଣ ହରାଉଛନ୍ତି। ଭାରତରେ ଏହି ସଂଖ୍ୟା ବର୍ଷକୁ ପ୍ରାୟ ୩୮ ହଜାର ବା ଦିନକୁ ପ୍ରାୟ ୧୦୪ ରହିଛି। ଏହି ଅଲୋଡ଼ା ରେକର୍ଡରୁ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନାହିଁ। ରାଜ୍ୟରେ ପ୍ରତିବର୍ଷ ହାରାହାରି ୧୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପାଣିରେ ବୁଡି ମୃତ୍ୟୁବରଣ କରୁଛନ୍ତି। ବର୍ଷ ୨୦୨୩-୨୪ରେ ଓଡ଼ିଶାରେ ଏହି ସଂଖ୍ୟା ୧୮୦୬ ଥିଲା। ଅର୍ଥାତ୍ ପ୍ରତିଦିନ ପ୍ରାୟ ୫ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷା ଋତୁ ଅପେକ୍ଷା ଅନ୍ୟ ଋତୁରେ ମଧ୍ୟ ଅସାବଧାନତା ଯୋଗୁଁ ଏକାଧିକ ବ୍ୟକ୍ତି ପାଣିରେ ବୁଡ଼ି ପ୍ରାଣ ହରାଉଛନ୍ତି।

ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୨୦୨୧-୨୨ରେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ ୧୨୦୯ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୧୭୩୮କୁ ବୃଦ୍ଧି ପାଇଥିଲା। ସେହିପରି, ୨୦୨୩-୨୪ରେ ୧୮୦୬ଜଣଙ୍କ ମୃତ୍ୟୁ ହୋଇଥିବା ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ତେବେ ୨୦୨୧-୨୨ ଏବଂ ୨୦୨୨-୨୩ରେ ମୟୂରଭଞ୍ଜରେ ରାଜ୍ୟର ସର୍ବାଧିକ ଲୋକଙ୍କ ଜଳବୁଡ଼ି ଜନିତ ମୃତ୍ୟୁ ଘଟିଥିଲା। ଜିଲ୍ଲାରେ ୨୦୨୧-୨୨ରେ ୧୦୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୩୯ ଜଣ ପ୍ରାଣ ହରାଇଥିଲେ।

**ଶ୍ରୀମନ୍ଦିରରେ ଚିତାଲାଗି ନୀତି**

# ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ, ୨୪।୭ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଚିତାଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସି ଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ଣ ୨ଟା ୨୫ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନିଆଯାଇ ଖଟଶେଯ ଘରେ ବିଜେ କରାଯାଇଥିଲା। ପରେ ୨ଟା ୫୫ରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ଣ ୩ଟାରେ ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତାଲାଗି କରାଇଥିଲେ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରାଖଚିତ ସୁବର୍ଣ୍ଣ ଚିତାଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟାରେ ଚିତାଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଯ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତାଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥା'ନ୍ତି। ଚିତାଲାଗି ଅମାବାସ୍ୟାରେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥା'ନ୍ତି।

## ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା

କେନ୍ଦ୍ରାପଡ଼ା,୨୪।୭ (ସମିସ): ବଳଦେବଜୀଉଙ୍କ ମସ୍ତକରେ ଲାଗି ହେଲା ସୁବର୍ଣ୍ଣ ଚିତା। ଆଜି ପବିତ୍ର ଚିତା ଲାଗି ଅମାବାସ୍ୟାରେ ବଳଦେବଜୀଉଙ୍କ ମସ୍ତକରେ ଚିତାଲାଗି ନୀତି ସମ୍ପନ୍ନ କରାଯାଇଛି। ପ୍ରତ୍ୟୁଷରୁ ଦ୍ୱାର ଫିଟାଯାଇ ଜୟ ମଙ୍ଗଳା ଆଳତି ହୋଇଥିଲା। ପରେ ନୀତିସ୍ନାନ, ବଲ୍ଲଭ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ସୁନେରି ସେବକ ଦ୍ୱାରା ଭଣ୍ଡାର ଗୃହରୁ ସଫେଇ ନିମନ୍ତେ ଚିତା ବାହାର କରାଯାଇ ସୁରକ୍ଷା ଭିତରେ ଅଫିସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସଫେଇ କାର୍ଯ୍ୟ ସମ୍ପନ୍ନ ପରେ ମନ୍ଦିରକୁ ଅଣାଯାଇଥିଲା। ପୂଜା ପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କୁ ରାଜାଧିରାଜ ବେଶ ଅନୁଷ୍ଠିତ କରାଯାଇଥିଲା। ପରେ ସୁବର୍ଣ୍ଣ ଚିତା ଶ୍ରୀଜୀଉଙ୍କ ମସ୍ତକରେ ଲାଗି କରାଯାଇଥିଲା। ଲାଗି ସମ୍ପନ୍ନ ପରେ ମଙ୍ଗଳାର୍ପଣ ଚିତଉ ପିଠା ଭୋଗ ଅର୍ପଣ କରାଯାଇଥିଲା। ସୁନେରି ସେବକଙ୍କ ଖଟଣି ଭୋଗ ହୋଇଥିଲା। ଶ୍ରାବଣ ମାସ କୃଷ୍ଣପକ୍ଷ ଅମାବାସ୍ୟାରେ ଚିତାଲାଗି କରାଯାଉଥିବାରୁ ଏହାକୁ ଚିତା ଲାଗି ଅମାବସ୍ୟା କୁହାଯାଏ। ଏହି ଦିନ ଘରେ ଗୃହିଣୀଙ୍କ ଦ୍ୱାରା ପିଠା ପ୍ରସ୍ତୁତ କରାଯାଇ ଗୃହ ଦେବତାଙ୍କୁ ଭୋଗ କରାଯିବା ପରେ ପୋଖରୀରେ ଗେଣ୍ଡା ଶାମୁକା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଦିଆଯିବାର ପ୍ରଥା ରହିଛି।



# ହୀରାକୁଦର ୮ ଗେଟ୍ ଖୋଲା

**୬୧୦ରୁ ଖସିଲା ଜଳସ୍ତର**

ସମ୍ବଲପୁର, ୨୪।୭ (ସମିସ): ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଆଜି ଆଉ ୪ଟି ଗେଟ୍ ଖୋଲିଛନ୍ତି। ପୂର୍ବରୁ ୪ଟି ଗେଟ୍ ଖୋଲାଥିବା ବେଳେ ଏବେ ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏହାସାଙ୍ଗକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ଜଳର ପରିମାଣ କମିଥିବାରୁ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍‌ରୁ କମି ଆସିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୯.୪୩ ଫୁଟ୍ ରହିଛି। ସୂଚନାନୁଯାୟୀ, ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୭୧୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ନଦୀବନ୍ଧର ବାମପଟର ୫ଟି ଓ ଡାହାଣ ପଟର ୩ଟି ସ୍ଲୁଇସ ଗେଟ୍ ଦେଇ ଜଳନିଷ୍କାସନ କରାଯାଉଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୫,୩୫୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୧,୧୮,୫୭୬ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୨,୪୭୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୦୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ଏବଂ ତଳମୁଣ୍ଡରେ ୧୧.୫୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୯,୫୧୬ କ୍ୟୁସେକ୍, ଖଇରମାଲଠାରେ ୧,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୫୮,୦୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।



ଶ୍ରାବଣୀ ବାଦଲ ଦେହରେ ଇନ୍ଦ୍ରଧନୁର ଛିଟା (ଫଟୋ-ଅନିଲ)

# ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ

**ଜଟିଳ ବିଷୟବସ୍ତୁକୁ ଭଲ ଭାବରେ ବୁଝିବା ହେବ ସରଳ**

ଭୁବନେଶ୍ୱର, ୨୪।୭ (ସମିସ): ଚଳିତ ଶିକ୍ଷାବର୍ଷରେ +୨ ଏକାଦଶ ଶ୍ରେଣୀ ନବାଗତ ବିଦ୍ୟାର୍ଥୀ ପ୍ରବେଶ ଦିବସ ଉପଲକ୍ଷେ ଓଡ଼ିଆ ଭାଷାରେ ପ୍ରସ୍ତୁତ +୨ ବିଜ୍ଞାନ ବହି ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ତଥା ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଲୋକାର୍ପଣ କରିଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂରାଜୀକୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେ ହେଉଥିବା +୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ଭଲ ଭାବେ ବୁଝିବା ପାଇଁ ସରଳ ଓଡ଼ିଆ ଭାଷାରେ ଲେଖିଥିବା ଲେଖକମାନଙ୍କ ଅବଦାନକୁ ସ୍ମରଣ କରି ଧନ୍ୟବାଦ ଦେବା ସହ ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇଥିବା ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର କର୍ମକର୍ତ୍ତାଙ୍କୁ ଉଭୟ ସାଧୁବାଦ ଜଣାଇଥିଲେ।



ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡ. ନଟବର ଶତପଥୀ, ବୈଷୟିକ ପୁସ୍ତକ ଅନୁବାଦ କମିଟି ଅଧ୍ୟକ୍ଷ ପ୍ରଫେସର ଓଁକାରନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ପ୍ରମୁଖ ଲେଖକୀୟ ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ +୨ ବିଜ୍ଞାନ ବହି ବିତରଣ କରାଯିବା ସହିତ ଓଡିଆରେ ଏହି ପୁସ୍ତକ ରଚନା କରିଥିବା ବାରଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ୩୪ ବନସେବା ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶା ବନ ସେବା ଅଧିକାରୀ (ଓଏଫ୍‌ଏସ୍) ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହୋଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଅଦଳ ବଦଳ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍‌ଓ ସାମା ଷଡ଼ଙ୍ଗୀଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କୁଚିଣ୍ଡା କେନ୍ଦୁପତ୍ର ଡିଏଫ୍‌ଓ ଦେବରଚନ ବେହେରାଙ୍କୁ ନୟାଗଡ଼ ଟେରିଟୋରିଆଲ୍ ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ଅନୁଗୁଳ ଆର୍‌ସିସିଏଫ୍ ଅଫିସ୍‌ରେ କାର୍ଯ୍ୟରତ ଉପବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତଙ୍କୁ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍‌ଓ ଓ ବୌଦ୍ଧ ଟେରିଟୋରିଆଲ୍ ଡିଏଫ୍‌ଓ ଦେବପ୍ରିୟ କମ୍ପଙ୍କୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଉପ ବନ ସଂରକ୍ଷକ ଭାବେ ବଦଳି କାରଯାଇଛି। ନବରଙ୍ଗପୁର କେନ୍ଦୁପତ୍ର ଡିଏଫ୍‌ଓ ଘନଶ୍ୟାମ ମହନ୍ତଙ୍କୁ ବାଲିଗୁଡ଼ା ଟେରିଟୋରିଆଲ୍ ଡିଏଫ୍‌ଓ ଓ ସେଠାରେ କାର୍ଯ୍ୟ କରୁଥିବା ଡିଏଫ୍‌ଓ ଥିବା ବିଶ୍ୱରାଜ ପଣ୍ଡାଙ୍କୁ ନଗର ବନଖଣ୍ଡ ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ ଫାଲଗୁନି ସାରଥୀ ମଲ୍ଲିକଙ୍କୁ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ ଭାବେ ବଦଳି ହୋଇଛି। ସେହିପରି କଟକ ଟେରିଟୋରିଆଲ୍ ଡିଏଫ୍‌ଓ ମାଧବୀଲତାଙ୍କୁ ଖରିଆର୍ କେନ୍ଦୁପତ୍ର ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ଭବାନୀପାଟଣା କେନ୍ଦୁପତ୍ର ଡିଏଫ୍‌ଓ ଜି. ପାତ୍ରଙ୍କୁ ସାତକୋଶିଆ ବନ୍ୟପ୍ରାଣୀ ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ସେହିପରି ସରୋଜ ପଣ୍ଡାଙ୍କୁ ବରଗଡ଼ ଡିଏଫ୍‌ଓ ଭାବେ ବଦଳି କରାଯାଇଥିବା ବେଳେ ସମୀର କୁମାର ସାହୁଙ୍କୁ ସୁନାବେଡ଼ା ଡିଏଫ୍‌ଓ, ବିକ୍ରମ ଦେବ ପଟ୍ଟନାୟକଙ୍କୁ ବାମରା ଡିଏଫ୍‌ଓ, ତେଜରାଜ ନାୟକଙ୍କୁ କୁଚିଣ୍ଡା ଡିଏଫ୍‌ଓ, ଦିବାକର ବେହେରାଙ୍କୁ ଓଏଫ୍‌ଡିସିର ଯାଜପୁର ରୋଡ୍ ଡିଏମ୍, ଅଶୋକ କୁମାର ବେହେରାଙ୍କୁ ଜି ଉଦୟଗିରି ସ୍ଥିତି ଫରେଷ୍ଟ ଟ୍ରେନିଂ ସ୍କୁଲ୍‌କୁ ଉପ ବନ ସଂରକ୍ଷକ, ବିନୋଦ ଆଚାର୍ଯ୍ୟଙ୍କୁ ଚନ୍ଦକା ଡିଏଫ୍‌ଓ, ରଜନୀକାନ୍ତ ରାଉତଙ୍କୁ ଓବିଡିଏକୁ ଉପ ବନ ସଂରକ୍ଷକ, ସୁଜାତା ରାୟଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟକୁ ବଦଳି ହୋଇଛି। ସେହିପରି ଆମ୍ରପଲ୍ଲି ରୟଙ୍କୁ ପିସିସିଏଫ୍ ବନ୍ୟପ୍ରାଣୀ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଅମରେଶ ନାଥ ପ୍ରଧାନଙ୍କୁ ମହାନଦୀ ଡିଏଫ୍‌ଓ ଶରତ କୁମାର ସାହୁଙ୍କୁ ପିସିସିଏଫ୍ କେନ୍ଦୁପତ୍ର କାର୍ଯ୍ୟାଳୟ, ଏ ଉମା ମହେଶଙ୍କୁ ଜୟପୁର ଡିଏଫ୍‌ଓ, ପ୍ରଶାନ୍ତ କୁମାର ପଣ୍ଡାଙ୍କୁ କେନ୍ଦୁଝର ଡିଏଫ୍‌ଓ, ଅଭୟ କୁମାର ଦଳେଇଙ୍କୁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ତପନ କୁମାର ପରିଡ଼ାଙ୍କୁ ବାଲେଶ୍ୱର ସ୍ଥିତି ଡବ୍ଲୁପିଓକୁ ଭାରପ୍ରାପ୍ତ ବନ ସଂରକ୍ଷକ, କନ୍ଦନ ସିଂଙ୍କୁ ଅନୁଗୁଳ ଆର୍‌ସିସିଏଫ୍ କାର୍ଯ୍ୟାଳୟକୁ ଉପ ବନ ସଂରକ୍ଷକ, ବୈଦନାଥ ମାଝୀଙ୍କୁ କରଞ୍ଜିଆ ଡିଏଫ୍‌ଓ ସୁବ୍ରତ କୁମାର ପାତ୍ରଙ୍କୁ ରାଇରଙ୍ଗପୁର ଡିଏଫ୍‌ଓ, ଖୀରୋଦ କୁମାର ବେହେରାଙ୍କୁ ରେଢ଼ାଖୋଲ ଡିଏଫ୍‌ଓ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ବାରିପଦା ଡିଏଫ୍‌ଓ, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବାଲେଶ୍ୱର ଡିଏଫ୍‌ଓ, ରପଚାନ୍ଦ ସୋରେନ୍‌ଙ୍କୁ ଟିଟିଲାଗଡ଼ ଡିଏଫ୍‌ଓ ଭାବେ ବଦଳି କରାଯାଇଛି।

# ମହିମା ଗୋସାଇଁ ଏକ୍ସପ୍ରେସ ଲାଇନଚ୍ୟୁତ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ସମ୍ବଲପୁର, ୨୪।୭ (ସମିସ): ଆଜି ପୁଣି ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଶାଲିମାରରୁ ସମ୍ବଲପୁରକୁ ଆସୁଥିବା ମହିମା ଗୋସାଇଁ ଏକ୍ସପ୍ରେସ (୨୦୮୩୧)ର ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗିଟି ସମ୍ବଲପୁର ସିଟି ଓ ସମ୍ବଲପୁର ଷ୍ଟେସନ ମଧ୍ୟରେ ଲାଇନଚ୍ୟୁତ ହୋଇଯାଇଥିଲା। ଟ୍ରେନ୍‌ଟି ଆଜି ସକାଳ ପ୍ରାୟ ୯ଟା ୧୮ ମିନିଟ୍‌ରେ ସମ୍ବଲପୁର ସିଟି ଷ୍ଟେସନ୍ ଛାଡ଼ିବାର କେଇ ମିନିଟ ମଧ୍ୟରେ କିଛି ଦୂର ସଙ୍କର୍ମା ଅଣ୍ଡରପାସ ନିକଟରେ ବଗିଟି ଲାଇନଚ୍ୟୁତ ହୋଇଯାଇଥିଲା। ତେବେ ଷ୍ଟେସନ୍ ଛାଡୁଥିବାରୁ ଟ୍ରେନଟି ଅତି ମନ୍ଥର ଗତିରେ ରହିଥିଲା। ଫଳରେ ବଡ଼ ଅଘଟଣ ଘଟିନଥିଲା କିମ୍ବା କେହି ମୃତାହତ ହୋଇନଥିଲେ। ପରେ ସମ୍ବଲପୁର ଷ୍ଟେସନ୍‌ରୁ ଏକ ଇମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ବୈଷୟିକ ଟିମ୍ ଦୁର୍ଘଟଣାଗ୍ରସ୍ତ ବଗିକୁ ରେଳଧାରଣାରୁ ଉଠାଇବା ଏବଂ ରେଳଧାରଣା ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଟ୍ରେନ୍‌ଟି ସମ୍ବଲପୁର ରେଳଷ୍ଟେସନକୁ ଚାଲିଯାଇଥିଲା। ଅପରାହ୍ଣ ୧୨ଟା ୪୮ ମିନିଟ୍ ସମୟରେ ଦୁର୍ଘଟଣାଗସ୍ତ ବଗିଟି ରେଳଧାରଣାକୁ ଫେରିବା ପରେ ସ୍ୱତନ୍ତ୍ର ଇଞ୍ଜିନ୍ ଯୋଡ଼ି ସମ୍ବଲପୁର ଷ୍ଟେସନକୁ ଅଣାଯାଇଥିଲା। ପରେ ସମ୍ବଲପୁର ସିଟି-ସମ୍ବଲପୁର ସେକ୍ସନରେ ରେଳଚଳାଚଳ ସ୍ୱାଭାବିକ ହୋଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।



ଟ୍ରେନ ଲାଇନଚ୍ୟୁତ ହୋଇଥିବାବେଳେ ଘଟଣାସ୍ଥଳରେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ବରିଷ୍ଠ ରେଳବାଇ ଅଧିକାରୀମାନେ ପହଞ୍ଚି ଦୁର୍ଘଟଣା ବିଷୟରେ ତଦନ୍ତ କରିବାସହ ମରାମତି କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

**ରାଜ୍ୟରେ ବଢ଼ିଚାଲିଛି ନାରୀ ହିଂସା ଓ ନିର୍ଯାତନା**

# କୋରାପୁଟ ଡିଆଇଜିଙ୍କ ଅଫିସ ଆଗରେ ଗର୍ଜିବ ବିଜେଡି

- ନାରୀଙ୍କୁ ସୁରକ୍ଷା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ
- ଆଉ ଜଣେ ପୀଡିତା ମୁମୂର୍ଷୁ ଅବସ୍ଥାରେ ଏମ୍ସରେ ଭର୍ତ୍ତି

ଭୁବନେଶ୍ୱର,୨୪।୭ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିକଟରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସହ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହା ବିରୋଧରେ ଆସନ୍ତା୨୬ ତାରିଖ ଦିନ କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଫିସ ସମ୍ମୁଖରେ ବିକ୍ଷୋଭ କରିବ ବିଜେଡି । ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ପ୍ରଦୀପ ମାଝୀ ଏ ନେଇ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାଲକାନଗିରି ଜିଲ୍ଲାରେ ପୁଣି ଥରେ ଛାତି ଥରେଇ ଦେଲା ଭଳି ଖବର ଆସିଛି। ପନ୍ଦର ବର୍ଷର ଜଣେ ଅନୁସୂଚିତ ଜାତିର ନାବାଳିକାକୁ କିଛି ଘଣ୍ଟାର ବ୍ୟବଧାନରେ ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହୋଇଛି। ପ୍ରଥମେ ତାକୁ ୩ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରୁଛନ୍ତି। ସେଇ ଯୌନ ପିଶାଚଙ୍କ ଠାରୁ ମୁକ୍ତି ପାଇ ଫେରିବା ବେଳେ ପୁଣି ଜଣେ ଟ୍ରକ୍ ଡ୍ରାଇଭର ତାକୁ ଦୁଷ୍କର୍ମ କରିଛି। ଡବଲ ଇଂଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅଭାବନୀୟ କାଣ୍ଡ ଘଟୁଛି। ସେହିପରି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ଥାନାରେ ଏଫଆଇଆର ଦେବା ପରେ ଥାନା ଅଧିକାରୀଙ୍କ ଦ୍ୱାରା ଅଭିଯୁକ୍ତକୁ ଥାନାକୁ ଅଣାଯାଇ କିଛି ପଚରାଉଚରା ପରେ ଛାଡି ଦିଆ ଯାଇଥିଲା। ଏହା ପରେ ଦୁର୍ବୃତ୍ତ ପୀଡିତା ଛାତ୍ରୀଙ୍କ ଗାଁରେ ପହଞ୍ଚି ତା ସହିତ କୁକର୍ମ କରିବା ସହ ଏହାର ଭିଡିଓ ଭାଇରାଲ କରିଛି। ପୀଡିତାଙ୍କ ଦାଦା ଥାନାରେ ଏ ସଂକ୍ରାନ୍ତରେ ଆଉ ଏକ ଏଫଆଇଆର ଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଅମଳରେ ଡବଲ ଏଫଆଇଆର ଦେବାକୁ ପଡୁଛି, କିନ୍ତୁ ନ୍ୟାୟ ମିଳୁନାହିଁ। ପୀଡିତା ଛାତ୍ରୀ ଜଣକ ନ୍ୟାୟ ନ ପାଇବାରୁ ହତାଶ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଦୁଇ ଦିନ ତଳେ ଏଫଏମ କଲେଜ ଛାତ୍ରୀ ଆତହୁତି ଘଟଣା ଓ ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଘଟଣାରେ ପ୍ରତିକ୍ରିୟା ଦେଇ ଏହା ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି ଶ୍ରୀ ମାଝୀ କହିଛନ୍ତି। ଆସନ୍ତାକାଲି ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ କରି ଡବଲ ଦୁଷ୍କର୍ମ ଶିକାର ହୋଇଥିବା ପୀଡ଼ିତାଙ୍କୁ ଓ ତାଙ୍କ ପରିବାରକୁ ଭେଟିବ। ଜୁଲାଇ ୨୬ ତାରିଖ ଦିନ ବିଜେଡି ପକ୍ଷରୁ କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ଚାପାମାପା ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮ - ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।
- ୧୯୯୨- ସ୍ପେନ୍‌ର ବାର୍ସିଲୋନାରେ ୨୫ତମ ଅଲମ୍ପିକ୍ ଖେଳ ଆରମ୍ଭ ହେଲା।
- ୨୦୦୭ - ପ୍ରତିଭା ଦେବୀସିଂହ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ସାଉଥରେ ନିର୍ମାଣ ହେବ 'ରାମାୟଣ'



ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟର ଫିଲ୍ମ କୁହାଯାଉଛି। ଏଥିରେ ରଣବୀର କପୁର ଭଗବାନ ରାମ ଏବଂ ସାଇ ପଲ୍ଲବୀ ମାତା ସୀତା ଭୂମିକାରେ ନଜର ଆସିବେ। ବଲିଉଡ଼ରେ 'ରାମାୟଣ'କୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ସାଉଥରେ ମଧ୍ୟ ଏହି ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରିଛନ୍ତି 'କନପ୍ପା' ଫିଲ୍ମ ଅଭିନେତା ବିଷ୍ଣୁ ମାଞ୍ଚୁ। ନିକଟରେ ଏକ ସାକ୍ଷାତକାରରେ ବିଷ୍ଣୁ ରାମାୟଣ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ ବୋଲି କହିଛନ୍ତି। ୨୦୦୯ରୁ ସେ ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚଳାଇ ଥିବା କହିଛନ୍ତି। ଏହି ଫିଲ୍ମରେ ରାବଣର ଦୃଷ୍ଟିକୋଣକୁ ଦେଖାଯିବ। ତେବେ ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକା ପାଇଁ ସେ ସୂର୍ଯ୍ୟାଙ୍କୁ ବାଛିଥିବାବେଳେ ମାତା ସୀତାଙ୍କ ଚରିତ୍ର ପାଇଁ ଆଲିଆ ଭଟ୍ଟଙ୍କୁ ବାଛିଛନ୍ତି। ଯଦିଓ ସେ ଏହାର କାହାଣୀ ଓ ସ୍କ୍ରିପ୍ଟ ପ୍ରସ୍ତୁତ କରି ସାରିଛନ୍ତି କିନ୍ତୁ ଏହି ଫିଲ୍ମ କେବେ ନିର୍ମାଣ ହେବ ତାହା ଏଯାବତ୍ ସ୍ଥିର କରିପାରି ନ ଥିବା କହିଛନ୍ତି। ତେବେ ଏଥିରେ ରାବଣ ଭୂମିକାରେ ତାଙ୍କ ପିତା ମୋହନ ବାବୁ ନଜର ଆସନ୍ତୁ ବୋଲି ବିଷ୍ଣୁ ଇଚ୍ଛା କରିଛନ୍ତି।

## ରୁବିକ୍ କ୍ୟୁବ୍‌ରେ ଜାତୀୟ ପତାକା

ସାଧାରଣତଃ ରୁବିକ୍ କ୍ୟୁବ୍ ସମାଧାନ କରିବା ଆଦୌ ସହଜ ନୁହେଁ। ନିକଟରେ ଗୁଜରାଟ ଅହମ୍ମଦାବାଦର ୬ ବର୍ଷର ବାଳିକା ମିତଭି ଗୁପ୍ତା ରୁବିକ୍ କ୍ୟୁବ୍‌ରେ ଭାରତର ଜାତୀୟ ପତାକା ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିତଭି ପ୍ରଥମ ଶ୍ରେଣୀର ଛାତ୍ରୀ। ସ୍କେଟିଂ କରିବାବେଳେ ସେ ରୁବିକ୍ କ୍ୟୁବ୍‌ରେ ମାତ୍ର ୬ ସେକେଣ୍ଡରେ ଜାତୀୟ ପତାକା ତିଆରି କରି ସମସ୍ତଙ୍କୁ ବିସ୍ମିତ କରି ଦେଇଛନ୍ତି। ଏପରି କରି ସେ ତାଙ୍କର ବୁଦ୍ଧିମତା, ଶାରୀରିକ ଫୂର୍ତ୍ତି ସହ ଦେଶଭକ୍ତିର ଏକ ନିଆରା ସଂଯୋଗକୁ ଦେଖାଇଛନ୍ତି। ଗତବର୍ଷ ନଭେମ୍ବର ମାସରେ ସେ ସ୍କେଟିଂ ଶିଖିବା ଆରମ୍ଭ କଲେ। ଏହାର ମାସକ ପରେ ସେ ରୁବିକ୍ କ୍ୟୁବ୍ ପ୍ରଶିକ୍ଷଣ ନେଲେ। ପ୍ରଥମେ ସେ ଦୁଇ ମିନିଟ୍‌ରେ ଏଥିରେ ଜାତୀୟ ପତାକା ତିଆରି କରୁଥିଲେ। ପରବର୍ତ୍ତୀ ସମୟରେ ମିତଭି ଲଗାତାର ଅଭ୍ୟାସ କରିବା ପରେ ଏହାକୁ ୬ ସେକେଣ୍ଡରେ କରିବାରେ ସଫଳ ହେଲେ। ସେହିପରି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରିବାକୁ ତାଙ୍କ ପ୍ରଶିକ୍ଷକ ଶିଖାଇ ନ ଥିଲେ। ମିତ୍‌ଭି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରୁଥିବା ଦେଖି ତାଙ୍କ ମା' ନିକିତା ତାଙ୍କ ପ୍ରଶିକ୍ଷକଙ୍କୁ ଜଣାଇଲେ। ଯାହାକୁ ଦେଖି ପ୍ରଶିକ୍ଷକ ଜଣକ ଆଶ୍ଚର୍ଯ୍ୟ ହେଲେ। ଅବଶ୍ୟ ଏବେ ସେ ଆଖି ବନ୍ଦ କରି ସ୍କେଟିଂ କରିବା ବେଳେ ରୁବିକ୍ କ୍ୟୁବ୍ ସମାଧାନ କରିବା ଶିଖୁଛନ୍ତି। ଭାରତ ସମେତ ରୁବିକ୍ କ୍ୟୁବ୍‌ରେ ସେ ଜାପାନ, ଫ୍ରାନ୍ସ, ପୋଲାଣ୍ଡ ଆଦିର ଜାତୀୟ ପତାକା ତିଆରି କରିବା ଶିଖୁଛନ୍ତି। ଅନ୍ୟପଟେ ତାଙ୍କ ପରିବାର ଲୋକ ତାଙ୍କର ଭିଡିଓ ଓ ଅନ୍ୟାନ୍ୟ ତଥ୍ୟଗୁଡ଼ିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡକୁ ପ୍ରଦାନ କରିଛନ୍ତି। ଏହାସହ ଗିନିଜ୍ ବିଶ୍ୱ ରେକର୍ଡରେ ଏନେଇ ଆବେଦନ କରିବାର ବି ସେମାନେ ଯୋଜନା ରଖିଛନ୍ତି।




## ସୁପରମାର୍କେଟର ଆକର୍ଷଣ ବିଶାଳ ପଥର

ସାଧାରଣତଃ ସପିଂ ମଲ୍‌ରେ ଅନେକ ଜିନିଷ ଦେଖିବାକୁ ମିଳିଥାଏ। ତା'ସହ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କିଛି ନିଆରା ଜିନିଷ ରଖାଯାଏ। ହେଲେ ସପିଂ ମଲ୍ ଭିତରେ କେହି କେବେ ଏକ ବିଶାଳକାୟ ପଥର ଦେଖି ନ ଥିବେ। ଏସ୍ତୋନିଆର ହାବନେମେ ସହରର ଭିମସି ସପିଂ ସେଣ୍ଟରର ଆକର୍ଷଣ ସାଜିଛି ଏକ ବିଶାଳକାୟ ପଥର।

ସେହିପରି ଏହି ବିଶାଳ ପଥର ପାଇଁ ହିଁ ଉକ୍ତ ମଲ୍ ଖୁବ୍ ଲୋକପ୍ରିୟ। ପଥରଟି ସପିଂ ମଲ୍‌ର ମଝାମଝିରେ ରଖାଯାଇଛି। ପଥରର ମୋଟେଇ ୨୨ ମିଟର ହୋଇଥିବା ବେଳେ ଉଚ୍ଚତା ୬ ମିଟର। କିଣାକିଣି କରିବା ସମୟରେ ଏହି ପଥରଟି ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସପିଂ ସେଣ୍ଟର ନିର୍ମାଣ ହେବାର ଦୀର୍ଘ ବର୍ଷ ପୂର୍ବରୁ ଏହି ପଥର ଏଠାରେ ଥିଲା। ଏନେଇ ବିଶେଷଜ୍ଞମାନେ କୁହନ୍ତି, ଏହା ପ୍ରାୟ ୧୦ ହଜାର ବର୍ଷ ପୁରୁଣା। ସେପ୍ଟେମ୍ବର ୨୦୧୪ ମସିହାରେ ଯେତେବେଳେ ଏହି ମଲ୍‌ର ନିର୍ମାଣ ଆରମ୍ଭ ହେଲା, ଶ୍ରମିକମାନେ ପ୍ରଥମେ ଏହାକୁ ଡିନାମାଇଟ୍‌ରେ ଉଡ଼ାଇବାକୁ ଯୋଜନା କରିଥିଲେ। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏହି ବିଶାଳ ପଥରଟି ପ୍ରକୃତରେ ଏକ ଇରୋଟିକ୍ ବୋଲଡର। ଏହା ଅତ୍ୟନ୍ତ ଦୁର୍ଲଭ ପଥର। ଗ୍ଲେସିୟର୍ ତରଳିବା ସମୟରେ ଏଭଳି ବିଶାଳକାୟ ପଥର ଚଟ୍ଟାଣଗୁଡ଼ିକ ଦୂରଦୂରାନ୍ତକୁ ଭାସି ଆସିଥାନ୍ତି। ତେଣୁ ଏହା ସ୍ଥାନୀୟ ପଥରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଥାଏ। ଏଥିପାଇଁ ଏହି ପଥରଗୁଡ଼ିକ ଉଭୟ ବୈଜ୍ଞାନିକ ଓ ଐତିହାସିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଖାସ୍ ଏଥିପାଇଁ ଏହି ପଥରଟିକୁ ସଂରକ୍ଷିତ ଐତିହ୍ୟସ୍ଥଳ ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଅନ୍ୟପଟେ ଭୂତତ୍ତ୍ୱବିତ୍‌ମାନେ ଏହାକୁ ସ୍ୱତନ୍ତ୍ର କହିବାରୁ ଲୋକମାନେ ମଧ୍ୟ ଏହି ପଥରକୁ ଏଠାରୁ ନ ହଟେଇବା ପାଇଁ ଏକାଠି ହେଲେ। ଏହାପରେ ସପିଂ ମଲ୍ ଭିତରେ ହିଁ ଏହି ପଥରଟିକୁ ରଖାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏବେ ଏହି ପଥରଟିକୁ ଦେଖିବାକୁ କେବଳ ସ୍ଥାନୀୟ ଲୋକେ ନୁହେଁ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି।



## ସଞ୍ଜୀବନୀ

## ଟାଟ୍



ଆଜିକାଲି କାର୍ଯ୍ୟ ଚାପ ଓ ବ୍ୟସ୍ତବହୁଳତା ଯୋଗୁଁ ଶରୀରର ଯତ୍ନ ନେବା ପ୍ରାୟତଃଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଫଳରେ କିଛି ଜଣ ଦିନସାରା ଅଳସୁଆ, କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣକୁ ଅଧିକାଂଶ କାମ ଚାପ ଭାବି ଅଣଦେଖା ବି କରିଦିଅନ୍ତି। ତେବେ ସର୍ବଦା ଥକ୍କାପଣ ଅନୁଭବ କରୁଥିଲେ ଜଣେ ଟାଟ୍ (TATT) ରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଟାଟ୍ ଏପରି ଏକ ଟର୍ମ ଯାହା ସାହାଯ୍ୟରେ ଶରୀରରେ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍‌ର ଅଭାବ ବିଷୟରେ ଜଣାପଡ଼ିଥାଏ।

ଟାଟ୍‌ର ଅର୍ଥ ହେଉଛି 'ଟାୟାର୍ଡ ଅଲ୍ ଦ ଟାଇମ୍' ତଥା ସର୍ବଦା ଥକ୍କା ଅନୁଭବ କରିବା। ୟୁଏସଏ, ହାର୍ଭର୍ଡ ୟୁନିଭର୍ସିଟି ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଗବେଷଣାରୁ ୟୁଏସ୍‌ଏରେ ୧୮% ଲୋକଙ୍କଠାରେ ଭିଟାମିନ୍ ବି-୧୨ଅଭାବ ଜନିତ ଲକ୍ଷଣ ଦେଖିବାକୁ ମିଳିଛି। ଏହା ଏକ ଗମ୍ଭୀର ସ୍ଥିତି। ଏଥିରେ ଥକ୍କା ଲାଗିବା, ଦୁର୍ବଳ ଅନୁଭବ, ସ୍ମରଣଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଇଥାଏ। ଥକ୍କାପଣ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ଫଳରେ ମନ ଖରାପ ହୁଏ। ଚିଡ଼ିଚିଡ଼ାପଣ ବଢ଼ିଯିବା ସହ ଅବସାଦ ହେବାର ଆଶଙ୍କା ଥାଏ। ଏହା ମୁଖ୍ୟତଃ ଭିଟାମିନ୍ ବି -୧୨ର ଅଭାବରୁ ହିଁ ହୋଇଥାଏ। ଭିଟାମିନ୍ ବି-୧୨ ଶରୀର ସହ ସ୍ନାୟୁ ପ୍ରଣାଳୀ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାର ଅଭାବରୁ ରକ୍ତହୀନତା, ପ୍ଲେଟଲେଟ୍ କମିବା, ବିଭିନ୍ନ ରୋଗ, ଅନିଦ୍ରା, ଭୋକ ନ ଲାଗିବା, ଓଜନ ହ୍ରାସ, ଅସ୍ଥି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ନଖ ଭାଙ୍ଗିବା, ହାତ ଗୋଡ଼ ଝିମ୍ ଝିମ୍ ଆଦି ହୋଇଥାଏ।

ତେଣୁ ଥକ୍କାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ ଭିଟାମିନ୍ ବି-୧୨ର ସପ୍ଲିମେଣ୍ଟ ଖାଇବା ଆବଶ୍ୟକ। ଡାଏଟ୍‌ରେ ପାଳଙ୍ଗ, ବିଟ୍, ବିନ୍ସ, ଡାଲି, ଦୁଗ୍ଧଜାତଦ୍ରବ୍ୟ, କଦଳୀ, ଦହି, ଛତୁ ଆଦି ସାମିଲ କରିପାରିବେ। ଏହା ଶରୀରରେ ରକ୍ତ ପରିମାଣ ବୃଦ୍ଧି କରି ଥକ୍କାପଣ ହ୍ରାସ କରେ। ଶରୀରକୁ ଶକ୍ତି ଯୋଗାଇଥାଏ।

## ବିଶ୍ୱ ଆଇଭିଏଫ୍ ଦିବସ



ମାତୃତ୍ୱ ଜଣେ ନାରୀ ଜୀବନରେ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ହେଲେ ପ୍ରତ୍ୟେକ ମହିଳା ସନ୍ତାନ ସୁଖ ଲାଭ କରିପାରନ୍ତିନି। ତେବେ ନିଃସନ୍ତାନ ମହିଳାଙ୍କୁ ମା' ହେବାର ସୌଭାଗ୍ୟ ପ୍ରଦାନ କରୁଛି ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍ ତଥା (ଆଇଭିଏଫ୍) କୌଶଳ। ଚିକିତ୍ସା କ୍ଷେତ୍ରରେ ଏହି କୌଶଳ ପ୍ରୟୋଗର ସଠିକ୍ ତଥ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୫ ତାରିଖରେ 'ବିଶ୍ୱ ଆଇଭିଏଫ୍ ଦିବସ' ପାଳନ କରାଯାଇଆସୁଛି। ଏହା ଲୁଇସ୍ ବ୍ରାଉନ୍‌ଙ୍କ ଜୟନ୍ତୀର ପ୍ରତୀକ। କାରଣ ୧୯୭୮ ମସିହାରେ ଆଇଭିଏଫ୍ ମାଧ୍ୟମରେ ଜନ୍ମ ଗ୍ରହଣ କରିଥିବା ସେ ବିଶ୍ୱର ପ୍ରଥମ ଟେଷ୍ଟଟ୍ୟୁବ୍ ସନ୍ତାନ।

ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍(ଆଇଭିଏଫ୍) ଏକପ୍ରକାର ସହାୟକ ପ୍ରଜନନ କୌଶଳ। ଟେଷ୍ଟଟ୍ୟୁବ୍ ଶିଶୁ ଭାବେ ଏହା ଜଣାଶୁଣା। ଯେତେବେଳେ ପ୍ରାକୃତିକ ଗର୍ଭଧାରଣ ସମ୍ଭବ ହୁଏ ନାହିଁ ତଥା ବାରମ୍ବାର ବିଫଳ ହୋଇଥାଏ, ଫାଲୋପିଆନ ଟ୍ୟୁବ୍ ବନ୍ଦ ହେଲେ, କମ୍ ସଂଖ୍ୟକ ଓ ଦୁର୍ବଳ ଶୁକ୍ରାଣୁ, ଶୁକ୍ରାଣୁ ସକ୍ରିୟ ନ ଥିଲେ କିମ୍ବା ଅଧିକ ବୟସରେ ମା' ହେବା ଆଦି ବିଭିନ୍ନ ସ୍ଥିତିରେ ଆଇଭିଏଫ୍ କୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଏ। ଆଇଭିଏଫ୍ କରିବା ପୂର୍ବରୁ ନିଃସନ୍ତାନ ଦମ୍ପତ୍ତିଙ୍କ ଅନେକ ପରୀକ୍ଷା ଯଥା- ମହିଳାଙ୍କ ପାଇଁ ଓଭ୍ୟୁଲେସନର ମୂଲ୍ୟାଙ୍କନ, ଫାଲୋପିଆନ୍ ଟ୍ୟୁବ୍ ପରୀକ୍ଷା, ଗର୍ଭାଶୟ ଗୃହର ମୂଲ୍ୟାଙ୍କନ, ଏକ ମୌଳିକ ହରମୋନ୍ ପ୍ରୋଫାଇଲ୍ ଏବଂ ପୁରୁଷମାନଙ୍କ ପାଇଁ ଶୁକ୍ରାଣୁ ବିଶ୍ଳେଷଣ ପରି ପ୍ରାଥମିକ ପରୀକ୍ଷା କରାଯାଇଥାଏ। ଆଇଭିଏଫ୍ ପ୍ରକ୍ରିୟାରେ ଏକ ପରୀକ୍ଷାଗାରରେ ଏକ ପରିପକ୍ୱ ଡିମ୍ବାଣୁକୁ ଶୁକ୍ରାଣୁ ସହିତ ପ୍ରଜନନ କରାଯାଏ। ଏହା ପରେ ଭ୍ରୂଣକୁ ଗର୍ଭାଶୟକୁ ସ୍ଥାନାନ୍ତରିତ କରାଯାଏ। ସ୍ଥାନାନ୍ତରଣ କରିବାର ପାଖାପାଖି ଦୁଇ ସପ୍ତାହ ପରେ କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ। ତେବେ ପ୍ରଶିକ୍ଷିତ ପ୍ରଜନନ ବିଶେଷଜ୍ଞଙ୍କ ପରାମର୍ଶରେ ଏହି ଚିକିତ୍ସା ପଦ୍ଧତି ଆପଣାଇବା ନିତାନ୍ତ ଆବଶ୍ୟକ। ଆଇଭିଏଫ୍‌କୁ ମୁଖ୍ୟତଃ ସୁରକ୍ଷିତ ବିବେଚନା କରାଗଲେ ମଧ୍ୟ ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଯେମିତିକି- ପେଟଜନିତ ସମସ୍ୟା, ବିଚଳିତ ଲାଗିବା, ହର୍ମୋନାଲ ଅସନ୍ତୁଳନ, ମୁଣ୍ଡବିନ୍ଧା ଆଦି ଦେଖାଯାଇଥାଏ। ତେଣୁ ରୋଗୀର ବୟସ, ଚିକିତ୍ସା ପ୍ରକାର ତଥା ପ୍ରତିକ୍ରିୟା ଆଧାରରେ ଚିକିତ୍ସା କରାଯାଏ।

## ସୁଗାର ବ୍ରେଥ୍ ଆନାଲାଇଜର

### ନିଃଶ୍ୱାସରୁ ଜାଣି ହେବ ରକ୍ତ ଶର୍କରା ସ୍ତର




ଅନିୟମିତ ଓ ଅନିୟନ୍ତ୍ରିତ ଜୀବନଶୈଳୀ, କାର୍ଯ୍ୟ ଚାପ, ଅନିଦ୍ରା, ଦୁଶ୍ଚିନ୍ତା, ଯୋଗ ବ୍ୟାୟାମର ଅଭାବ ଆଦି କାରଣରୁ ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ଯେକୌଣସି ବୟସର ବ୍ୟକ୍ତି ଏହି ରୋଗର ପୀଡ଼ିତ ହେଉଛନ୍ତି। ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ତେଣୁ ଶର୍କରାସ୍ତର ଜାଣିବା ପାଇଁ ସାଧାରଣତଃ ରକ୍ତ ବାହାର କରି ଗ୍ଲୁକୋମିଟର ସାହାଯ୍ୟରେ ପରୀକ୍ଷା କରିବାକୁ ପଡ଼ିଥାଏ। ହେଲେ ଏବେ ଶରୀରରୁ ରକ୍ତ ବାହାର ନ କରି ତଥା ବିନା ଛୁଞ୍ଚି ପ୍ରୟୋଗରେ ରକ୍ତ ଶର୍କରା ସ୍ତର ଜାଣିହେବ। ମଧ୍ୟପ୍ରଦେଶ, ଜଟାଶଙ୍କର ତ୍ରିବେଦୀ ଶାସକୀୟ ମହାବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରମିଳିତ ଭାବେ ଏକ ଉପକରଣ ବିକଶିତ କରିଛନ୍ତି। ଏହାର ନାଁ ରହିଛି ସୁଗାର ବ୍ରେଥ୍ ଏନାଲାଇଜର ତଥା ସୁଗାର ବ୍ରେଥ୍ ଏସି ୩.୦। ଏହି ଉପକରଣ ଥରେ ଫୁଙ୍କିଲା ମାତ୍ରେ ନିଃଶ୍ୱାସରୁ ରକ୍ତ ଶର୍କରାର ମାତ୍ରା କେତେ ରହିଛି ତାହା କିଛି ସେକେଣ୍ଡରେ ଜଣାପଡ଼ିଥାଏ। ଉପକରଣଟି ନିଃଶ୍ୱାସରେ ଥିବା ଏସିଟୋନର ପରିମାଣକୁ ବିଶ୍ଳେଷଣ କରିଥାଏ। ସାଧାରଣତଃ ଶରୀରରେ ରକ୍ତ ସର୍କରାସ୍ତର ବଢ଼ିଗଲେ, ଏସିଟୋନ ମାତ୍ରା ମଧ୍ୟ ବଢ଼ିଯାଏ। ତେବେ ଏହି ମେସିନ୍‌ରେ ତିନି ପ୍ରକାରର ସୂଚକ ରହିଛି। ତେଣୁ ଏହି ମେସିନ୍‌କୁ ଫୁଙ୍କିଲେ ଏହା ଏସିଟୋନ୍‌ର ମାତ୍ରାକୁ ମାପି ସର୍କରାସ୍ତର ଯଥା- ରକ୍ତ ଶର୍କରାସ୍ତର କମ୍, ମଧ୍ୟମ ଏବଂ ଅତ୍ୟଧିକ ଅଛି କି ନାହିଁ ତାହାର ଅନୁମାନ ଲଗାଇପାରିବ। ରକ୍ତଶର୍କରାସ୍ତର ଅଧିକ ଥିଲେ ମଧୁମେହ ହେବା ଆଶଙ୍କା ବଢ଼ାଇଥାଏ।

## ଡିଟକ୍ସ ଫ୍ରୁଟ୍

ମନୁଷ୍ୟ ଶରୀରର ଯକୃତ ଏବଂ ବୃକ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶରୀରର ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ଯକୃତ ଏବଂ ବୃକ୍କ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଲେ ଜଣେ ସୁସ୍ଥ ଓ ନୀରୋଗ ରହିପାରିବ। ଏଥିପାଇଁ ଡାଏଟ୍‌ରେ ଡିଟକ୍ସ ଫ୍ରୁଟ୍ସ ସାମିଲ କରିପାରିବେ।

ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ। ଏହା ପାଚନତନ୍ତ୍ରକୁ ଠିକ୍ ରଖେ। ଯକୃତକୁ ଶୁଦ୍ଧ କରିଥାଏ। ଏଥିରେ ଥିବା ଏନ୍‌ଜାଇମ୍ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ। ତେଣୁ ଦୈନିକ ଅମୃତ ଭଣ୍ଡା ଖାଇପାରିବେ। ସେହିପରି ଭୂଇଁ ଅଁଳା ରସ ୧୦ ମିଲିକୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ କାଢ଼ିବାରେ ଅଁଳା, ବାହାଡ଼ା ଓ ହରିଡାର ଭୂମିକା ମଧ୍ୟ ଯଥେଷ୍ଟ ରହିଛି।

ଲାଲ୍ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଭରପୁର ଥାଏ। ଏହା ଯକୃତ୍ ଏବଂ ବୃକ୍କକୁ ସଫା କରିବାରେ ସାହାଯ୍ୟ କରେ। ଏହା ରକ୍ତ ସଫା କରିଥାଏ। ତେଣୁ ବୃକ୍କ ଏବଂ ଯକୃତଜନିତ ସମସ୍ୟା ଥିବା ଲୋକଙ୍କ ପାଇଁ ଏହା ସବୁଠୁ ଭଲ ଫଳ।

ଡାଳିମ୍ବ ରକ୍ତ ବୃଦ୍ଧି କରିବା ସହ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଏଥିରେ ଥିବା ପୋଷକତତ୍ତ୍ୱ ଯକୃତ ଏବଂ ବୃକ୍କକୁ ଶକ୍ତି ଯୋଗାଇବା ସହ ସୁସ୍ଥ ରଖିଥାଏ।

ଆଭାକାଡୋକୁ ସୁପରଫୁଡ ବୋଲି ବିବେଚନା କରାଯାଏ। ଏଥିରେ ଫ୍ୟାଟ୍ ଏବଂ ଗ୍ଲୁଟାଥିୟୋନ ନାମକ ତତ୍ତ୍ୱ ଥିବାରୁ ଏହା ଯକୃତ୍‌କୁ ସଫା କରିବାରେ ସାହାଯ୍ୟ କରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଫଳ ଖାଇବା ଆବଶ୍ୟକ। ଅନ୍ୟପଟେ ଲେମ୍ବୁରେ ଭିଟାମିନ୍ ସି ଭରପୁର ମାତ୍ରା ଥାଏ। ଏହା ମଧ୍ୟ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ତେଣୁ ନିୟମିତ ଲେମ୍ବୁ ପାଣି ପିଇବା ସହିତ ଡାଏଟରେ କମଳା ସାମିଲ କରିପାରିବେ।



# ପନ୍ତଙ୍କ ଅଦମ୍ୟ ସାହସ: ଆହତ ସତ୍ତ୍ୱେ ଅର୍ଦ୍ଧଶତକ

ଓଲ୍ଡ ଟ୍ରାଫୋର୍ଡ, ୨୪।୭ (ଏଜେନ୍ସି): ଏହି ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇ ରିଟାୟର୍ଡ ହର୍ଟ ହୋଇଥିବା ଭାରତୀୟ ୱିକେଟ ରକ୍ଷକଋଷଭ ପନ୍ତ ସାହସ ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ବ୍ୟାଟିଂ କରିଥିଲେ। କ୍ରିସ୍ ଓକ୍ସଙ୍କ ବୋଲିଂରେ ପନ୍ତ ବ୍ୟାଟିଂ କରୁଥିଲାବେଳେ ତାଙ୍କ ବ୍ୟାଟ ବୁଢ଼ା ଆଙ୍ଗୁଠିରେ ଜୋର୍‌ରେ ବାଜିଥିଲା। ଏହାର ଅଳ୍ପ ସମୟ ପରେ ତାଙ୍କୁ ରିଟାୟର୍ଡ ହର୍ଟ ହେବାକୁ ପଡ଼ିଥିଲା। ସ୍କାନ୍ ରିପୋର୍ଟରୁ ଏହି ଆଘାତ ସମସ୍ୟାକୁ ମୁକୁଳିବା ଲାଗି ଅତି କମ୍‌ରେ ୨ ମାସ ସମୟ ଲାଗିବ। ଏହା ଫଳରେ ଏହି ଟେଷ୍ଟରେ ସେ ଆଉ ୱିକେଟ କିପିଙ୍ଗ କରିବେ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଥିଲା। କିନ୍ତୁ ସେ ଭାରତର ଅସମାପ୍ତ ପ୍ରଥମ ଇନିଂସରେ ବ୍ୟାଟିଂ କରିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଉପରେ ଛାଡିଦିଆଯାଇଥିଲା। ଆଜି ଦ୍ୱିତୀୟ ଦିନରେ ଶାର୍ଦ୍ଦୁଳ ଠାକୁର ଦଳୀୟ ସ୍କୋର ୩୧୪ ରନ୍‌ରେ ଆଉଟ ହେବା ପରେ ସମସ୍ତଙ୍କୁ ଚକିତ କରି ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ତାଙ୍କ କରତାଳି ମାରି ସ୍ୱାଗତ କରିଥିଲେ। ସେ ତାଙ୍କ ସାହସ ପ୍ରଦର୍ଶନ କରି ୱିକେଟ ମଝିରେ ଦୌଡ଼ି ପାରି ନ ଥିଲେ ମଧ୍ୟ ଚୌକା ଓ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ଗତକାଲି ସେ ୪୮ ବଲ୍‌ରେ ୩୭ ରନ୍ କରି ରିଟାୟର୍ଡ ହୋଇଥିଲେ। ଆଜି ସେ ଆଉ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ଥିଲେ। ସେ ୬୯ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ମୋଟ ୭୫ ବଲ୍ ଖେଳି ୫୪ ରନ୍‌ରେ ଜୋଫ୍ରା ଆର୍ଚରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ।

### ଟେଷ୍ଟ ସିରିଜ୍‌ରେ ସର୍ବାଧିକ ଅର୍ଦ୍ଧଶତକ

ଏହି ଟେଷ୍ଟରେ ପନ୍ତ ୫୪ ରନ୍‌ରେ ଆଉଟ ହେବା ପୂର୍ବରୁ ଜଣେ ଭାରତୀୟ ୱିକେଟ ରକ୍ଷକ ଭାବେ ବିଦେଶ ମାଟିରେ ସର୍ବାଧିକ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ପନ୍ତଙ୍କ ଏହା ଥିଲା ୫ମ ଥର ୫୦ରୁ ଅଧିକ ସ୍କୋର। ଏହା ମଧ୍ୟରେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ସେହିପରି ବିଦେଶ ମାଟିରେ ଭାରତର ଆଉ ୨ଜଣ ୱିକେଟ ରକ୍ଷକ ଫାରୁକ୍ ଇଞ୍ଜିନିୟର ୧୯୭୨/୭୩ ଇଂଲଣ୍ଡ ଟୁର୍ ଓ ମହେନ୍ଦ୍ର ସିଂ ଧୋନି ୨ଥର ୪ଟି ଲେଖାଏଁ ୫୦ରୁ ଅଧିକ ସ୍କୋର କରିଥିଲେ। ୨୦୦୮-୦୯ ଅଷ୍ଟ୍ରେଲିଆ ଓ ୨୦୧୪ ଇଂଲଣ୍ଡ ଟୁର୍‌ରେ ଧୋନିଙ୍କୁ ଏହି ସଫଳତା ମିଳିଥିଲା।

ଜବରଦସ୍ତ ଫର୍ମରେ ଥିବା ପନ୍ତ ଏହି ଟୁର୍‌ରେ ଜଣେ ୱିକେଟ ରକ୍ଷକ ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ୪୭୯ ରନ୍ କରି ଇଂଲଣ୍ଡ ୱିକେଟକିପର ଆଲେକ ଷ୍ଟିୱାର୍ଟଙ୍କ ୪୬୪ ରନ୍‌ର ରେକର୍ଡ ଅତିକ୍ରମ କରିଛନ୍ତି। ପନ୍ତଙ୍କ ଶେଷ ଟେଷ୍ଟ ଖେଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କ ଭଳି ଇଂଲଣ୍ଡ ୱିକେଟ ରକ୍ଷକ ଜେମି ସ୍ମିଥ୍ ଜବରଦସ୍ତ ଫର୍ମରେ ଥାଇ ୪୧୫ ରନ୍ କରିଛନ୍ତି।

### ୮ ବର୍ଷ ପରେ ଷ୍ଟୋକ୍ସଙ୍କୁ ମିଳିଲା ୫ ୱିକେଟ; ଡକେଟ ୯୪ ଓ କ୍ରାଲୀ ୮୪

# ଭାରତକୁ ଇଂଲଣ୍ଡର ଲହୁଆ ଜବାବ

ଓଲ୍ଡ ଟ୍ରାଫୋର୍ଡ,୨୪।୭ (ଏଜେନ୍ସି):

ବେନ୍ ଡକେଟଙ୍କ ୯୪ ଓ ଜ୍ୟାକ୍ କ୍ରାଲୀଙ୍କ ୮୪ ରନ୍ ଏବଂ ଏମାନଙ୍କ ଓପନିଂ ପାର୍ଟନରସିପ୍‌ରୁ ୧୬୬ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଭାରତକୁ କଡ଼ା ଜବାବ ଦେଇଛି ଇଂଲଣ୍ଡ। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ସ୍କୋର ୩୫୮ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ୨ ୱିକେଟରେ ୨୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଓଲି ପୋପ୍ ୨୦ ଓ ଜୋ ରୁଟ୍ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଅଂଶୁଲ କାମ୍ବୋଜ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ପୂର୍ବରୁ ୮ ବର୍ଷର ବ୍ୟବଧାନ ପରେ ବେନ୍ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଘରୋଇ ମାଟିରେ ୧୯୮୩ରେ ବବ୍ ୱିଲ୍ସ (୫/୩୫)ଙ୍କ ପରେ ଇଂଲଣ୍ଡ ଅଧିନାୟକ ଭାବେ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ପୂର୍ବରୁ ଭାରତର ପ୍ରଥମ ଇନିଂସରେ ଆଜି ଦ୍ୱିତୀୟ ଦିନରେ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ଆହତ ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ୫୪, ଶାର୍ଦ୍ଦୁଳ ଠାକୁର ୪୧ ଓ ୱାଶିଂଟନ ସୁନ୍ଦର ୨୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ୫ ୱିକେଟ ବ୍ୟତୀତ ଜୋଫ୍ରା ଆର୍ଚରଙ୍କୁ ୩ଟି ୱିକେଟ ମିଳିଛି। ଏହି ଟେଷ୍ଟ ସିରିଜ୍‌ରେ ତୃତୀୟ ମ୍ୟାଚ୍ ଶେଷ ସୁଦ୍ଧା ଭାରତ ୧-୨ରେ ପଛୁଆ ରହିଛି।



ଚତୁର୍ଥ ଟେଷ୍ଟ
୨ୟ ଦିନ

### ଠାକୁର-ସୁନ୍ଦରଙ୍କ ଚମତ୍କାର ପାର୍ଟନରସିପ୍

ଏହି ଟେଷ୍ଟର ଦ୍ୱିତୀୟ ଦିନ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୨୬୪ ରନ୍‌ରୁ ଖେଳ ଆରମ୍ଭ କରି ୱିକେଟ ହରାଥିଲା। ଇଂଲଣ୍ଡ ଦ୍ୱିତୀୟ ନୂଆ ବଲ୍ ନେବା ପରେ ଜୋଫ୍ରା ଆର୍ଚର ବୋଲିଂ କରିଥିବା ପ୍ରଥମ ଓଭରର ପ୍ରଥମ ୩ଟି ବଲ୍‌ରେ ଦୁଇ ଅପରାଜିତ ବ୍ୟାଟର ଜାଡେଜା ଓ ଠାକୁର ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ। କିନ୍ତୁ ୫ମ ବଲ୍‌ରେ ସେ ଜାଡେଜାଙ୍କ ବ୍ୟାଟ୍‌ରେ ଏଜ୍ କରାଇ ୱିକେଟ ନେବାରେ ସମର୍ଥ ହୋଇଥିଲେ। ସେ ପୂର୍ବଦିନର ସ୍କୋରରେ ଆଉ ଗୋଟିଏ ରନ୍ ଯୋଡି ୨୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଠାକୁରଙ୍କ ସହ ଯୋଗଦେଇ ୱାଶିଂଟନ ସୁନ୍ଦର ୧୦୧ଟି ବଲ୍‌ର ସାମ୍ନା କରି ୪୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ୩୦୦ ରନ୍ ମାର୍କ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ବ୍ୟାଟର ୧୫ ଓଭର ଲେଖାଏଁ କ୍ରିଜ୍‌ରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଠାକୁର ୮୮ଟି ବଲ ଖେଳି ୫ ଚୌକା ସହ ୪୧ ଓ ସୁନ୍ଦର ୯୦ ବଲ୍ ଖେଳି ୨ ଚୌକା ସହ ୨୭ ରନ୍ କରିଥିଲେ। ଆହତ ହୋଇ ଗତକାଲି ୩୭ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ ବ୍ୟାଟିଂ କରିବାକୁ ଆସି ଆଉ ୧୭ ରନ୍ ଯୋଗ କରିଥିଲେ। ତାଙ୍କର ସାହସିକ ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଇନିଂସରେ ୩୫୦ ରନ୍ ଅତିକ୍ରମ କରିଥିଲା।

### ବେନ୍‌ଙ୍କ ଚତୁର ବୋଲିଂ

ଏହି ଟେଷ୍ଟରେ ଯାହା ପୂର୍ବାନୁମାନ କରାଯାଉଥିଲା, ତାହା ହେଲା ନାହିଁ। ବଲ ସୁଇଂ ହେଲାନି କିମ୍ବା ବର୍ଷା ହେଲା ନାହିଁ। ପିଚ୍‌ରୁ ସହାୟତା ମିଳି ନ ଥିଲେ ମଧ୍ୟ ଇଂଲଣ୍ଡ ଦଳ ତାହାର ରଣନୀତି ବଦଳାଇ ଶେଷ ଭାଗ ବ୍ୟାଟରଙ୍କୁ ସର୍ଟ ପିଚ୍ ବଲରେ ଲୋଭନୀୟ ସଟ ଖେଳିବାକୁ ବାଧ କରିଥିଲେ। ଗତକାଲି ଷ୍ଟୋକ୍ସଙ୍କ ସର୍ଟପିଚ୍ ବଲ୍‌କୁ ପୁଲ କରିବାକୁ ଯାଇ ସୁଦର୍ଶନ ଓ ଆଜି ସୁନ୍ଦର ଆଉଟ ହୋଇଥିଲେ। ଗୋଟିଏ ପଟେ ନିରନ୍ତର ଭାବେ ଷ୍ଟୋକ୍ସ ଏଭଳି ବୋଲିଂ କରିବା ଫଳରେ ଭାରତ ତାହାର ଶେଷ ୫ ୱିକେଟ ୪୪ ରନ୍ ମଧ୍ୟରେ ହରାଇଥିଲା। ଏହା ମଧ୍ୟରୁ ଷ୍ଟୋକ୍ସ ୩ଟି ଓ ଆର୍ଚର ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ ୩ଟି ବଲ୍‌ରେ ଶୂନ, ତୃତୀୟ ଟେଷ୍ଟରେ ସାହସିକ ବ୍ୟାଟିଂ କରିଥିବା ଯଶପ୍ରୀତ୍ ବୁମ୍‌ରା ୭ ବଲ୍‌ରେ ୪ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସଙ୍କୁ ସର୍ବାଧିକ ୫ଟି ଓ ଆର୍ଚରଙ୍କୁ ୩ଟି ୱିକେଟ ମିଳିଥିଲା। କ୍ରିସ୍ ଓକ୍ସ ଓ ଲିଆମ ଡାଓସନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୫୮/୧୦, ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।
ଇଂଲଣ୍ଡ ପ୍ରଥମ ଇନିଂସ : ୨୨୫/୨, ୪୬ ଓଭର (ଡକେଟ-୯୪, କ୍ରାଲୀ-୮୪, ପୋପ୍- ୨୦*, ରୁଟ୍- ୧୧* ଜାଡେଜା-୧/୩୭, କାମ୍ବୋଜ-୧/୪୮)।

### ମହିଳା ଚେସ ବିଶ୍ୱକପ୍

# ଫାଇନାଲରେ ହମ୍ପି-ଦିବ୍ୟା ମୁକାବିଲା

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ଦିବ୍ୟା ଦେଶମୁଖ ଓ ଅଭିଜ୍ଞ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପ୍ରଥମଥର ଭାରତର ଦୁଇ ଖେଳାଳି ଫାଇନାଲ ଖେଳିବାରେ ଇତିହାସ ସୃଷ୍ଟି କରିଛନ୍ତି। ଏମାନଙ୍କ ପୂର୍ବରୁ କେହି ସେମିଫାଇନାଲ ଖେଳି ନ ଥିଲେ। ଗତ ସଂସ୍କରଣରେ ତାନିଆ ସଚଦେବା କ୍ୱାର୍ଟର ଫାଇନାଲରେ ପରାଜିତ ହେବା ଭାରତ ଲାଗି ଥିଲା ଶ୍ରେଷ୍ଠ ସଫଳତା।





ଜର୍ଜିଆର ବାଟୁମିଠାରେ ଚାଲିଥିବା ମହିଳା ଚେସ୍ ବିଶ୍ୱକପ୍‌ର ବୁଧବାର ରାତିରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ସେ ଚୀନ୍‌ର ତାନ୍ ଝୋଙ୍ଗୟିଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରି ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ ୧୯ ବର୍ଷୀୟା ଦିବ୍ୟା ମଧ୍ୟ ସର୍ବକନିଷ୍ଠ ଫାଇନାଲିଷ୍ଟ ହେବା ସହ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। କିନ୍ତୁ କୋନେରୁ ହମ୍ପି ଓ ଚୀନ୍‌ର ଆଉ ଜଣେ ଖେଳାଳି ଲେଇ ତିଙ୍ଗଜିଏଙ୍କ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ କ୍ଲାସିକ୍ ମୁକାବିଲା ୧-୧ ପଏଣ୍ଟରେ ଡ୍ର ରହିଥିଲା। ଏହା ଫଳରେ ଫଳାଫଳ ଜାଣିବା ଲାଗି ରାପିଡ୍ ଓ ବ୍ଲିଜ୍‌ରେ ଟାଇବ୍ରେକର ମୁକାବିଲା ହୋଇଥିଲା। ଏଥିରେ ହମ୍ପି ସହଜରେ ଲେଇଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଭାରତର ଦୁଇ ଖେଳାଳି ଦିବ୍ୟା ଓ ହମ୍ପିଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ଫାଇନାଲରେ ଉଭୟ ଖେଳାଳିଙ୍କ ପ୍ରବେଶ କରିବା ଅର୍ଥ ଉଭୟ କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସେମିଫାଇନାଲରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ହେବା ଫଳରେ ପ୍ରଥମଥର ଜଣେ ଭାରତୀୟ ମହିଳା ବିଶ୍ୱଚାମ୍ପିଅନ ହେବା ସ୍ପଷ୍ଟ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଜୁଲାଇ ୨୬ ଓ ୨୭ରେ ଖେଳାଯିବ। ଆବଶ୍ୟକ ହେଲେ ଜୁଲାଇ ୨୮ରେ ଟାଇବ୍ରେକର ମୁକାବିଲା ଖେଳାଯିବ।

### ୨୦୨୬ରେ ପୁଣି ଇଂଲଣ୍ଡ ଯିବ ଭାରତ

## ଏଥର ଖେଳିବ ୮ ସୀମିତ ଓଭର ମ୍ୟାଚ୍

ଲଣ୍ଡନ,୨୪।୭ (ଏଜେନ୍ସି): ଏବେ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଥିବା ଭାରତୀୟ କ୍ରିକେଟ ଦଳ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ପୁଣିଥରେ ଏହି ଦେଶ ଗସ୍ତରେ ଯିବ। ଏଥର ଦଳ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରହିଛି ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍। ଇଂଲଣ୍ଡର ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଏହା ଜଣାପଡ଼ିଛି। ଏହି ସିରିଜ୍ ୨୦୨୬ ଜୁଲାଇ ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ।

**ଖେଳସୂଚୀ : ଟି-୨୦ (୫)**

**ଜୁଲାଇ ୧:** ପ୍ରଥମ ଟି-୨୦, ଡରହାମ୍, **ଜୁଲାଇ ୪:** ଦ୍ୱିତୀୟ ଟି-୨୦, ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର, **ଜୁଲାଇ ୭:** ତୃତୀୟ ଟି-୨୦, ଟ୍ରେଣ୍ଟବ୍ରିଜ୍, ନଟିଂହାମ୍, **ଜୁଲାଇ ୯:** ଚତୁର୍ଥ ଟି-୨୦, ବ୍ରିଷ୍ଟୋଲ, **ଜୁଲାଇ ୧୧:** ପଞ୍ଚମ ଟି-୨୦, ସାଉଥାମ୍ପଟନ।

**ଖେଳସୂଚୀ : ଦିନିକିଆ (୩)**

**ଜୁଲାଇ ୧୪:** ପ୍ରଥମ ଦିନିକିଆ, ଏଜ୍‌ବାଷ୍ଟନ, ବର୍ମିଂହାମ୍, **ଜୁଲାଇ ୧୬:** ଦ୍ୱିତୀୟ ଦିନିକିଆ, ସୋଫିଆ ଗାର୍ଡେନ୍ସ, କାର୍ଡିଫ୍, **ଜୁଲାଇ ୧୯:** ତୃତୀୟ ଦିନିକିଆ, ଲର୍ଡ୍ସ, ଲଣ୍ଡନ।

### ■ ସାହାଣୀ କପ୍-୨୦୨୫

## କ୍ୱାର୍ଟରରେ ବରଗଡ଼-ସମ୍ବଲପୁର



କଟକ,୨୪।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୌଦ୍ଧ ଜୋନ୍‌ର ଦୁଇ ଦଳ ବରଗଡ଼ ଏବଂ ସମ୍ବଲପୁର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ୩ଟି ଜୋନ୍‌ର କ୍ୱାର୍ଟର ଫାଇନାଲ ରାଉଣ୍ଡ ଶେଷ ହୋଇଥିବାବେଳେ ୪ର୍ଥ ଦଳକୁ ଅପେକ୍ଷା ରହିଛି। ଗୁରୁବାର ବୌଦ୍ଧ ଜୋନ୍‌ରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ସମ୍ବଲପୁର ୩-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଛବିଳ କିଶାନ, ବିଜୁ ଓରାମ, ସନ୍ତୋଷ ମୁଣ୍ଡା ଗୋଲ୍ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲ୍‌ରେ ବଲାଙ୍ଗିରକୁ ହରାଇଛି। କନ୍ଧମାଳର ସେଖ ଫରିଦ ଏବଂ ଦେବାଶିଷ ରାମ ମାରାଣ୍ଡି, ବଲାଙ୍ଗିରର ସମ୍ବିତ ନାଏକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ୍ ସାମିଲ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଜାପାନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ଏସିଆନ୍ ଗେମ୍ସର ବିଂଶତମ ସଂସ୍କରଣରେ କ୍ରିକେଟ୍ ସାମିଲ ହୋଇଛି। ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୮ଟି ଏସୀୟ ଦଳ ଅଂଶଗ୍ରହଣ କରିବେ। ଫଳରେ ଏସିଆନ ଗେମ୍ସ ଇତିହାସରେ ୪ଥି ଥର ଲାଗି କ୍ରିକେଟ୍ କ୍ରିକେଟ୍ ଖେଳାଯିବ। ୨୦୧୦ ସଂସ୍କରଣରେ ପ୍ରଥମଥର କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ୨୦୨୩ରେ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ଚାମ୍ପିଅନ ହୋଇଥିଲା। ଏସିସିରେ ୩ଟି ନୂଆ ରାଷ୍ଟ୍ର ମଙ୍ଗୋଲିଆ, ଉଜବେକିସ୍ତାନ ଓ ଫିଲିପାଇନ୍ସକୁ ସାମିଲ କରାଯାଇଥିବା ଜଣାପଡ଼ିଛି।

## ଡବ୍ଲ୍ୟୁଡବ୍ଲ୍ୟୁଇ କିମ୍ବଦନ୍ତୀ ହୋଗାନଙ୍କ ବିୟୋଗ

ଫ୍ଲୋରିଡ଼ା, ୨୪।୭ (ଏଜେନ୍ସି): ଆମେରିକାର କିମ୍ବଦନ୍ତୀ ରେସଲର୍ ହଲ୍କ ହୋଗାନଙ୍କ ଗୁରୁବାର ରାତିରେ ବିୟୋଗ ଘଟିଛି। ହୃଦ୍‌ଘାତରେ ୭୧ ବର୍ଷ ବୟସରେ ତାଙ୍କର ନିଧନ ହୋଇଥିବା ୱାର୍ଲ୍ଡ ରେସଲିଂ ଏଣ୍ଟରଟେନମେଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁଇ) ପକ୍ଷରୁ କୁହାଯାଇଛି। ୧୧ ଅଗଷ୍ଟ ୧୯୫୩ରେ ଜନ୍ମିତ ହୋଗାନ ଆମେରିକାର ପ୍ରଫେସନାଲ ରେସଲିଂ ଡବ୍ଲ୍ୟୁଡବ୍ଲ୍ୟୁଇରେ ଜଣେ କିମ୍ବଦନ୍ତୀ ଯୋଦ୍ଧା ଥିଲେ। ୧୯୮୦ ଦଶକରୁ ସେ ଡବ୍ଲ୍ୟୁଡବ୍ଲ୍ୟୁଇରେ ପ୍ରବେଶ କରି ୬ଥର ଟାଇଟଲ୍ ଜିତିବାରେ ସଫଳ ହୋଇଥିଲେ। ୨୦୨୫ରେ ମଧ୍ୟ ସେ ଡବ୍ଲ୍ୟୁଡବ୍ଲ୍ୟୁଇରେ ସକ୍ରିୟ ରହିଥିଲେ।



### ଡ. ବିସି ରାୟ ଟ୍ରଫି

## ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

କଟକ, ୨୪।୭ (ସମିସ): ପଞ୍ଜାବର ଅମୃତସରରେ ଚାଲିଥିବା କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିର ଅନ୍ତିମ ଲିଗ୍‌ରେ ଓଡ଼ିଶା ବିଜୟ ହାସଲ କରିଛି। ଗୁରୁବାର ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶେଷ ଲିଗ୍‌ରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ପରେ ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଅଧିନାୟକ ଅମନ ଲାକ୍ରା ଏକମାତ୍ର ଗୋଲସ୍କୋର କରିଥିଲେ। ତେବେ ପ୍ରତିଯୋଗିତାରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। କର୍ଣ୍ଣାଟକ ଓ ମଣିପୁର ବିପକ୍ଷ ପ୍ରଥମ ଦୁଇ ଲିଗ୍ ମ୍ୟାଚରେ ଦଳ ପରାଜୟର ସମ୍ମୁଖୀନ ହୋଇଥିଲା।



### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫

## ଫାଇନାଲରେ ଅନିମେଶ

ଭୁବନେଶ୍ୱର, ୨୪।୭ (ସମିସ): ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ପୁରୁଷ ୨୦୦ ମିଟରରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ଅନିମେଶ କୁଜୁର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ସେମିଫାଇନାଲ ହିଟ୍ସ-୨ରେ ଅନିମେଶ ୨୦.୯୪ ସେକେଣ୍ଡ ସମୟ ନେଇ ୩ୟ ସ୍ଥାନରେ ରହି ଫାଇନାଲ୍ ଟିକଟ୍ ହାସଲ କରିଥିଲେ। ସେହିଭଳି ପୁରୁଷ ସଟ୍ ପୁଟ୍‌ରେ ସମରଦୀପ୍ ସିଂହ ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ୧୯.୧୦ ମିଟର ଫିଙ୍ଗିଥିଲେ। ସେହିଭଳି ମହିଳା ୫୦୦୦ ମିଟର ରେସ୍‌ରେ ସୀମା ୧୫ ମିନିଟ୍ ୫୫.୩୩ ସେକେଣ୍ଡରେ ରେସ୍ ଶେଷ କରି ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଟେନିସରେ ବୈଷ୍ଣବୀ ଅଦକର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅପରପକ୍ଷରେ ତୀରନ୍ଦାଜୀର ପୁରୁଷ କମ୍ପାଉଣ୍ଡ ଦଳ ଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



# ଉଷୁ ଖେଳାଳି ପ୍ରେମ ଓ ରାଜକୁମାରଙ୍କୁ ସମ୍ମାନିତ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୪।୭ (ସମିସ): ଜିନ୍ଦଲ ଫାଉଣ୍ଡେସନ ଉଷୁ ତାଲିମ କାର୍ଯ୍ୟକ୍ରମର ଦୁଇ ଯୁବ ଖେଳାଳି ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡାଙ୍କୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଭୟଙ୍କୁ ସମ୍ମାନିତ କରିବା ସହ ସେମାନଙ୍କର କଠିନ ପରିଶ୍ରମ ଓ ସାମରିକ କଳା ପ୍ରତି ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇଥିଲେ। ନିକଟରେ ରୁଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଷୁ ଚାମ୍ପିଅନସିପ୍‌ରେ ଏହି ଦୁଇ ଖେଳାଳି ୪୮ କିଗ୍ରା ଓ ୫୨ କିଗ୍ରାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ଜିନ୍ଦଲ ପାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, 'ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଦୁଇ ଯୁବ ଖେଳାଳି କେବଳ କ୍ରୀଡ଼ାରେ ଉତ୍କର୍ଷତା ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ସଠିକ ସମର୍ଥନ ମିଳିଲେ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ।' ସେହିଭଳି ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସଆର୍) ପ୍ରଶାନ୍ତ ହୋତା କହିଛନ୍ତି, 'ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଓ ସାଂସଦ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ କାର୍ଯ୍ୟକାରୀ ହୋଇଥିବା ଉଷୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜୀବନକୁ ପରିବର୍ତ୍ତନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ସୃଷ୍ଟି କରିବା'। ଉଭୟ ପ୍ରେମ ଓ ରାଜକୁମାର ବଡ଼ବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଉଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS